# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୮/୨୦୨୫ (୧୨ ପୃଷ୍ଠା) | Bhubaneswar, Monday, September 8/2025 | Page 12 | ₹ 7.00 | BERHAMPUR

୫୧ଶ ଭାଗ ୨୮୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 284 | ମୂଲ୍ୟ ₹୭/-




**ସାବାଲେଙ୍କାଙ୍କୁ ୟୁଏସ୍ ଓପନ ଟାଇଟଲ**

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି ବେଲାରୁଷର ଆରିନା ସାବାଲେଙ୍କା।

୧୨

୦୨

**ଅଲ୍ଲୁ ଶ୍ରେଷ୍ଠ ଅଭିନେତା, ରଶ୍ମିକା ଶ୍ରେଷ୍ଠ ଅଭିନେତ୍ରୀ**

'ଏସ୍‌ଆଇଆଇଏମ୍‌ଏ ୨୦୨୫'ରେ ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିର ଶ୍ରେଷ୍ଠ ଅଭିନେତା ଭାବେ ଅଲ୍ଲୁ ଅର୍ଜୁନଙ୍କୁ ଓ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ରଶ୍ମିକା ମନ୍ଦାନାଙ୍କୁ ସମ୍ମାନିତ କରାଯାଇଛି।





ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

## ସାର ପାଇଁ ରାସ୍ତାରେ ଚାଷୀ

ରାଜ୍ୟର ବିଭିନ୍ନ ଜିଲାରେ ୟୁରିଆ ସାରର ଅଭାବ ଦେଖାଦେଇଛି। ସାର ପାଇଁ କେଉଁଠି ଚାଷୀମାନେ ଗୋଦାମ ଆଗରେ ଅନିଦ୍ରା ହୋଇ ରାତିରୁ ଲମ୍ବା ଲାଇନ୍ ଲଗାଇଲେଣି ତ କେଉଁଠି ରାସ୍ତା ଅବରୋଧ କଲେଣି। ଶନିବାର କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଏବଂ ଭବାନୀପାଟଣା ସରକାରୀ ସାର ବିକ୍ରୟ କେନ୍ଦ୍ର ସମ୍ମୁଖରେ ଚାଷୀମାନେ ଲମ୍ବା ଧାଡ଼ି ଲଗାଇଥିବାବେଳେ ବରଗଡ଼ ଜିଲା ଘେଁସଠାରେ ଏକ ୟୁରିଆ ସାର ବୋଝେଇ ଟ୍ରକ୍‌କୁ ଚାଷୀମାନେ ଅଟକାଇବା ସହ ଯୋଗାଣ କେନ୍ଦ୍ରକୁ ଘେରିଥିଲେ। ଅନୁରୂପ ଭାବେ ରବିବାର ମଧ୍ୟ ଦେବଗଡ଼ ଜିଲା ରିଆମାଳ ବ୍ଲକରେ ସାର ଅଭାବ ଏବଂ କଳାବଜାରକୁ ବିରୋଧ କରି ଶତାଧିକ ଚାଷୀ ରାସ୍ତାରୋକୋ କରିଥିବାବେଳେ ମାଲକାନଗିରି ଜିଲା ଏମ୍‌ଭି –୭୯ରେ ସମାନ ଅଭିଯୋଗ ଆଣି ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି। ରାଜ୍ୟରେ ସାର ଅଭାବ ନାହିଁ ବୋଲି ସରକାରୀସ୍ତରରେ କୁହାଯାଉଥିବାବେଳେ ବାସ୍ତବକ୍ଷେତ୍ରରେ ତାହା ଭିନ୍ନ ବୋଲି ଉପରୋକ୍ତ ଘଟଣାରୁ ମନେହେଉଛି। ସାର କଳାବଜାର କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଚାଷୀଙ୍କୁ ଠିକ୍‌ଭାବେ ସାର ଯୋଗାଇବାକୁ ଦାବି ହୋଇଛି।



ଚାଷୀମାନେ ସାର ନ ପାଇ ମାଲକାନଗିରି ଜିଲା କାଲିମେଲା ବ୍ଲକ ମହାରାଜପଲ୍ଲୀ ପଞ୍ଚାୟତ ସମ୍ମୁଖ ୩୨୬ ନମ୍ବର ଜାତୀୟ ରାଜପଥ ରବିବାର ଅବରୋଧ କରିଛନ୍ତି।

- **କଳାବଜାର ବିରୋଧରେ ଦେବଗଡ଼ରେ ଶତାଧିକ ଚାଷୀଙ୍କ ବିକ୍ଷୋଭ**
- **ମାଲକାନଗିରିରେ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ**

**ଦେବଗଡ଼/କାଲିମେଲା/ଏମ୍‌ଭି– ୭୯, ୭।୯ (ଶଶାଙ୍କ ଶେଖର ଝାଙ୍କର/ଜୀବନ କୃଷ୍ଣ ଦାସ/ଭିକି ବାରିକ)**

ଦେବଗଡ଼ ଜିଲାର ବିଭିନ୍ନ ଅଞ୍ଚଳରେ ବର୍ତ୍ତମାନ ଚାଷ ପାଇଁ ରୁଆ, ବେଉଷଣ କାର୍ଯ୍ୟ ଜାରି ରହିଛି। ଏପରିସ୍ଥଳେ ଚାଷୀଙ୍କୁ ୟୁରିଆ ସାରର ଆବଶ୍ୟକତା ରହିଛି। ସରକାର ୟୁରିଆ ସାର ବସ୍ତା ପ୍ରତି ୨୬୭ ଟଙ୍କା ଦର ଧାର୍ଯ୍ୟ କରିଛନ୍ତି। ହେଲେ ସମବାୟ ସମିତି ପକ୍ଷରୁ ଚାଷୀଙ୍କୁ ଯଥେଷ୍ଟ ପରିମାଣର ସାର ଯୋଗାଇ ଦିଆଯାଉନାହିଁ। ଏହାର ଫାଇଦା ଉଠାଇ ଘରୋଇ ଡିଲର ୟୁରିଆ ସାର ବସ୍ତା ୩୫୦ରୁ ଅଧିକ ଟଙ୍କାରେ ବିକ୍ରି କରୁଛନ୍ତି। ଠିକ୍ ସମୟରେ ୟୁରିଆ ସାର ନ ପାଇଲେ ଭଲ ଧାନ ଅମଳ କରିବାର ଆଶା ହରାଉଛନ୍ତି ଚାଷୀ। ଫଳରେ ସେମାନେ ଅନ୍ୟ ଉପାୟ ନ ପାଇ ଚଢ଼ାଦରରେ ସାର କିଣିବାକୁ ବାଧ୍ୟ ହେଉଛନ୍ତି। ରାତିବେଳା ☞ପୃଷ୍ଠା–୪

### ହକି ଏସିଆ କପ୍: ଭାରତ ଚାମ୍ପିୟନ

ରାଜଗିର(ବିହାର),୭।୯: ରାଜଗିର ହକି ଷ୍ଟାଡିୟମରେ ଚାଲିଥିବା ହକି ଏସିଆ କପର ୧୨ତମ ସଂସ୍କରଣରେ ଭାରତ ଚାମ୍ପିୟନ ହୋଇଛି। ପୂରା ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ରହିଥିବା ଆୟୋଜକ ଭାରତ ୪–୧ ଗୋଲରେ ଡିଫେଣ୍ଡିଂ ଚାମ୍ପିୟନ କୋରିଆକୁ ହରାଇ ଚତୁର୍ଥ ଥର ପାଇଁ ଚାମ୍ପିୟନ ହୋଇଛି। ଏହି ବିଜୟ ସହ ଭାରତୀୟ ଦଳ ଆସନ୍ତା ବର୍ଷ ହେବାକୁ ଥିବା ଏଫଆଇଏଚ୍ ହକି ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିଛି। (ବିସ୍ତୃତ ରିପୋର୍ଟ: ଖେଳ ପୃଷ୍ଠା)

**ଆଜିର ସମ୍ପାଦକୀୟ**

**କାଠଗୁଡ଼ା ଗଡ଼ିଗଲା**

## ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା

- **ନାଳରୁ ମିଳିଲା କ୍ଷତବିକ୍ଷତ ମୃତଦେହ**
- **ଦୋଷୀଙ୍କୁ ଧରିବା ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ**

**ବନ୍ତଳା, ୭।୯(ସୁଜିତ ସାହୁ)**

ଖେଳିବା ପାଇଁ ଘରୁ ବାହାରକୁ ଯାଇଥିବା ଜଣେ ୧୧ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ଏନେଇ ନାବାଳିକାଙ୍କ ବାପା ରବିବାର ଅନୁଗୋଳ ସଦର ଥାନାରେ ଅଭିଯୋଗ କରିଛନ୍ତି। ଘଟଣା ଘଟିଛି ଅନୁଗୋଳ ବ୍ଲକ ବାଲୁଅଁକଟା ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗାଁରେ। ନାବାଳିକାଙ୍କ ଭାଇଙ୍କ କହିବା ଅନୁଯାୟୀ, ଶନିବାର ଅପରାହ୍ନ ୩ଟା ବେଳେ ସମ୍ପୃକ୍ତ ନାବାଳିକା ଖେଳିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇପଡ଼ିଥିଲେ। ଏନେଇ ରାତି ୧୦ଟାରେ ପରିବାର ଲୋକେ ଅନୁଗୋଳ ସଦର ଥାନାରେ ଅଭିଯୋଗ କରିଥିଲେ। ରବିବାର ସକାଳେ ପୁନର୍ବାର ଖୋଜିବାକୁ ଯାଇ ନାବାଳିକାଙ୍କ ☞ପୃଷ୍ଠା–୪

## ରୁଷିଆର କ୍ୟାନ୍‌ସର ଟିକା ବ୍ୟବହାର ପାଇଁ ପ୍ରସ୍ତୁତ

**ମସ୍କୋ,୭।୯**

ରୁଷୀୟ ବୈଜ୍ଞାନିକମାନେ ବିକଶିତ କରିଥିବା ନୂଆ କ୍ୟାନ୍‌ସର ଟିକାର ସଫଳ କ୍ଲିନିକାଲ ପରୀକ୍ଷା ପରେ ତାହା ଏବେ ବ୍ୟବହାର ପାଇଁ ପ୍ରସ୍ତୁତ ହୋଇଥିବା ଫେଡେରାଲ ମେଡିକାଲ ଆଣ୍ଡ ବାୟୋଲୋଜିକାଲ ଏଜେନ୍ସି (ଏଫ୍‌ଏମ୍‌ବିଏ) ପକ୍ଷରୁ କୁହାଯାଇଛି। ଇଷ୍ଟର୍ନ ଇକୋନୋମିକ୍ ଫୋରମ୍‌ରେ ଏଫ୍‌ଏମ୍‌ବିଏ ମୁଖ୍ୟ ଭେରୋନିକା ସ୍କୋର୍ଟସୋଭା ଏହା ଘୋଷଣା କରିଛନ୍ତି। କୋଭିଡ୍–୧୯ ଭାକ୍ସିନରେ ବ୍ୟବହୃତ ଦୃଷ୍ଟିକୋଣ ଏମ୍‌ଆର୍‌ଏନ୍‌ଏ ଟେକ୍ନୋଲୋଜି ଆଧାରରେ ଇଣ୍ଟେରୋମିକ୍ସ ନାମକ କ୍ୟାନ୍‌ସର ଟିକା ପ୍ରସ୍ତୁତ ହୋଇଛି। ଦୁର୍ବଳ ଭୂତାଣୁ ବ୍ୟବହାର କରିବା ପରିବର୍ତ୍ତେ ଏମ୍‌ଆର୍‌ଏନ୍‌ଏ ଭାକ୍ସିନ୍ ଶରୀରର କୋଷଗୁଡ଼ିକୁ ପ୍ରୋଟିନ୍ ଉତ୍ପନ୍ନ କରିବାକୁ ଶିଖାଇଥାଏ, ଯାହା କ୍ୟାନ୍‌ସର ସେଲ୍ ବିରୋଧରେ ପ୍ରତିରୋଧ କ୍ଷମତା ବଢ଼ାଇଥାଏ।


DSPL-248




ଓମ୍‌ଫେଡ୍
କ୍ଷୀର ଓଡ଼ିଶାର

ପ୍ରଧାନମନ୍ତ୍ରୀ
ଶ୍ରୀ ନରେନ୍ଦ୍ର ମୋଦୀ ଓ
ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କୁ
ଆନ୍ତରିକ ଧନ୍ୟବାଦ




ପନିର ଓ ୟୁଏଚଟି ମିଲ୍କରୁ ଜିଏସଟି ଛାଡ ଏବଂ ବଟର, ଘିଅ, ଆଇସକ୍ରିମ୍ ପରି ଦୁଗ୍ଧଜାତ ଦ୍ରବ୍ୟ ଉପରେ ଜିଏସଟି ହ୍ରାସ ପାଇଁ ଓମଫେଡ଼ ସହ ଜଡ଼ିତ ଓଡ଼ିଶାର ଅଗଣିତ ଗୋପାଳକ, ଦୁଗ୍ଧଉତ୍ପାଦକ ଓ ଦୁଗ୍ଧଜାତ ଦ୍ରବ୍ୟ ବ୍ୟବହାରକାରୀଙ୍କ ତରଫରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଆନ୍ତରିକତାର ସହ ଧନ୍ୟବାଦ ଅର୍ପଣ କରୁଛୁ।

ସରକାରଙ୍କ ଏପରି ଯୁଗାନ୍ତକାରୀ ପଦକ୍ଷେପ ଓମ୍‌ଫେଡ୍ ସହ ଜଡ଼ିତ ପ୍ରାୟ ଚାରି ହଜାର ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ଅଢେଇ ଲକ୍ଷ ଗୋପାଳକଙ୍କୁ ଲାଭବାନ କରିବ । ଓମ୍‌ଫେଡ୍ ପ୍ରସ୍ତୁତ ଦୁଗ୍ଧଜାତ ଦ୍ରବ୍ୟ ବ୍ୟବହାର କରୁଥିବା ରାଜ୍ୟର ପ୍ରାୟ ଦୁଇ କୋଟିରୁ ଊର୍ଦ୍ଧ୍ୱ ଗ୍ରାହକ ଏହି ଐତିହାସିକ ନିଷ୍ପତ୍ତି ମାଧ୍ୟମରେ ଉପକୃତ ହେବେ । ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଉତ୍ପାଦନ ଓ ବିପଣନରେ ଓମଫେଡ଼ ସର୍ବଦା ଗୁଣାତ୍ମକ ମାନ ବଜାୟ ରଖିଆସିଛି। ଉଚ୍ଚ ଗୁଣବତ୍ତା ଓ ଶୁଦ୍ଧତା ପାଇଁ ଏହା ଗ୍ରାହକଙ୍କ ବିଶ୍ୱାସଭାଜନ ହେବା ସହ ଓଡ଼ିଆ ଅସ୍ମିତାର ଉପଯୁକ୍ତ ଉଦାହରଣ ସାଜିଛି।

ଜିଏସଟି ହ୍ରାସ ମାଧ୍ୟମରେ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ଓମଫେଡ଼ ସହ ସଂଲଗ୍ନ ଦୁଗ୍ଧଉତ୍ପାଦକ ଓ ଗ୍ରାହକଙ୍କ ମୁହଁରେ ହସ ଫୁଟାଇବା ସାଙ୍ଗକୁ ସରକାରଙ୍କ ପ୍ରତି ଗଭୀର ବିଶ୍ୱାସର ବାତାବରଣ ସୃଷ୍ଟି କରିବ।

ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧଉତ୍ପାଦକ ମହାସଂଘ ଲିମିଟେଡ୍









OIPR-06063/13/0222/2526

## ଆମେରିକା ସାମଗ୍ରୀ ଉପରେ ୭୫% ଟାରିଫ୍ ଲଗାଅ

### ପ୍ରଧାନମନ୍ତ୍ରୀଙ୍କୁ କେଜ୍‌ରିୱାଲଙ୍କ ଆହ୍ୱାନ

**ରାଜକୋଟ,୭।୯**

ଭାରତରୁ ରପ୍ତାନି ସାମଗ୍ରୀ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ୍ ଲଗାଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ସାହସ ଥିଲେ ଆମେରିକାରୁ ଆମଦାନୀ ସାମଗ୍ରୀ ଉପରେ ୭୫ ପ୍ରତିଶତ ଟାରିଫ୍ ଲଗାଇବାକୁ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଆବାହକ ଅରବିନ୍ଦ କେଜ୍‌ରିୱାଲ ରବିବାର ଆହ୍ୱାନ ଦେଇଛନ୍ତି। ଏକ ଖବରଦାତା ସମ୍ମିଳନୀରେ କେଜ୍‌ରିୱାଲ କହିଛନ୍ତି, ଆମେରିକାରୁ ଆମଦାନୀ ତୁଳା ଉପରେ ଭାରତ ଡିସେମ୍ବର ୩୧ ପର୍ଯ୍ୟନ୍ତ ୧୧ ପ୍ରତିଶତ ଶୁଳ୍କ ଛାଡ଼ କରିଥିବାରୁ ଏହା ଭାରତୀୟ କପାଚାଷୀଙ୍କୁ କ୍ଷତିଗ୍ରସ୍ତ କରିଛି। ଏହା ଆମେରିକା ଚାଷୀଙ୍କୁ ଧନୀ କରିବା ସହ ଗୁଜରାଟ ଚାଷୀଙ୍କୁ ଗରିବ କରିଦେବ ବୋଲି ସେ କହିଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ସାହସ ଦେଖାନ୍ତୁ, ତାଙ୍କ ପଛରେ ସାରା ଦେଶ ଛିଡ଼ା ହୋଇଛି। ଆମେରିକାର ୫୦% ଟାରିଫ୍ ଜବାବରେ ଭାରତ ଆମେରିକାରୁ ଆସୁଥିବା ସାମଗ୍ରୀ ଉପରେ ୭୫% ଶୁଳ୍କ ଲଗାଉ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଥିରେ ନଇଁଛନ୍ତି କି ନାହିଁ ଦେଖାଯାଉ ବୋଲି ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି।

ଦିଲ୍ଲୀରେ ଆଜି




ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟଠାରେ ରବିବାର କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବ୍ୟ, ବିଜେୱାଇଏମ୍ ଅଧ୍ୟକ୍ଷ ତେଜସ୍ୱୀ ସୂର୍ଯ୍ୟ ଏବଂ ଅଭିନେତା ତଥା ମଡେଲ ମିଲିନ୍ଦ ସୋମନ 'ନମୋ ଯୁବ ରନ୍ ଫର୍ ନଶାମୁକ୍ତ ଭାରତ'ର ଶୁଭାରମ୍ଭ କରୁଛନ୍ତି। (ଫଟୋ: ଚମନ ଗୌତମ)

## ଶରଣ ଆଶାୟୀ ୟୁକ୍ରେନୀୟ ମହିଳାଙ୍କୁ ଆମେରିକାରେ ହତ୍ୟା

**ୱାଶିଂଟନ,୭।୯**

ଯୁଦ୍ଧ କ୍ଷତିଗ୍ରସ୍ତ ୟୁକ୍ରେନ୍‌ରୁ ପଳାଇଆସି ଆମେରିକାରେ ଶରଣ ନେବାକୁ ଚାହୁଁଥିବା ଜଣେ ୨୩ ବର୍ଷୀୟା ମହିଳାଙ୍କୁ ଟ୍ରେନ୍‌ରେ ଛୁରିଭୁସି ହତ୍ୟା କରାଯାଇଛି। ଇରିନା ଜାରୁତ୍‌ସ୍କା ନାମ୍ନୀ ମହିଳା ଗତ ମାସ ୨୨ ତାରିଖରେ ଲିନ୍‌କ୍ସ ବ୍ଲୁଲାଇନ୍ ଟ୍ରେନ୍ ଧରିବା ବେଳେ ୟୁନିଫର୍ମରେ ଥିଲେ। ଚାର୍ଲୋଟେ ଏରିଆ ଟ୍ରାଞ୍ଜିଟ୍ ସିଷ୍ଟମ୍ ଦ୍ୱାରା ଜାରି ସର୍ଭିଲାନ୍ସ ଫୁଟେଜ୍‌ରୁ ମହିଳା ଜଣକ ଟ୍ରେନ୍‌ରେ ନିଜ ଫୋନ୍‌ରେ ବ୍ୟସ୍ତ ରହିଥିବା ଓ ବିପଦ ସମ୍ପର୍କରେ ଅବଗତ ନ ଥିବା ଜଣାପଡ଼ିଛି। ଏହାର ମାତ୍ର ୪ ମିନିଟ୍ ପରେ ଡେକାର୍ଲୋସ୍ ବ୍ରାଉନ୍ ଜୁନିୟର(୩୪) ନାମକ ଜଣେ ପୂର୍ବତନ ଅଭିଯୁକ୍ତ ଏକ ଫୋଲ୍ଡିଂ ଛୁରିରେ ତାଙ୍କୁ ୩ ଥର ଆକ୍ରମଣ କରିଥିଲେ ବୋଲି ପୋଲିସ କହିଛି। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଜାରୁତ୍‌ସ୍କାଙ୍କ ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ଷ୍ଟେଶନରେ ବ୍ରାଉନ୍ ଟ୍ରେନ୍‌ରୁ ଓହ୍ଲାଇଯାଇଥିଲେ। ପୋଲିସ ତାଙ୍କୁ ଗିରଫ କରିଛି। କୋର୍ଟ ରେକର୍ଡ ଅନୁଯାୟୀ ବ୍ରାଉନ୍‌ଙ୍କ ନାମରେ ୨୦୧୧ରୁ ଡକାୟତି, ବିପଜ୍ଜନକ ଅସ୍ତ୍ର ରଖିବା ଆଦି ବହୁ ଅପରାଧ ମାମଲା ରହିଛି। ସେ ୫ ବର୍ଷ ଜେଲରେ ରହିବା ପରେ ଜାନୁଆରୀରେ ପୁଣିଥରେ ଗିରଫ ହୋଇଥିଲେ।

## ଜାପାନ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା



ଶିଗେରୁ ଇଶିବା

**ଟୋକିଓ,୭।୯**

ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବା ନିଜ ପଦରୁ ଇସ୍ତଫା ଦେବାକୁ ରବିବାର ଘୋଷଣା କରିଛନ୍ତି। ଜୁଲାଇରେ ହୋଇଥିବା ସଂସଦୀୟ ନିର୍ବାଚନରେ ପରାଜୟ ପାଇଁ ନିଜକୁ ଦାୟୀ କରିବାକୁ ଇଶିବାଙ୍କ ଉପରେ ତାଙ୍କ ଦଳ ଚାପ ପକାଇ ଆସୁଥିଲା। ଗତବର୍ଷ ଅକ୍ଟୋବରରେ କ୍ଷମତାକୁ ଆସିଥିବା ଇଶିବା ମାସେରୁ ଊର୍ଦ୍ଧ୍ୱ ସମୟ ହେଲା ନିଜ ଦଳ ଭିତରେ ଦକ୍ଷିଣପନ୍ଥୀ ବିରୋଧୀଙ୍କ ଦାବିକୁ ବିରୋଧ କରିଆସୁଥିଲେ। ଜାପାନ ଅନେକ ଆଭ୍ୟନ୍ତରୀଣ ଏବଂ ବାହ୍ୟ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିବାବେଳେ ଏଭଳି ସମୟରେ ଇସ୍ତଫା ଦେବା ରାଜନୈତିକ ଶୂନ୍ୟସ୍ଥାନ ସୃଷ୍ଟି କରିବ ବୋଲି ସେ କହୁଥିଲେ। ତେବେ ଲିବେରାଲ ଡେମୋକ୍ରାଟିକ୍ ପାର୍ଟି (ଏଲ୍‌ଡିପି) ଆଗୁଆ ନେତା ନିର୍ବାଚନ ପାଇଁ ସୋମବାର ନିଷ୍ପତ୍ତି ନେବାକୁ ଥିବାବେଳେ ଏହାର ଦିନକ ପୂର୍ବରୁ ସେ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏକ ଟେଲିଭିଜନ ପ୍ରେସ୍ କନ୍‌ଫରେନ୍ସରେ ଇଶିବା କହିଛନ୍ତି, ସେ ଦଳର ପରବର୍ତ୍ତୀ ନେତା ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବେ। ଜୁଲାଇରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ସଂସଦୀୟ ନିର୍ବାଚନରେ ଇଶିବାଙ୍କ ଶାସକ ମେଣ୍ଟ ୨୪୮ ଆସନ ବିଶିଷ୍ଟ ଉଚ୍ଚ ସଦନରେ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବିଫଳ ହୋଇଥିଲା। ଫଳରେ ତାଙ୍କ ସରକାରଙ୍କ ସ୍ଥାୟିତ୍ୱ ଦୋହଲିଯାଇଥିଲା। ପୂର୍ବରୁ ହୋଇଥିବା ନିମ୍ନ ସଦନ ନିର୍ବାଚନରେ ମଧ୍ୟ ତାଙ୍କ ନେତୃତ୍ୱାଧୀନ ମେଣ୍ଟ ସଂଖ୍ୟାଗରିଷ୍ଠତା ହରାଇଥିଲା।

## ୟୁକ୍ରେନ୍ କ୍ୟାବିନେଟ୍ ବିଲ୍ଡିଂରେ ରୁଷିଆର ଆକ୍ରମଣ

**କିଭ୍,୭।୯**

ୟୁକ୍ରେନ୍ ରାଜଧାନୀ କିଭ୍‌ରେ ରୁଷିଆ ରବିବାର ସବୁଠୁ ବଡ଼ ଆକ୍ରମଣ କରିଛି। ଯୁଦ୍ଧ ଆରମ୍ଭ ଦିନରୁ ଏଭଳି ବଡ଼ ଏୟାରଷ୍ଟ୍ରାଇକ୍ କେବେ ହୋଇ ନ ଥିଲା। ଏଥିରେ ଜଣେ ଶିଶୁଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିବା ସହ ୧୮ ଜଣ ଆହତ ହୋଇଛନ୍ତି। କେନ୍ଦ୍ରୀୟ କିଭ୍‌ରେ ୟୁକ୍ରେନ୍ କ୍ୟାବିନେଟ ଥିବା ସରକାରୀ ବିଲ୍ଡିଂ ଉପରେ ରୁଷିଆ ସୈନ୍ୟ ଆକ୍ରମଣ କରିବାରୁ ସେଠାରେ ନିଆଁ ଲାଗିଯାଇଛି। କ୍ୟାବିନେଟ୍ ବିଲ୍ଡିଂର ଉପର ମହଲାରୁ ଘନ କଳାଧୂଆଁର କୁଣ୍ଡଳୀ ଉଠୁଥିବା ଦେଖିବାକୁ ମିଳିଛି। ଏହାର ଜବାବରେ ୟୁକ୍ରେନ୍ ବ୍ରାନ୍‌ସ୍କ ଅଞ୍ଚଳରେ ଥିବା ରୁଷିଆର ଡ୍ରୁଝ୍‌ବା ତୈଳ ପାଇପ୍ ଲାଇନ ଉପରେ ଆକ୍ରମଣ କରିଛି।

କିଭ୍‌କୁ ଲକ୍ଷ୍ୟ କରି ରୁଷିଆ ୮୦୫ଟି ଡ୍ରୋନ୍ ଏବଂ ୧୩ଟି ମିଶାଇଲ୍ ଛାଡ଼ିଥିବାବେଳେ ୟୁକ୍ରେନ୍ ସେଥିରୁ ୭୪୭ଟି ଡ୍ରୋନ୍ ଏବଂ ୪ଟି ମିଶାଇଲ୍‌କୁ ଖସାଇଦେଇଛି। ଅବଶିଷ୍ଟ ୫୬ଟି ଡ୍ରୋନ୍ ଏବଂ ୯ଟି ମିଶାଇଲ୍ ୟୁକ୍ରେନ୍‌ର ୩୭ଟି ସ୍ଥାନରେ ମାଡ଼ ହୋଇଛି। ସୂଚନାଯୋଗ୍ୟ, ମସ୍କୋ ଏପର୍ଯ୍ୟନ୍ତ କେବେ କିଭ୍‌ର ସରକାରୀ ବିଲ୍ଡିଂକୁ ଟାର୍ଗେଟ କରି ନ ଥିବାବେଳେ ପ୍ରଥମ ଥର ଏଭଳି ଆକ୍ରମଣ କରିଛି। କ୍ୟାବିନେଟ୍ ବିଲ୍ଡିଂରେ ୟୁକ୍ରେନ୍ ମନ୍ତ୍ରୀମାନଙ୍କ କାର୍ଯ୍ୟାଳୟ ରହିଛି। ନିଆଁ ଲିଭାଇବା ଓ ଆହତମାନଙ୍କୁ ନେବା ପାଇଁ ଦମକଳ ଗାଡ଼ି ଓ ଆମ୍ବୁଲାନ୍ସ ଉକ୍ତ ବିଲ୍ଡିଂ ନିକଟରେ ପହଞ୍ଚିଥିବାବେଳେ ବାହାର ଲୋକଙ୍କ ପ୍ରବେଶକୁ ରୋକାଯାଇଛି।

### ୮୦୫ ଡ୍ରୋନ୍ ସହ ମସ୍କୋର ସବୁଠୁ ବଡ଼ ଆକ୍ରମଣ



ପ୍ରଥମ ଥର ପାଇଁ ଶତ୍ରୁପକ୍ଷର ଆକ୍ରମଣରେ ସରକାରୀ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଥିବା ୟୁକ୍ରେନ୍ ପ୍ରଧାନମନ୍ତ୍ରୀ ୟୁଲିଆ ସ୍ୱିରିଡେଙ୍କୋ କହିଛନ୍ତି। ଏଭଳି ଧ୍ୱଂସର ଜବାବ ବିଶ୍ୱ କଥାରେ ନୁହେଁ କାମରେ ଦେବା ଜରୁରୀ। ରୁଷିଆ ତୈଳ ଓ ଗ୍ୟାସ୍ ବିରୋଧରେ କଟକଣାକୁ ଆହୁରି ବଢ଼ାଇବା ଆବଶ୍ୟକ ବୋଲି ସ୍ୱିରିଡେଙ୍କୋ କହିଛନ୍ତି।

ୟୁକ୍ରେନ୍ ଯୁଦ୍ଧ ଥମିବାର ନାଁ ନେଉନାହିଁ। ଶାନ୍ତି ଆଲୋଚନା ଆଶା ମଧ୍ୟ ମଉଳିବାରେ ଲାଗିଛି। ୨ ସପ୍ତାହ ମଧ୍ୟରେ କିଭ୍‌କୁ ଟାର୍ଗେଟ କରି ରୁଷିଆ ଦୁଇଥର ବଡ଼ ଆକ୍ରମଣ କଲାଣି। ଯୁଦ୍ଧ ବନ୍ଦ ହେବା ପରେ କ୍ଷତିଗ୍ରସ୍ତ ଅଞ୍ଚଳରେ 'ରିଆସୁରାନ୍ସ ଫୋର୍ସ' ଭାବେ ୟୁକ୍ରେନ୍‌ର ୨୬ ସହଯୋଗୀ ଦେଶ ସୈନ୍ୟ ମୁତୟନ କରିବେ ବୋଲି କିଛିଦିନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ଯୁଦ୍ଧ ବନ୍ଦ ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଉପରେ ସେମାନେ ଚାପ ପକାଇଥିଲେ।

## ପଞ୍ଜାବ ବନ୍ୟାରେ ୧୩,୨୮୯ କୋଟି କ୍ଷତି

### ୯ରେ ପ୍ରଭାବିତ ଅଞ୍ଚଳ ଗସ୍ତ କରିବେ ପ୍ରଧାନମନ୍ତ୍ରୀ

**ଚଣ୍ଡିଗଡ଼,୭।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୯ରେ ପଞ୍ଜାବ ଗସ୍ତ କରି ବନ୍ୟା ସ୍ଥିତିର ସମୀକ୍ଷା କରିବେ। ସେ ଆକାଶ ମାର୍ଗରୁ ପଞ୍ଜାବର ସୀମାନ୍ତ ଜିଲାଗୁଡ଼ିକ ସମେତ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକର ସର୍ଭେ କରିବେ। ପ୍ରଧାନମନ୍ତ୍ରୀଙ୍କ ପଞ୍ଜାବ ଗସ୍ତ ନେଇ ସରକାରୀ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି ଏବଂ ଏହା ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିବା ନେଇ ପଞ୍ଜାବ ଭାଜପା ସଭାପତି ସୁନୀଲ ଝାକର ସୂଚନା ଦେଇଛନ୍ତି। ଏହାସହ ସେ ପଡ଼ୋଶୀ ହିମାଚଳ ପ୍ରଦେଶକୁ ମଧ୍ୟ ଗସ୍ତ କରିବେ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ତେବେ ବନ୍ୟା ଯୋଗୁ ପଞ୍ଜାବକୁ ୧୩ ହଜାର ୨୮୯ କୋଟି ଟଙ୍କାର କ୍ଷତି ହୋଇଥିବା ନେଇ ରାଜ୍ୟ ସରକାର ଆକଳନ କରିଛନ୍ତି। ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତ ବିଭାଗ ସହ ଜଡ଼ିତ ଭିତ୍ତିଭୂମି କ୍ଷେତ୍ରରେ ସର୍ବାଧିକ ୫,୦୪୩ କୋଟି ଟଙ୍କାର କ୍ଷତି ହୋଇଥିବାବେଳେ ୧,୮୫୮ କୋଟି ଟଙ୍କାର ଫସଲ ନଷ୍ଟ, ଏବଂ ୧,୫୨୦ କୋଟି ଟଙ୍କାର ଜଳ ଯୋଗାଣ କ୍ଷତି ହୋଇଥିବା ନେଇ ରାଜ୍ୟ ସରକାର ଆକଳନ କରିଛନ୍ତି। ରାଜ୍ୟର ମଣ୍ଡି ବୋର୍ଡ ଗୁଡ଼ିକୁ ୧,୦୨୨ କୋଟି ଟଙ୍କା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରକୁ ୭୮୦ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଥିବା ନେଇ ଆକଳନ ହୋଇଛି। ସେହିପରି କୃଷି କ୍ଷେତ୍ରକୁ ୩୧୭ କୋଟି, ଶିକ୍ଷା କ୍ଷେତ୍ରକୁ ୫୪୨ କୋଟି ଏବଂ ଶକ୍ତି କ୍ଷେତ୍ରକୁ ୧୦୩ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ଏନେଇ ରାଜ୍ୟର ଅଧିକାରୀମାନେ କେନ୍ଦ୍ରୀୟ ଦଳଗୁଡ଼ିକୁ ରିପୋର୍ଟ ପ୍ରଦାନ କରିଛନ୍ତି। ତେଣୁ ଏହି କ୍ଷତିପୂରଣ ପାଇଁ ପଞ୍ଜାବ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ରିଲିଫ୍ ପ୍ୟାକେଜ୍ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଇ ଆସୁଛି।

## ଅନୁପର୍ଣ୍ଣା ରଏ ଶ୍ରେଷ୍ଠ ନିର୍ଦ୍ଦେଶିକା

**ନୂଆଦିଲ୍ଲୀ, ୭।୯ (ପି.ଟି.)**

ଭେନିସ୍ ଫିଲ୍ମ ଫେଷ୍ଟିଭାଲର ୮୨ତମ ସଂସ୍କରଣରେ ଭାରତୀୟ ଫିଲ୍ମ ନିର୍ମାତା ଅନୁପର୍ଣ୍ଣା ରଏ ଇତିହାସ ରଚିଛନ୍ତି। ସେ ତାଙ୍କ ଫିଲ୍ମ 'ସଙ୍ଗ୍‌ସ୍ ଅଫ୍ ଫର୍‌ଗଟେନ୍ ଟ୍ରିସ୍' ପାଇଁ ଓରିଜୋଣ୍ଟି ସେକ୍ସନରେ ଶ୍ରେଷ୍ଠ ନିର୍ଦ୍ଦେଶିକା ଭାବେ ପୁରସ୍କାର ଜିତିଛନ୍ତି। ସାଧାରଣତଃ ଯୁବ ପ୍ରତିଭା, ଡେବ୍ୟୁ କରୁଥିବା କଳାକାର, ସ୍ୱଦେଶୀ ଫିଚର, ନୂତନ ଟ୍ରେଣ୍ଡଙ୍କୁ ଦର୍ଶାଉଥିବା ଚଳଚ୍ଚିତ୍ରଗୁଡ଼ିକୁ ଓରିଜୋଣ୍ଟି ପ୍ରତିଯୋଗିତା ସେକ୍ସନରେ ସ୍ଥାନିତ କରାଯାଇଥାଏ। ପ୍ରଥମ ଭାରତୀୟ ନିର୍ଦ୍ଦେଶକ ଭାବେ ଏହି ବିଭାଗରେ ଅନୁପର୍ଣ୍ଣା ସମ୍ମାନିତ ହୋଇଛନ୍ତି।

ମୁମ୍ବାଇରେ ୨ ପ୍ରବାସୀ ମହିଳାଙ୍କ ଦୈନନ୍ଦିନ ଜୀବନକୁ ନେଇ 'ସଙ୍ଗ୍‌ସ୍ ଅଫ୍ ଫର୍‌ଗଟେନ୍ ଟ୍ରିସ୍' ଫିଲ୍ମ ଆଧାରିତ। ଅନୁରାଗ କଶ୍ୟପ ଏହି ଫିଲ୍ମର ପ୍ରୋଯୋଜକ ଅଛନ୍ତି। ଶନିବାର ଆୟୋଜିତ ଉତ୍ସବରେ ଭେନିସ୍ ଫିଲ୍ମ ଫେଷ୍ଟିଭାଲ ଓରିଜୋଣ୍ଟି ଜୁରିର ଅଧ୍ୟକ୍ଷ ତଥା ଫରାସୀ ଫିଲ୍ମ ନିର୍ମାତା ଜୁଲିଆ ଡକ୍ୟୁର୍ନୁ ଅନୁପର୍ଣ୍ଣାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

### ଭେନିସ୍ ଫିଲ୍ମ ଫେଷ୍ଟିଭାଲ



## ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଏନ୍‌ଡିଏର କର୍ମଶାଳା

- ପଛ ଧାଡ଼ିରେ ବସିଲେ ପ୍ରଧାନମନ୍ତ୍ରୀ
- ଆଜି ବିରୋଧୀ ଏମ୍‌ପିଙ୍କ ମକ୍ ପୋଲ୍

**ନୂଆଦିଲ୍ଲୀ,୭।୯**

ଉପରାଷ୍ଟ୍ରପତି ନିର୍ବାଚନ ମଙ୍ଗଳବାର ହେବାକୁ ଥିବାବେଳେ ଏଥିପାଇଁ ଶାସକ ଓ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ତତ୍ପରତା ଦେଖାଦେଇଛି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ଏମ୍‌ପିମାନେ ଶକ୍ତିପ୍ରଦର୍ଶନ ପାଇଁ ରବିବାରଠାରୁ ୨ ଦିନିଆ କର୍ମଶାଳାରେ ଏକାଠି ହୋଇଛନ୍ତି। ପାର୍ଲାମେଣ୍ଟ କମ୍ପ୍ଲେକ୍ସର ଜିଏମ୍‌ସି ବାଲଯୋଗୀ ଅଡିଟୋରିୟମ୍‌ରେ ଆୟୋଜିତ କର୍ମଶାଳାରେ ଯୋଗ ଦେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଛ ଧାଡ଼ିରେ ବସିଥିବା ଦେଖାଯାଇଛି। ସେହିପରି ବିରୋଧୀ ଏମ୍‌ପିମାନେ ସୋମବାର ଏକାଠି ହୋଇ ମକ୍ ପୋଲ୍‌ରେ ଭାଗନେବେ। ଉପରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦେବା ପ୍ରକ୍ରିୟା ସମ୍ପର୍କରେ ସେମାନଙ୍କୁ ଅବଗତ କରାଯିବ। କଂଗ୍ରେସ ଅଧ୍ୟକ୍ଷ ସୋମବାର ସନ୍ଧ୍ୟାରେ ବିରୋଧୀ ଏମ୍‌ପିମାନଙ୍କ ପାଇଁ ଏକ ନୈଶଭୋଜିର ଆୟୋଜନ କରିଥିବା ଇଣ୍ଡିଆ ବ୍ଲକ୍ ସୂତ୍ରରୁ କୁହାଯାଇଛି। ସୋମବାର ଅପରାହ୍ନ ୨ଟା ୩୦ ମିନିଟ୍ ସମୟରେ ସମ୍ବିଧାନ ସଦନର ସେଣ୍ଟ୍ରାଲ ହଲ୍‌ରେ ମକ୍ ପୋଲ୍ ଅନୁଷ୍ଠିତ ହେବ। ୯ ତାରିଖରେ ଶାସକ ଏନ୍‌ଡିଏ ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ ଏବଂ ବିରୋଧୀ ଦଳଗୁଡ଼ିକର ମିଳିତ ପ୍ରାର୍ଥୀ ବି. ସୁଦର୍ଶନ ରେଡ୍ଡୀଙ୍କ ମଧ୍ୟରେ ସିଧାସଳଖ ଲଢ଼େଇ ହେବାକୁ ଯାଉଛି। ଶାସକ ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ସଂଖ୍ୟା ରହିଥିବାବେଳେ ଏହାକୁ ଏକ ଆଦର୍ଶଗତ ଲଢ଼େଇ ବୋଲି ବିରୋଧୀ କହିଛନ୍ତି।



ଏନ୍‌ଡିଏ କର୍ମଶାଳାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନ୍ୟ ଏମ୍‌ପିମାନଙ୍କ ସହ ପଛ ଆସନରେ ବସିଛନ୍ତି।

# ଫୁର୍‌ସତ

## ସମୁଦ୍ର ଭିତରେ ଗର୍ଲଫ୍ରେଣ୍ଡଙ୍କୁ ପ୍ରପୋଜ

**ମସ୍କୋ:** ସମ୍ପ୍ରତି ପ୍ରେମୀଯୁଗଳ ପରସ୍ପରକୁ ପ୍ରପୋଜ କରିବାର ବିଭିନ୍ନ ନୂତନ ପନ୍ଥା ଆପଣାଉଛନ୍ତି। କେତେଜଣ ସାର୍ବଜନୀନ ସ୍ଥାନରେ ପ୍ରପୋଜ କରିବାକୁ ପସନ୍ଦ କରନ୍ତି ତ ଆଉ କେତେଜଣ ବ୍ୟକ୍ତିଗତ ଭାବେ ନିଜ ପ୍ରେମୀଙ୍କୁ ପ୍ରପୋଜ କରିବାକୁ ପସନ୍ଦ କରିଥାନ୍ତି। ନିକଟରେ ରୁଷିଆର କ୍ରାସ୍‌ନୋୟାର୍ସ୍କ ବାସିନ୍ଦା ତଥା ଯୁବ ଡାଇଭର ଡାନିଲ (୨୧) ତାଙ୍କ ଗର୍ଲଫ୍ରେଣ୍ଡ ନାସ୍ତ୍ୟା (୨୧)ଙ୍କୁ ଏକ ନିଆରା ଉପାୟରେ ପ୍ରପୋଜ୍ କରିଛନ୍ତି। ନିକଟରେ ପୂର୍ବ ୟୁରୋପର କ୍ରିମେଆ ଉପଦ୍ୱୀପସ୍ଥିତ ବ୍ଲାକ ସି'ର କେପ୍ ତାର୍ଖାନକୁଟ ଉପକୂଳରେ ଡାନିଲ ଗର୍ଲଫ୍ରେଣ୍ଡ ନାସ୍ତ୍ୟାଙ୍କ ସହ ମିଶି ଡାଇଭିଂ କରିଥିଲେ। ଏହା ନାସ୍ତ୍ୟାଙ୍କର ପ୍ରଥମ ଡାଇଭ ଥିଲା। ତେବେ ଏହି ଡାଇଭରେ ନାସ୍ତ୍ୟାଙ୍କୁ ପ୍ରପୋଜ କରି ଡାନିଲ ଏହାକୁ ଏକ ସ୍ମରଣୀୟ ଅଭିଜ୍ଞତାରେ ପରିଣତ କରିଥିଲେ।



ସମୁଦ୍ର ମଧ୍ୟରେ ନାସ୍ତ୍ୟା ପଥୁରିଆ ସମୁଦ୍ର ଭୂମିକୁ ଅନୁଧ୍ୟାନ କରୁଥିଲେ। ଏହି ସମୟରେ ପଛକୁ ଚାହିଁବା ମାତ୍ରେ ସେ ଡାନିଲଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଡାନିଲ୍ ତାଙ୍କ ନିକଟରେ ହାତରେ ଏକ ଖୋଲା ରିଙ୍ଗ୍ ବାକ୍ସ ଧରି ପହଁରୁଥିଲେ। ଡାନିଲ୍ ଧୀରେ ଧୀରେ ନାସ୍ତ୍ୟାଙ୍କ ଆଙ୍ଗୁଠିରେ ରିଙ୍ଗ୍‌କୁ ପିନ୍ଧାଇଥିଲେ ଓ ତାଙ୍କୁ ପ୍ରପୋଜ କରିଥିଲେ। ଡାନିଲଙ୍କ ପ୍ରପୋଜକୁ ନାସ୍ତ୍ୟା ସ୍ୱୀକାର କରିଥିଲେ ଓ ଉଭୟ ପରସ୍ପରକୁ ଆଲିଙ୍ଗନ କରିଥିଲେ। ଏହା ତାଙ୍କ ଖୁସିର ସବୁ ସୀମାକୁ ପାର୍ କରିଥିଲା ବୋଲି ନାସ୍ତ୍ୟା କହିଛନ୍ତି। ସମୁଦ୍ରର ନୀରବତା ଏହି ମୁହୂର୍ତ୍ତକୁ ଆହୁରି ଯାଦୁକରୀ କରିଥିଲା। ଏହି ବିଶେଷ ମୁହୂର୍ତ୍ତ ସବୁଦିନ ପାଇଁ ସେମାନଙ୍କ ସ୍ମୃତିରେ କଏଦ୍ ହୋଇ ରହିବ ବୋଲି ଏହି ପ୍ରେମୀ ଯୁଗଳ କହିଛନ୍ତି। ଡାନିଲ୍ ଏବଂ ନାସ୍ତ୍ୟା ୩ ବର୍ଷ ଧରି ପରସ୍ପରକୁ ଡେଟ୍ କରି ଆସୁଛନ୍ତି ଏବଂ ଗ୍ରୀଷ୍ମ ଋତୁରେ କାମ କରିବା ପାଇଁ ସେମାନେ ସାଧାରଣତଃ କ୍ରିମେଆ ଆସିଥାନ୍ତି। ସମୁଦ୍ର ପ୍ରତି ଉଭୟଙ୍କର ଖୁବ୍ ଆକର୍ଷଣ ରହିଛି। ଭବିଷ୍ୟତରେ ସମୁଦ୍ର ଉପକୂଳ ନିକଟରେ ବସତି ସ୍ଥାପନ କରିବାକୁ ଏହି ପ୍ରେମୀଯୁଗଳ ଲକ୍ଷ୍ୟ ରଖିଛନ୍ତି।

## ଅଲ୍ଲୁ ଶ୍ରେଷ୍ଠ ଅଭିନେତା, ରଶ୍ମିକା ଶ୍ରେଷ୍ଠ ଅଭିନେତ୍ରୀ

### ଏସ୍‌ଆଇଆଇଏମ୍‌ଏ ଆୱାର୍ଡ-୨୦୨୫

**ଦୁବାଇ:** ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇରେ ଶନିବାର ସାଉଥ୍ ଇଣ୍ଡିଆନ୍ ଇଣ୍ଟରନ୍ୟାଶନାଲ ମୁଭି ଆୱାର୍ଡ୍ସ (ଏସ୍‌ଆଇଆଇଏମ୍‌ଏ) ୨୦୨୫ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ତେଲୁଗୁ, କନ୍ନଡ଼, ତାମିଲ ଏବଂ ମାଲୟାଲମ ଫିଲ୍ମ ଇଣ୍ଡଷ୍ଟ୍ରିରେ ଦକ୍ଷତା ପ୍ରତିପାଦନ କରିଥିବା କଳାକାରମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସମ୍ମାନିତ କରାଯାଇଛି। ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିରେ 'ପୁଷ୍ପା ୨: ଦି ରୁଲ୍'ର ଜଲ୍‌ୱା ଦେଖିବାକୁ ମିଳିଛି। ଏହି ଫିଲ୍ମକୁ ଏକାଧିକ ଆୱାର୍ଡ ମିଳିଛି। ଫିଲ୍ମ ପାଇଁ ଅଭିନେତା ଅଲ୍ଲୁ ଅର୍ଜୁନଙ୍କୁ ଶ୍ରେଷ୍ଠ ଅଭିନେତା ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ସମ୍ମାନିତ କରାଯାଇଛି। ସେହିପରି ଏହି ଫିଲ୍ମ ପାଇଁ ନିର୍ଦ୍ଦେଶକ ସୁକୁମାର ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସମ୍ମାନିତ ହୋଇଛନ୍ତି। 'କଲ୍‌କୀ ୨୮୯୮ ଏଡି' ଫିଲ୍ମକୁ ମଧ୍ୟ ଏକାଧିକ ଆୱାର୍ଡ ମିଳିଛି। ଶ୍ରେଷ୍ଠ ତେଲୁଗୁ ଫିଲ୍ମ ଭାବେ ଏହି ଫିଲ୍ମ ସମ୍ମାନିତ ହୋଇଛି। ସେହିପରି ଏହି ଫିଲ୍ମ ପାଇଁ ଅଭିନେତା କମଲ ହାସନଙ୍କୁ ଶ୍ରେଷ୍ଠ ଖଳନାୟକ ଓ ଅଭିନେତା ଅମିତାଭ ବଚ୍ଚନଙ୍କୁ ଶ୍ରେଷ୍ଠ ସହ ଅଭିନେତା ଭାବେ ସମ୍ମାନିତ କରାଯାଇଛି। ଏହି ଉତ୍ସବରେ କନ୍ନଡ଼, ତାମିଲ ଏବଂ ମାଲୟାଲମ ଫିଲ୍ମ ଇଣ୍ଡଷ୍ଟ୍ରିରେ ମଧ୍ୟ ଦକ୍ଷତା ପ୍ରତିପାଦନ କରିଥିବା କଳାକାରମାନଙ୍କୁ ବିଭିନ୍ନ ଶ୍ରେଣୀରେ ସମ୍ମାନିତ କରାଯାଇଛି।



# ସମାଲୋଚନାକୁ ଭୟ କଲେ ପରିବର୍ତ୍ତନ ଅସମ୍ଭବ: ତଥାଗତ

## ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନ୍‌କ୍ଲେଭ୍

### ଛୋଟ ଗଛ ଲଗାଇବା ସହ ବଡ଼ ଗଛର ସୁରକ୍ଷା ଜରୁରୀ- ଆଦ୍ୟାଶା ସତପଥୀ




କେନ୍ଦୁଝର ଜିଲା ଆନନ୍ଦପୁରସ୍ଥିତ ଫକୀରପୁର ସିଟି ସ୍କୁଲ ପରିସରରେ ରବିବାର ଆୟୋଜିତ ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନ୍‌କ୍ଲେଭ୍‌ରେ ଉପସ୍ଥିତ (ବାମରୁ) ଆନନ୍ଦପୁର ଆଞ୍ଚଳିକ ଟ୍ରେନିଂ କଲେଜର ସହକାରୀ ପ୍ରଫେସର ଡ. ସବିତା ଜେନା, ପରିବେଶବିତ୍ ବୈଲୋଚନ ସୂତାର, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, ଫକୀରପୁର ସିଟି ସ୍କୁଲର ଅଧ୍ୟକ୍ଷ ଡ. କାର୍ତ୍ତିକେଶ୍ୱର ରାଉଳ ଏବଂ ପରିବେଶବିତ୍ ସରୋଜ କୁମାର ସାହୁ।

ଘସିପୁରା/ଆନନ୍ଦପୁର,୭।୯ (ନିରଞ୍ଜନ ସାହୁ/ସୁଶାନ୍ତ କୁମାର ସାହୁ)

ସମାଲୋଚନାକୁ ଭୟ କରି ପଦକ୍ଷେପ ଗ୍ରହଣ କରା ନ ଗଲେ ପରିବର୍ତ୍ତନ ଅସମ୍ଭବ। ଏହା ସବୁ କ୍ଷେତ୍ରରେ ପ୍ରଯୁଜ୍ୟ। ଜଣେ ଗଛଟିଏ ଲଗାଉଛି, ଅନ୍ୟ ଜଣେ କହୁଛି କାହିଁକି ଲଗାଉଛୁ, ତାହାକୁ ଅଣଦେଖା କରି ଆଗକୁ ବଢ଼ିବା ସମାଜ ପାଇଁ ମଙ୍ଗଳ। ଯେମିତି ସୁସ୍ଥ ପ୍ରଶାସନିକ ବ୍ୟବସ୍ଥାରେ ନିଆଯାଉଥିବା କୌଣସି ଉତ୍ତମ ପଦକ୍ଷେପକୁ ଯଦି କେହି ସମାଲୋଚନା କରେ ତାକୁ ଅଣଦେଖା କରି ଆଗକୁ ବଢ଼ିବା ବୁଦ୍ଧିମାନ୍‌ର କାମ ହେବା ଆବଶ୍ୟକ। ତା'ହେଲେ ସମାଜର ବିକାଶ ସମ୍ଭବ। କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଫକୀରପୁରର ସିଟି ସ୍କୁଲ ପରିସରରେ ରବିବାର ଆୟୋଜିତ ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନକ୍ଲେଭ୍‌ରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ସମବେତ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ।

ନିଜ ବକ୍ତବ୍ୟରେ ତଥାଗତ ଆହୁରି କହିଥିଲେ, ରାଜନୀତିଠାରୁ ଦୂରେଇ ରହି 'ଆନିମଲ୍-ମ୍ୟାନ୍' ଓ 'ମାଟି କଥା' ଦୁଇଗୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ରଖି କାମ କରୁଛନ୍ତି। ଏଥିସହ କଥା ଛଳରେ ତ୍ରୁଟିଗତ ପ୍ରଶାସନିକ ବ୍ୟବସ୍ଥାକୁ କଡ଼ା ସମାଲୋଚନା କରି ରାସ୍ତା ନିର୍ମାଣ ଆଳରେ ଗଛ କଟା ଚାଲିଥିବ, ଶେଷରେ ରାସ୍ତା ରହିଥିବ ମଣିଷ ନ ଥିବ। ଏହିଭଳି ବ୍ୟବସ୍ଥାରେ ସୁଧାର ଆସିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଯୋଗଦେଇ ପରିବେଶର ସୁରକ୍ଷା ଦାୟିତ୍ୱ ଯୁବପିଢ଼ିଙ୍କ ଉପରେ ନିର୍ଭର କରୁଛି। ଛୋଟ ଛୋଟ ଗଛ ଲଗାଇ ପରିବେଶକୁ ସୁରକ୍ଷା ଦେବାକୁ ଉଦ୍ୟମ କରୁଥିବା ବ୍ୟକ୍ତିବିଶେଷ ବଡ଼ ବଡ଼ ଗଛର ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେଲେ ପରିବେଶର ସନ୍ତୁଳନ ସହଜରେ ହୋଇପାରନ୍ତା ବୋଲି ପ୍ରକାଶ କରିଥିଲେ। ଏପରିକି ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ଦେବା, ଜଙ୍ଗଲରୁ ଗଛ ଧ୍ୱଂସ ହେବାକୁ ଦିଆ ନ ଯିବା ଦିଗରେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଫକୀରପୁର ସିଟି ସ୍କୁଲର ଅଧ୍ୟକ୍ଷ ଡ. କାର୍ତ୍ତିକେଶ୍ୱର ରାଉଳ, ଆନନ୍ଦପୁର ଆଞ୍ଚଳିକ ଟ୍ରେନିଂ କଲେଜର ସହକାରୀ ପ୍ରଫେସର ଡ. ସବିତା ଜେନା, ପରିବେଶବିତ୍ ବୈଲୋଚନ ସୂତାର, ସରୋଜ କୁମାର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଧରିତ୍ରୀର ସହଯୋଗରେ ଆୟୋଜିତ ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନକ୍ଲେଭ୍ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏଥିସହିତ ଉପସ୍ଥିତ ଯୁବପିଢ଼ିଙ୍କୁ ପରିବେଶ ସୁରକ୍ଷା ଦିଗରେ ଆଗେଇ ଆସିବାକୁ ଆହ୍ୱାନ ଦେବା ସହିତ ପୃଥିବୀକୁ ବିପର୍ଯ୍ୟୟରୁ ମୁକ୍ତ କରିବାକୁ ଉଦ୍ୟମ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଏହି ଅବସରରେ ବର୍ତ୍ତମାନ ପରିବେଶର ଯେଉଁ ପ୍ରଭାବ ରହିଛି, ଏହା କ'ଣ ପାଇଁ ଏବଂ ଏହାର ନିରାକରଣ କିପରି କରାଯାଇପାରିବ ଏ ନେଇ ସଭାରେ ପରିବେଶବିତ୍ ନିରଞ୍ଜନ ସାହୁ, ଚନ୍ଦନ କୁମାର ପଣ୍ଡା, ସର୍ବେଶ୍ୱର ଦଳେଇ, ଶୁଭସ୍ମିତା ମିଶ୍ର, କାଉନ୍‌ସିଲର ସନତ କର, ସୁରେନ୍ଦ୍ର ଦାସ ପ୍ରମୁଖ ନିଜର ମତ ଉପସ୍ଥାପନ କରିଥିଲେ। କେନ୍ଦୁଝର ଜିଲାର ବିଭିନ୍ନ ପ୍ରାନ୍ତରୁ ଅନେକ ମହିଳା, ପୁରୁଷ ପରିବେଶବିତ୍ କିପରି ନିଜର ନିତିଦିନ କାର୍ଯ୍ୟରୁ ପରିବେଶ ସମ୍ବନ୍ଧୀୟ କାର୍ଯ୍ୟ କରିପାରିବେ ଏହି ପ୍ରସଙ୍ଗରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ପରିବେଶବିତ୍ ତ୍ରିଲୋଚନ ସାହୁ ସଂଯୋଜନା କରିଥିବା ବେଳେ ପ୍ରାରମ୍ଭରେ ସାମାଜିକକର୍ମୀ ଅନିଲ ସାହୁ ଅତିଥିଙ୍କୁ ସଭାକୁ ନିମନ୍ତ୍ରଣ କରିଥିଲେ। ମା' ତାରିଣୀଙ୍କ ଫଟୋଚିତ୍ର ନିକଟରେ ଅତିଥିମାନେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପରିବେଶବିତ୍ ବଳଦେବ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୧୫୦ରୁ ଊର୍ଦ୍ଧ୍ୱ ଯୁବପିଢ଼ି, ପରିବେଶବିତ୍, ସଚେତନ ନାଗରିକ ଯୋଗଦେଇଥିଲେ। ଶେଷରେ ଫକୀରପୁର ସିଟି ସ୍କୁଲ ପରିସରରେ ଅତିଥିଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା।

# ଡିଜିଟାଲ ସାକ୍ଷରତା ପ୍ରୋତ୍ସାହିତ କରିବାକୁ ଆହ୍ୱାନ

### ଆଜି 'ଅନ୍ତର୍ଜାତୀୟ ସାକ୍ଷରତା ଦିବସ'



ଭୁବନେଶ୍ୱର,୭।୯ (ସୁଚିସ୍ମିତା ସାହୁ)

ଦେଶ ତଥା ରାଜ୍ୟର ଆର୍ଥିକ ପ୍ରଗତି ସହିତ ସାମାଜିକ ବିକାଶ ଏବଂ ବ୍ୟକ୍ତିଗତ ଉନ୍ନତି ପାଇଁ ଶିକ୍ଷା ଅତ୍ୟନ୍ତ ଜରୁରୀ। ଶିକ୍ଷା କେବଳ ଜଣେ ବ୍ୟକ୍ତିର ମୌଳିକ ଅଧିକାର ନୁହେଁ, ସମାଜରୁ ଦାରିଦ୍ର୍ୟ ଓ ଅସମାନତା ଦୂର କରିବାରେ ସହାୟକ ହୁଏ। ତେଣୁ ସାକ୍ଷରତା ହାର ବୃଦ୍ଧି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନା ସହ ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଶିକ୍ଷା ପ୍ରତି ସମସ୍ତଙ୍କ ମନରେ ଆଗ୍ରହ ଓ ଉତ୍ସାହ ଜାଗ୍ରତ କରିବା ଏବଂ ଶିକ୍ଷାର ମହତ୍ତ୍ୱ ସଂକ୍ରାନ୍ତରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୮କୁ 'ଅନ୍ତର୍ଜାତୀୟ ସାକ୍ଷରତା ଦିବସ' ଭାବେ ପାଳନ କରାଯାଉଛି। ମିଳିତ ଜାତିସଂଘର ଶିକ୍ଷା, ବୈଜ୍ଞାନିକ ଏବଂ ସାଂସ୍କୃତିକ ସଂଗଠନ (ୟୁନେସ୍କୋ) ପକ୍ଷରୁ ୭ ନଭେମ୍ବର ୧୯୬୫ରେ ଏହା ଘୋଷଣା କରାଯାଇଥିବାବେଳେ ୧୯୬୬ ମସିହାରୁ ସ୍ୱତନ୍ତ୍ର ଭାବେ ପାଳନ କରାଯାଇ ଆସୁଛି। ତେବେ ଚଳିତବର୍ଷର ଥିମ୍ ରହିଛି 'ଡିଜିଟାଲ ଯୁଗରେ ସାକ୍ଷରତାକୁ ପ୍ରୋତ୍ସାହିତ କରିବା'। ଡିଜିଟାଲ ମାଧ୍ୟମରେ ପାଠପଢ଼ିବା ବା ଡିଜିଟାଲି ଶିକ୍ଷିତ ହେଲେ ସ୍ଥାୟୀ ବିକାଶର ଲକ୍ଷ୍ୟ ପୂରଣ ହେବା ସହ ଶାନ୍ତିପୂର୍ଣ୍ଣ, ନ୍ୟାୟ ଏବଂ ସ୍ଥାୟୀ ସମାଜ ଗଠନ ହେବ ବୋଲି ଆହ୍ୱାନ ଦିଆଯାଇଛି।

୨୦୧୧ ଜନଗଣନା ଅନୁଯାୟୀ, ଭାରତରେ ସାକ୍ଷରତା ହାର ୭୪.୦୪% ରହିଥିଲା। ହେଲେ ଏ କ୍ଷେତ୍ରରେ ମହିଳା ଏବଂ ପୁରୁଷଙ୍କ ମଧ୍ୟରେ ବହୁ ପାର୍ଥକ୍ୟ ରହିଥିଲା। ମହିଳାଙ୍କ ସାକ୍ଷରତା ହାର ୬୫.୪୬ ରହିଥିବା ବେଳେ ପୁରୁଷଙ୍କ ହାର ୮୨.୧୪ ଥିଲା। ହେଲେ ସରକାରଙ୍କ ଦୀର୍ଘସ୍ଥାୟୀ ଯୋଜନା ଓ ପଦକ୍ଷେପ ଦ୍ୱାରା ଭାରତ ସମେତ ଓଡ଼ିଶାରେ ସାକ୍ଷରତା ହାର ବଢ଼ି ଚାଲିଛି। ଏଥିସହ ପୁରୁଷ ଓ ମହିଳାଙ୍କ ସାକ୍ଷରତା ହାର ବ୍ୟବଧାନ ମଧ୍ୟ କମିବାରେ ଲାଗିଛି। ପିରିୟଡିକ୍ ଲେବର ଫୋର୍ସ ସର୍ଭେ ୨୦୨୩-୨୪ ରିପୋର୍ଟ ଅନୁସାରେ, ଏବେ ଭାରତର ସାମଗ୍ରିକ ସାକ୍ଷରିତ ହାର ୮୦.୯%କୁ ବୃଦ୍ଧି ପାଇଛି। ତେବେ ସହରାଞ୍ଚଳରେ ୯୦% ରହିଥିବା ବେଳେ ଗ୍ରାମାଞ୍ଚଳରେ ୭୭% ରହିଛି। ସେହିପରି ପୁରୁଷଙ୍କ ସାକ୍ଷରତା ହାର ୮୮% ରହିଥିବା ବେଳେ ମହିଳାଙ୍କ ସାକ୍ଷରତା ହାର ୮୧% ରହିଛି।

# କଂଗ୍ରେସ ଜନତାଙ୍କ ଏକମାତ୍ର ବିକଳ୍ପ: ଭକ୍ତ

## ସଙ୍ଗଠନ ସୃଜନ କଂଗ୍ରେସର ଗଣତାନ୍ତ୍ରିକ ମୂଲ୍ୟବୋଧର ପରିଚୟ

ଭୁବନେଶ୍ୱର,୭।୯ (ରବିନାରାୟଣ ଜେନା)



ଭକ୍ତ ଚରଣ ଦାସ

କଂଗ୍ରେସ ସବୁବେଳେ ଗଣତନ୍ତ୍ର, ସମ୍ବିଧାନ ଏବଂ ଲୋକଙ୍କ ଅଧିକାର ଉପରେ ଅଗ୍ରାଧିକାର ଦେଇଆସିଛି। କଂଗ୍ରେସ କେବଳ ଗଣତନ୍ତ୍ରର ଭାଷଣ ଦିଏ ନାହିଁ, ବରଂ ଗଣତାନ୍ତ୍ରିକ ଉପାୟରେ ନିଜ ଦଳକୁ ନିର୍ମାଣ କରିବାରେ ବିଶ୍ୱାସ କରେ। ଆଗାମୀ ଦିନରେ କଂଗ୍ରେସ ହିଁ ଲୋକଙ୍କ ଏକମାତ୍ର ବିକଳ୍ପ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ରବିବାର ଭକ୍ତ ଗଣମାଧ୍ୟମକୁ କହିଛନ୍ତି, ଦେଶରେ ସମ୍ବିଧାନ, ଭୋଟ ଚୋରି, ନାରୀଙ୍କୁ ନ୍ୟାୟ ଆଦି ବିଷୟକୁ ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଜନତାଙ୍କ ପାଖକୁ ଯାଉଛନ୍ତି। ଓଡ଼ିଶାରେ ମଧ୍ୟ ରାହୁଲଙ୍କ ବାର୍ତ୍ତା ଯେଭଳି ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିବ, ସେଥିପାଇଁ ଆବଶ୍ୟକ ସମସ୍ତ ପ୍ରୟାସ କରୁଛୁ। ରାହୁଲଙ୍କ ପ୍ରୟାସ ବର୍ତ୍ତମାନ ଏକ ଜନ ଜାଗରଣର ରୂପ ନେବାକୁ ବସିଲାଣି। ସଙ୍ଗଠନ ସୃଜନ ଅଭିଯାନ ରାହୁଲଙ୍କ ଏକ ଅନନ୍ୟ ପ୍ରୟାସ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ତୃଣମୂଳସ୍ତରରେ ଜିଲା ସଭାପତି ଚୟନ କାର୍ଯ୍ୟକ୍ରମ ସାରା ଓଡ଼ିଶାରେ ଚାଲିଛି। କଂଗ୍ରେସର ୩୫ ଗୋଟି ସାଙ୍ଗଠନିକ ଜିଲା ପାଇଁ ଏଆଇସିସିରୁ ଜଣେ ଏବଂ ପିସିସିରୁ ତିନିଜଣ ଏଭଳି ଚାରିଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ଏହି ସଙ୍ଗଠନ ସୃଜନ କାର୍ଯ୍ୟକ୍ରମ ଜିଲାରୁ ବ୍ଲକସ୍ତର ପର୍ଯ୍ୟନ୍ତ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଏକ ଅପୂର୍ବ ଉତ୍ସାହ ପରିଲକ୍ଷିତ ହେଉଛି, ଯାହା କଂଗ୍ରେସ ଦଳର ଭବିଷ୍ୟତ ପାଇଁ ଅତି ଶୁଭଙ୍କର। ଆଗାମୀ ୧୪ ତାରିଖରେ ସଙ୍ଗଠନ ସୃଜନ କାର୍ଯ୍ୟକ୍ରମର ପରିସମାପ୍ତି ହୋଇ ପ୍ରତ୍ୟେକ ସାଙ୍ଗଠନିକ ଜିଲା ପାଇଁ ସଭାପତି ନିଯୁକ୍ତି ହେବ। ତୃଣମୂଳ ସ୍ତରରେ ଏଭଳି ଗଣତାନ୍ତ୍ରିକ ଉପାୟରେ, ସମସ୍ତ କଂଗ୍ରେସ କର୍ମୀଙ୍କ ମତାମତକୁ ସମ୍ମାନ ଦେଇ ନେତା ଚୟନର ଏତେ ବ୍ୟାପକ କାର୍ଯ୍ୟକ୍ରମ କେବଳ କଂଗ୍ରେସ ଦଳ ପକ୍ଷରେ ହିଁ ସମ୍ଭବ ବୋଲି ଭକ୍ତ କହିଛନ୍ତି।

# ନବୀନଙ୍କ ୪ଦିନିଆ ଦିଲ୍ଲୀ ଗସ୍ତ

ଭୁବନେଶ୍ୱର,୭।୯ (ରବିନାରାୟଣ ଜେନା)



ନବୀନ ପଟ୍ଟନାୟକ

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ରବିବାର ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଏହି ଅବସରରେ ସେ ବିମାନବନ୍ଦରଠାରେ ଗଣମାଧ୍ୟମକୁ କହିଛନ୍ତି ଯେ, ଉପରାଷ୍ଟ୍ରପତି ନିର୍ବାଚନ ନେଇ ଦିଲ୍ଲୀ ଗସ୍ତ କରୁଛନ୍ତି। ଏହି ସମୟରେ ଦଳୀୟ ସାଂସଦଙ୍କ ସହିତ ସେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

ସୂଚନାଯୋଗ୍ୟ ଯେ, ଶନିବାର ବିଜେଡି ପକ୍ଷରୁ ଅନୁଷ୍ଠିତ ପିଏସି ବୈଠକରେ ଉପରାଷ୍ଟ୍ରପତି ନିର୍ବାଚନ ସଂକ୍ରାନ୍ତରେ ଦଳର ବରିଷ୍ଠ ନେତାଙ୍କ ମତାମତ ଲୋଡାଯାଇଥିଲା। ନେତାମାନେ ନିଜ ନିଜର ମତ ପ୍ରକାଶ କରିଥିଲେ ହେଁ କୌଣସି ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନିଆଯାଇ ନ ଥିଲା। ଦିନକ ପରେ ଉପରାଷ୍ଟ୍ରପତି ନିର୍ବାଚନ। ମହାରାଷ୍ଟ୍ରର ରାଜ୍ୟପାଳ ଥିବା ସି ପି ରାଧାକ୍ରିଷ୍ଣନଙ୍କୁ ଏନ୍‌ଡିଏ ପ୍ରାର୍ଥୀ କରିଥିବା ବେଳେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ସୁଦର୍ଶନ ରେଡ୍ଡିଙ୍କୁ 'ଇଣ୍ଡିଆ' ମେଣ୍ଟ ପ୍ରାର୍ଥୀ କରିଛି । ହେଲେ ବିଜେଡି କାହାକୁ ସମର୍ଥନ ଦେବ କିମ୍ବା ନିର୍ବାଚନରୁ ଦୂରେଇ ରହିବ ସେନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

# ଜଳିଗଲା ୧୦୮ ଆମ୍ବୁଲାନ୍ସ ଇଞ୍ଜିନ୍, ମୃତ୍ୟୁ ସହ ସଂଘର୍ଷ କଲେ ବୃଦ୍ଧା

ପରଜଙ୍ଗ,୭।୯ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ଗେଙ୍ଗୁଟିଆ ଗ୍ରାମକୁ ରବିବାର ପୂର୍ବାହ୍ନରେ ରୋଗୀ ଆଣିବାକୁ ଯାଇଥିବା ୧୦୮ ଆମ୍ବୁଲାନ୍ସରେ ତ୍ରୁଟି ପରିଲକ୍ଷିତ ହୋଇ ଇଞ୍ଜିନ୍ ଜଳି ଯାଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଗେଙ୍ଗୁଟିଆ ଗ୍ରାମର ବୃଦ୍ଧା ବାସନ୍ତୀ ବେହେରା(୮୦)ଙ୍କ ସ୍ୱାସ୍ଥ୍ୟ ବସ୍ଥାକୁ ନେଇ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଡାକିଥିଲେ। ଆମ୍ବୁଲାନ୍ସଟି ଅନୁଗୋଳ ଜିଲା ବଅଁରପାଳରୁ ଗେଙ୍ଗୁଟିଆ ଗାଁକୁ ଆସିଥିଲା। ମାତ୍ର ଗାଁରେ ଆମ୍ବୁଲାନ୍ସଟି ଷ୍ଟାର୍ଟ ହୋଇ ନ ଥିଲା। ଫଳରେ ପ୍ରାୟ ୨ ଘଣ୍ଟା ଧରି କର୍ମଚାରୀ ଓ ଗ୍ରାମର କେତେଜଣ ଯୁବକ ମିଶି ଠେଲିଥିଲେ। ହେଲେ ଠେଲିଠେଲି ନୟାନ୍ତ ହୋଇଥିଲେ ମଧ୍ୟ ଆମ୍ବୁଲାନ୍ସଟି ଷ୍ଟାର୍ଟ ହୋଇ ନ ଥିଲା। ଏହାର କିଛି ସମୟ ପରେ ଆମ୍ବୁଲାନ୍ସ ଇଞ୍ଜିନରୁ ଧୂଆଁ ବାହାରିଥିଲା। ଆମ୍ବୁଲାନ୍ସର ଯାନ୍ତ୍ରିକ ତ୍ରୁଟି ଯୋଗୁ ରୋଗୀ ବାସନ୍ତୀ ମୃତ୍ୟୁ ସହ ଲଢେଇ କରୁଥିଲେ। ଗାଡ଼ିଗୁଡ଼ିକ ଠିକ୍ ସମୟରେ ମରାମତି କରାଯାଉ ନ ଥିବାରୁ ଏଭଳି ବାରମ୍ବାର ତ୍ରୁଟି ହେଉଥିବା କର୍ମଚାରୀ କହିଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟିଦେଲେ ରୋଗୀମାନେ ଉତ୍ତମ ସେବା ପାଇପାରିବେ ବୋଲି ସାଧାରଣରେ ଦାବି ହେଉଛି।

# ଲୋକସେବା ଭବନକୁ ଅନଧିକୃତ ଗସ୍ତ କରିପାରିବେନି ଓଏଏସ୍, ଓଆର୍‌ଏସ୍ ଅଫିସର

## ସବୁ ଜିଲାପାଳ, ଆର୍‌ଡିସିଙ୍କୁ ଦିଆଗଲା ଚିଠି

ଭୁବନେଶ୍ୱର,୭।୯ (ରବିନାରାୟଣ ଜେନା)

ରାଜ୍ୟର ବିଭିନ୍ନ ଜିଲା ଓ ଆର୍‌ଡିସି ସ୍ତରରେ କାର୍ଯ୍ୟରତ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଏବଂ ଓଡ଼ିଶା ରାଜସ୍ୱ ସେବା(ଓଆର୍‌ଏସ୍) ଅଧିକାରୀଙ୍କୁ ଲୋକସେବା ଭବନ ପରିଦର୍ଶନ ଏଣିକି ମହଙ୍ଗା ସାବ୍ୟସ୍ତ ହେବ। ଯେଉଁ ଓଏଏସ୍ ଏବଂ ଓଆର୍‌ଏସ୍ ଅଧିକାରୀ ସମ୍ପୃକ୍ତ ଜିଲାପାଳ କିମ୍ବା ଆର୍‌ଡିସିଙ୍କ ବିନା ସ୍ୱୀକୃତିରେ ଲୋକସେବା ଭବନରେ ପ୍ରବେଶ କରିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହିଭଳି ଏକ କଡ଼ା ନିର୍ଦ୍ଦେଶନାମା ରାଜ୍ୟ ସରକାରଙ୍କ ପକ୍ଷରୁ ଶନିବାର ଜାରି କରାଯାଇଛି। ଏହାକୁ ନେଇ ଓଏଏସ୍ ଏବଂ ଓଆର୍‌ଏସ୍ ଅଧିକାରୀଙ୍କ ମଧ୍ୟରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଛି।

ରାଜସ୍ୱ ବିଭାଗର ଅତିରିକ୍ତ ସଚିବ ପ୍ରଜ୍ଞାଧାରା ମିଶ୍ର ଏ ସଂକ୍ରାନ୍ତରେ ଶନିବାର ସବୁ ଜିଲାପାଳ ଓ ଆର୍‌ଡିସିଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ସେ ଦର୍ଶାଇଛନ୍ତି, ରାଜ୍ୟର ବହୁ ଓଏଏସ୍ ଏବଂ ଓଆର୍‌ଏସ୍ ଅଧିକାରୀ ସରକାରୀ କାର୍ଯ୍ୟ ଛାଡ଼ି ଲୋକସେବା ଭବନ ଚଲାପଥରେ ଟହଲ ମାରୁଥିବା ଦେଖିବାକୁ ମିଳିଛି। ଏଭଳି କେତେକ ଘଟଣା ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ନଜରକୁ ଆସିବା ପରେ ସରକାର ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ମୁଖ୍ୟାଳୟରେ ନିଜ କାର୍ଯ୍ୟ ଛାଡ଼ି ଲୋକସେବା ଭବନରେ ବାରମ୍ବାର ବୁଲିବା ଦ୍ୱାରା ଲୋକଙ୍କ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ରାଜସ୍ୱ ସେବାରେ ବିଶେଷ ବ୍ୟାଘାତ ଉପୁଜୁଛି। କାର୍ଯ୍ୟଦିବସରେ ଏଣିକି ବିନା ଅନୁମତିରେ ଏହି ଦୁଇ ବର୍ଗର ଅଧିକାରୀ ଯେଭଳି ଲୋକସେବା ଭବନରେ ଦେଖା ନ ଯିବେ ସେଥିପ୍ରତି ଦୃଷ୍ଟିଦେବା ସହିତ ସମ୍ପୃକ୍ତ ଅଧିକାରୀଙ୍କୁ କଡ଼ା ଚେତାବନୀ ଦିଆଯାଇଛି। ଲୋକଙ୍କ ସେବାରେ ଯେଭଳି କୌଣସି ତ୍ରୁଟି ପରିଲକ୍ଷିତ ନ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଚିଠିରେ ଦର୍ଶାଯାଇଛି। ଏପରି କି ସମ୍ପୃକ୍ତ ଅଧିକାରୀଙ୍କୁ 'ୱାର୍ନିଂ' ଦେବା ସହ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଜିଲାପାଳ ଓ ଆର୍‌ଡିସି ପରାମର୍ଶ ପ୍ରଦାନ କରନ୍ତୁ ବୋଲି କୁହାଯାଇଛି। ଏହାସତ୍ତ୍ୱେ ଯଦି ସମ୍ପୃକ୍ତ ବର୍ଗର ଅଧିକାରୀଙ୍କୁ ଲୋକସେବା ଭବନ ଓ ଅନ୍ୟାନ୍ୟ ରାଜ୍ୟ ମୁଖ୍ୟାଳୟରେ ଦେଖିବାକୁ ମିଳେ, ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ସଚିବ ପତ୍ରରେ ଦର୍ଶାଇଛନ୍ତି।

ଉଲ୍ଲେଖଯୋଗ୍ୟ, ଲୋକସେବା ଭବନକୁ ବିଭିନ୍ନ ସମୟରେ ଦଲାଲମାନେ ପଶି ଆସୁଥିବା ନଜିର ରହିଛି। କେତେବେଳେ ନକଲି ପାସ୍ କରି ପ୍ରବେଶ କରୁଛନ୍ତି ତ ଆଉ କେତେବେଳେ ଅଧିକାରୀଙ୍କ ପରୋକ୍ଷ ନିର୍ଦ୍ଦେଶରେ ପଶୁଛନ୍ତି। ଏହିପରି ଭାବେ କିଛିଦିନ ପୂର୍ବରୁ ସମବାୟ ବିଭାଗର ଜଣେ କର୍ମଚାରୀ ନକଲି ପାସ୍ ଦେବା ଅଭିଯୋଗରେ ଜେଲ ଯାଇଥିବାବେଳେ ରାଜୀବ ଭବନରେ ମଧ୍ୟ ଅନୁରୂପ ଅବସ୍ଥା ଦେଖାଦେଇଥିଲା।






# ସାପ କାମୁଡ଼ାରେ ମହିଳା ସରପଞ୍ଚ ମୃତ

ରାୟଗଡ଼ା,୭।୯ (ଆଶିଷ ରଞ୍ଜନ ପଣ୍ଡା)

ବିଷାକ୍ତ ସାପ କାମୁଡ଼ାରେ ଜଣେ ମହିଳା ସରପଞ୍ଚଙ୍କ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ମୃତା ହେଲେ ରାୟଗଡ଼ା ବ୍ଲକ କୁଲି ପଞ୍ଚାୟତର ସରପଞ୍ଚ ମାଙ୍ଗା କାଦ୍ରାକା। ଶନିବାର ବିଳମ୍ବିତ ରାତିରେ ମାଙ୍ଗା ଘରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କ ଡାହାଣ ଗୋଡ଼କୁ କାମୁଡ଼ି ଦେଇଥିଲା। ଏ ସମ୍ପର୍କରେ ସେ ତାଙ୍କ ସ୍ୱାମୀ ସୁରୀ କାଦ୍ରାକାଙ୍କୁ କହିବାରୁ ଆମ୍ବୁଲାନ୍ସ ସାହାଯ୍ୟରେ ସେ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ସରପଞ୍ଚଙ୍କ ବିୟୋଗରେ ରାଜ୍ୟ ସଭା ପୂର୍ବତନ ସଦସ୍ୟ ଏନ୍. ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ବ୍ଲକ ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ରାଜ୍ୟରେ ୧୩ ଯାଏ ବର୍ଷା

ଭୁବନେଶ୍ୱର,୭।୯ (ବନ୍ଦନା ସେଠୀ)

ରାଜ୍ୟରେ ପୁଣି ବଢ଼ିବ ବର୍ଷା। ଆଞ୍ଚଳିକ ପାଣିପାଗ ସୂଚନାନୁସାରେ, ସେପ୍ଟେମ୍ବର ୭ରୁ ୧୩ ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ବଜ୍ରପାତ ହେବାର ସମ୍ଭାବନା ରହିଛି। ମୌସୁମୀ ଟ୍ରଫ୍ ବର୍ତ୍ତମାନ ପୂର୍ବ- ଦକ୍ଷିଣପୂର୍ବ ଦିଗରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରକୁ ଗତି କରୁଛି। ଏଥିସହ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ଉପକୂଳରେ ଉପରେ ବାୟୁମଣ୍ଡଳୀୟ ଘୂର୍ଣ୍ଣିବଳୟ ପ୍ରଭାବରେ ବର୍ଷାର ତୀବ୍ରତା ବଢ଼ିଛି। ଏହି କ୍ରମରେ ସୋମବାର ରାଜ୍ୟର ୪ଟି ଜିଲା ଯଥା ମାଲକାନଗିରି, କୋରାପୁଟ, ରାୟଗଡ଼ା ଏବଂ ଗଜପତି ଜିଲାକୁ ପ୍ରବଳ ବର୍ଷା ଓ ଘଡ଼ଘଡ଼ି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଏବଂ ଗଞ୍ଜାମ ଜିଲାର କିଛି ସ୍ଥାନରେ ୩୦ରୁ ୪୦ କି.ମି. ବେଗରେ ପବନ ବହିବା ନେଇ ପୂର୍ବାନୁମାନ କରାଯାଇଛି। ଏବେ ଘୂର୍ଣ୍ଣିବଳୟ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ସମୁଦ୍ର ପତ୍ତନଠାରୁ ୩.୧ ଏବଂ ୫.୮ କି.ମି. ଉଚ୍ଚତାରେ ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରତ୍ନଚିରା ପବ୍ଲିକେଶନ୍ ପକ୍ଷରୁ ଇନ୍ଦ୍ରମଣୀ ପାଣିଗ୍ରାହୀଙ୍କ ଜନ୍ମ ଶତବାର୍ଷିକ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୬ଟା ।
- ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା ।

## କଟକ
- ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ବାରଙ୍ଗ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- କଟକ ସତ୍‌ସଙ୍ଗ ବିହାର ଆନୁକୂଲ୍ୟରେ କଲ୍ୟାଣୀ ନଗର ଓ ରାଜେନ୍ଦ୍ରନଗର ଗୁରୁଭ୍ରାତାଙ୍କ ପକ୍ଷରୁ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ଉତ୍ସଙ୍ଗ, ସ୍ଥାନ: ଗୋବିନ୍ଦ ମଣ୍ଡପ, କଲ୍ୟାଣୀନଗର, ସମୟ: ସନ୍ଧ୍ୟା ୭ଟା ୩୦ମି ।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା ।
- ପ୍ରସାଦ ସେବନ ଓ ବନ୍ଧୁମିଳନ, ସ୍ଥାନ: ପୁରୁଣାବଜାର ଟୋକା ଗଣେଶ ପୂଜା ମଣ୍ଡପ, ଭଦ୍ରକ, ସମୟ: ରାତି ୮ଟା ।

## ମୟୂରଭଞ୍ଜ
- ଅଲମ୍ପିଆଡ୍ ପୁରସ୍କାରପ୍ରାପ୍ତ ଛାତ୍ରଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ:ଚିତ୍ରଡ଼ା ବିଦ୍ୟାଜ୍ୟୋତି ପବ୍ଲିକ ସ୍କୁଲ, ମୋରଡ଼ା,ସମୟ: ପୂର୍ବାହ୍ନ ୯ଟା ।
- ଜିଲା ବିଦ୍ୟାଳୟ ସମୂହ ଫୁଟବଲ, କବାଡ଼ି ଓ ଖୋ-ଖୋ ପ୍ରତିଯୋଗିତା, ସ୍ଥାନ: ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ, ବିଶୋଇ,ସମୟ: ପୂର୍ବାହ୍ନ ୧୦ଟା ।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା ।
- ବାସ୍ତବ ବାରିପଦା ପକ୍ଷରୁ ନାଟକ 'ପାପୀ', ନାଟ୍ୟ ଚେତନା ଭୁବନେଶ୍ୱର ପକ୍ଷରୁ ନାଟକ 'ରେବତୀ, ସେବତୀ ଏଇବତୀ',ସ୍ଥାନ:ଶହୀଦ ସ୍ମୃତି ଭବନ ବାରିପଦା,ସମୟ: ୮ଟା ୩୦

## ବ୍ରହ୍ମପୁର
- ଫ୍ରେଣ୍ଡସ ହେଲ୍‌ପିଂ କ୍ଲବର ସଚେତନତା ରାଲି, ସ୍ଥାନ: ମେଣ୍ଟୁ ଛକ ଆସିକା ରୋଡ, ସମୟ: ସକାଳ ୭.୧୫ ।
- ଜନଶୁଣାଣି ଶିବିର, ସ୍ଥାନ: ଲାଠି ପଞ୍ଚାୟତ ଗୃହ, ସମୟ: ପୂର୍ବାହ୍ନ ୧୦ଟା

## ଗଞ୍ଜାମ
- ଗ୍ରାମପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଶିବିର, ସ୍ଥାନ: ଆଙ୍କୋରଡ଼ା ପଞ୍ଚାୟତ କାର୍ଯ୍ୟାଳୟ ଦିଗପହଣ୍ଡି, ସମୟ: ପୂର୍ବାହ୍ନ ୧୦.୩୦ ।
- ଜିଲାପାଳ ଓ ଆରକ୍ଷୀଅଧିକ୍ଷକଙ୍କ ଯୁଗ୍ମ ଶୁଣାଣି, ସ୍ଥାନ: ଶେରଗଡ଼ ବ୍ଲକ୍ ପରିସର, ସମୟ : ପୂର୍ବାହ୍ନ ୧୦ଟା ।

## ଢେଙ୍କାନାଳ
- ନିଃଶୁଳ୍କ ଫିଜିଓଥେରାପି ଶିବିର, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ।
- ବଜ୍ରପାତକୁ ନେଇ ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା ।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

## ଜଗତ୍‌ସିଂହପୁର
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବିରିଡ଼ି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଶିକ୍ଷିତ ସପ୍ତାହ ପାଳନ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୨ଟା ।
- କୋଷ୍ଟାଲ ଜୋନ ମ୍ୟାନେଜମେଣ୍ଟ ଅଥରିଟିର ୫୪ତମ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ,ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୫ଟା ।

## କେନ୍ଦ୍ରାପଡ଼ା
- ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଜନ୍ମୋତ୍ସବ, ସ୍ଥାନ: ଦିବ୍ୟ ଜୀବନ ସଂଘ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୪ଟା ।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ଆଳି, ସମୟ: ପୂର୍ବାହ୍ନ ୧୦ଟା ।
- ମା' ପାଇଁ ଗଛଟିଏ, ସ୍ଥାନ: କପାଳେଶ୍ୱର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।

## ଯାଜପୁର
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବିଞ୍ଝାରପୁର ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା ।

## ନୟାଗଡ଼
- କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ, ସ୍ଥାନ: ଗଣିଆ ଡାକବଙ୍ଗଳା, ସମୟ: ମଧ୍ୟାହ୍ନ ୧୨.୩୦ଟା
- ଚାନ୍ଦ ଓଷା ପର୍ବ, ସ୍ଥାନ: କଣ୍ଟିଲୋ ହାଟମୁଣ୍ଡପାଟଣା, ସମୟ: ଅପରାହ୍ନ ୫ଟା ।

## ରାୟଗଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋଲନରା, ସମୟ: ପୂର୍ବାହ୍ନ: ୧୦ଟା ।

## ନବରଙ୍ଗପୁର
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଝରିଗାଁ, ସମୟ: ପୂର୍ବାହ୍ନ ୧୦ଟା ।
- ନୂତନ ପଞ୍ଚାୟତ ସମିତି ପୁନର୍ଗଠନ ନିମନ୍ତେ ଆଲୋଚନା ବୈଠକ, ସ୍ଥାନ: ଧୋଡ୍ରା ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ ଟା ।
- ଜିଲାସ୍ତରୀୟ ଆନ୍ତର୍ଜାତୀୟ ସାକ୍ଷରତା ଦିବସ, ସ୍ଥାନ: ନବରଙ୍ଗପୁରର ଡିଆଇଟି, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଆନ୍ତର୍ଜାତୀୟ ସାକ୍ଷରତା ଦିବସ, ସ୍ଥାନ: ଏକ୍ସ ବୋର୍ଡ ବିଦ୍ୟାଳୟ, କୋଷାଗୁମୁଡା, ସମୟ: ପୂର୍ବାହ୍ନ ୧୧ ଟା ।

## କୋରାପୁଟ
- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: କୁଲାରସିଂ ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ୍, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ଦୁଧାରୀ,ସେମିଳିଗୁଡ଼ା ବ୍ଲକ, ଉମୁରି ପଞ୍ଚାୟତ କାର୍ଯ୍ୟାଳୟ ପରିସର,ଉମୁରି ବ୍ଲକ,କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ।
- ରାଜ୍ୟପାଳଙ୍କ କୋରାପୁଟ କଫି ବୋର୍ଡ ପରିଦର୍ଶନ, ସ୍ଥାନ: କଫି ବୋର୍ଡ଼, କୋରାପୁଟ, ସମୟ: ମଧ୍ୟାହ୍ନ ୧୨ଟା ୨୫ ।
- ରାଜ୍ୟପାଳଙ୍କ ଶାବର ଶ୍ରୀକ୍ଷେତ୍ର ପରିଦର୍ଶନ, ସ୍ଥାନ: କୋରାପୁଟ ଶାବର ଶ୍ରୀକ୍ଷେତ୍ର, ସମୟ: ସନ୍ଧ୍ୟା ୬ଟା ୫ ।

## ମାଲକାନଗିରି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ:କାଲିମେଳା ବ୍ଲକ ମାନ୍ୟମକୋଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- କେବିକେ ଦ୍ୱାରା ଚାଷୀଙ୍କୁ ଚାଷ ସମ୍ବନ୍ଧୀୟ ଜ୍ଞାନ ପ୍ରଦାନ, ସ୍ଥାନ:ମାଲକାନଗିରି ବ୍ଲକ ବାଡ୍ରିଅଟାଳ ଗ୍ରାମ, ସମୟ: ପୂର୍ବାହ୍ନ ୧୧ ଟା ।

## ସମ୍ବଲପୁର
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ସକାଳ ୬ଟା ।
- ଦୈନିକ ନିଃଶୁଳ୍କ ଯୋଗ କେନ୍ଦ୍ର ଆୟୋଜନରେ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା ।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା ।
- ଜିଲା ପ୍ରଶାସନର ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ଜମନକିରା ବ୍ଲକ, ସମୟ : ପୂର୍ବାହ୍ନ ୧୦ଟା ।
- ଜିଲା ପ୍ରଶାସନ ପକ୍ଷରୁ ବିଦ୍ୟାଙ୍ଗ ଅଧିକାର ସମ୍ପର୍କିତ କୁଇଜ କାର୍ଯ୍ୟକ୍ରମ, ସ୍ଥାନ : ସରକାରୀ ମହିଳା ମହାବିଦ୍ୟାଳୟ ସଭା କକ୍ଷ, ସମୟ : ପୂର୍ବାହ୍ନ ୧୦ଟା ।
- ପଞ୍ଚମୁଖୀ ଯୁବକ ସଂଘ ଓ ଚେତନା ନାଟ୍ୟ ଅନୁଷ୍ଠାନ ଆୟୋଜନରେ ନୂଆଁଖାଇ ଭେଟଘାଟ, ସ୍ଥାନ : ମହାବୀରପଡା, ସମୟ : ସନ୍ଧ୍ୟା ୬ଟା ।

## ବଲାଙ୍ଗୀର
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପୁଇଁତଲା, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ରାଉରକେଲା
- ଇସ୍କନ ପକ୍ଷରୁ ସାମୂହିକ ନଗର ସଙ୍କୀର୍ତ୍ତନ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ସକାଳ ୬ଟା ୩୦ ।
- ପାଣି ପାଇଁ ବସ୍ତିବାସୀଙ୍କ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ୱାଟକୋ କାର୍ଯ୍ୟାଳୟ, ଉଦିତ ନଗର, ସମୟ: ପୂର୍ବାହ୍ନ ୧୧ଟା ।
- ଓଡିଆ ସାହିତ୍ୟରେ ଭାଷାର ସରଳୀକରଣ ଆବଶ୍ୟକତା ଶୀର୍ଷକ ଆଲେଶଚନାଚକ୍ର, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୭ଟା ।

## ସୁନ୍ଦରଗଡ଼
- ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୁଆଁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ୧୦ଟା୩୦ ।
- ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: କୁଆଁରମୁଣ୍ଡା ବ୍ଲକ,ସମୟ: ସକାଳ ୧୦ ଟା ।
- ପଞ୍ଚାୟତସ୍ତରୀୟ ଆଇଇସି ପ୍ରୋଗ୍ରାମ,ସ୍ଥାନ: ଢୁମେରଯୋର ପଞ୍ଚାୟତ,କୁଆଁରମୁଣ୍ଡା ବ୍ଲକ
- ସମୟ,ଅପରାହ୍ନ: ଅପରାହ୍ନ ୨ଟା ।

## ବରଗଡ଼
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ପାଇକମାଳ, ସମୟ: ପୂର୍ବାହ୍ନ ୧୦ଟା ।

## କଳାହାଣ୍ଡି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଏମ୍. ରାମପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।
- ଭବାନୀପାଟଣା ଟାଉନ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା ।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ହରଭଙ୍ଗା (ଚାରିଛକ), ସମୟ: ପୂର୍ବାହ୍ନ ୧୦ଟା ।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଆନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ, ସ୍ଥାନ: ଦେବଗଡ଼ ଟାଉନ୍ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକିଥିବା କାମରେ ଅଗ୍ରଗତି ଘଟିବ । ଆର୍ଥିକ ସଂକଟ ଥିଲେ ମଧ୍ୟ ନୂତନ ଯୋଜନା ସକାଶେ ମନ ବଳାଇବେ । ଅଶ୍ୱିନୀ ନକ୍ଷତ୍ରର ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ । ପଡ଼ୋଶୀ କିମ୍ବା ସମ୍ପର୍କୀୟମାନେ ଆପଣଙ୍କୁ ଅଣଦେଖା କରି ସମାଲୋଚିତ ହୋଇପାରନ୍ତି ।

**ବୃଷ** ଆଜି ରୋହିଣୀ ନକ୍ଷତ୍ର କାର୍ଯ୍ୟସିଦ୍ଧି ହେବା କାରଣରୁ ମାନସିକ ଶାନ୍ତି ପାଇବେ । ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇପାରିବେ । ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟାର ସମାଧାନ ହୋଇଯିବ । ସଭାସମିତି, ଆନୁଷ୍ଠାନିକ କାମରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି ।

**ମିଥୁନ** ସମ୍ପର୍କୀୟଙ୍କ ସହାୟତାରେ ପୂର୍ବ ଯୋଜନା ଅନୁଯାୟୀ କର୍ମ କରିବାରେ ସମର୍ଥ ହେବେ । ଆର୍ଦ୍ରା ନକ୍ଷତ୍ର ବିବାଦୀୟ କ୍ଷେତ୍ରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି । ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରି ଉଚିତ ପଦକ୍ଷେପ ନିଅନ୍ତୁ । ଫାଇଲପତ୍ର କିମ୍ବା କୌଣସି ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ ।

**କର୍କଟ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହାୟତାରେ କାମ ସମ୍ପନ୍ନ ହେବାରେ ଅସୁବିଧା ହେବ ନାହିଁ । ବ୍ୟବସାୟରେ ଲାଭବାନ ହେବେ ମାତ୍ର ଆଶାନୁରୂପ ନ ହୋଇପାରେ । ଆଲୋଚନା ପରିସରରେ ନ୍ୟାୟୋଚିତ ଏବଂ ଗଠନମୂଳକ ପରାମର୍ଶ ଦେଇ ପ୍ରଶଂସିତ ହେବେ । ପରିବାରରେ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ ।

**ସିଂହ** ମଘା ନକ୍ଷତ୍ର ଆଜି ଯାହା ପାଇବାକୁ ଇଚ୍ଛା କରୁଛନ୍ତି ତାହା ପାଇବା କଷ୍ଟକର ହେବ । ଉଚ୍ଚ ପଦାଧିକାରୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସାମିଲ ହେବେ । ପାରିବାରିକ କ୍ଷେତ୍ରରେ ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିବେ । ସାଂଗଠନିକ କ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ରହିବା ଯୋଗୁ ଆଶ୍ୱସ୍ତି ଲାଭ କରିବେ । ଉତ୍ତରାଫାଲଗୁନୀ ନକ୍ଷତ୍ରର ପ୍ରତ୍ୟେକ କାର୍ଯ୍ୟ ବିବାଦୀୟ ହେବାରୁ ବ୍ୟସ୍ତତା ବଢ଼ିଯିବ । ବିବାଦୀୟ କଥାରେ ମୁଣ୍ଡ ପୂରାଇଲେ ଅଯଥା ଦୋଷୀ ହେବେ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ଦୂରେଇଯିବାର ସମ୍ଭାବନା ରହିଛି ।

**ତୁଳା** ସ୍ୱାତୀ ନକ୍ଷତ୍ରର କର୍ମକ୍ଷେତ୍ରରେ ଲାଗିରହିଥିବା ସମସ୍ୟା ସମାଧାନ ହେବ । ଅବଶ୍ୟ ଏହି ଦିଗରେ ଜଣେ ବାଲ୍ୟବନ୍ଧୁ ସାହାଯ୍ୟ କରିବେ । ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ ଅବଶ୍ୟ ଖର୍ଚ୍ଚାନ୍ତ ହୋଇ କାମକୁ ବଢ଼ାଇ ନେଇପାରନ୍ତି । ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ସାମୟିକ ଆଶ୍ୱସ୍ତିଲାଭ କରିବେ ।

**ବିଛା** ଅନ୍ୟମନସ୍କ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜି ଯାଇପାରେ । ଅନୁରାଧା ନକ୍ଷତ୍ର ଆନୁଷ୍ଠାନିକ କାମରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ । କଳା, କ୍ରୀଡ଼ା, ସଙ୍ଗୀତ, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ସୁନାମ ଅର୍ଜନ କରିବେ । କାମ ହାସଲ ପାଇଁ କୌଣସି ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ ।

**ଧନୁ** ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ । ପଡ଼ୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ । ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଶତ୍ରୁଠାରୁ ଦୂରେଇ ରହି କାମ କରିବା ଭଲ ହେବ । ଉତ୍ତରାଷାଢ଼ା ନକ୍ଷତ୍ର ପରିବାରର ଇଚ୍ଛା ବିରୁଦ୍ଧରେ କାମ କଲେ ସମାଲୋଚିତ ହେବାର ସୂଚନା ରହିଛି ।

**ମକର** ଶ୍ରବଣା ନକ୍ଷତ୍ରର ସାମାନ୍ୟ ଅସୁସ୍ଥତାଜନିତ ମନଟା ଭଲ ରହି ନ ପାରେ । ବିଭିନ୍ନ ପ୍ରକାରର ସମସ୍ୟା ଜନିତ କଳା ସାହିତ୍ୟରେ ସମସ୍ୟା ବୃଦ୍ଧି ପାଇପାରେ । ଭୁଲ୍ ବୁଝାମଣା ଯୋଗୁ ନିଜ ଲୋକମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି । ପାରିବାରିକ ସ୍ଥିତି ପୂର୍ବପରି ରହିବ କିନ୍ତୁ ପୂର୍ବଶତ୍ରୁତାରେ ମନ ବିଚଳିତ ରହିପାରେ ।

**କୁମ୍ଭ** କାମଗୁଡିକ ପୂର୍ଣ୍ଣାଙ୍ଗ କରିବାକୁ ଅନ୍ୟମାନଙ୍କ ସାହାଯ୍ୟର ଆବଶ୍ୟକତା ଅନୁଭବ କରିବେ । ପାରିବାରିକ ଶୃଙ୍ଖଳା ରକ୍ଷାରେ ସମ୍ପର୍କୀୟଙ୍କ ସହାୟତା ନେବେ । ପୂର୍ବଭାଦ୍ରପଦ ନକ୍ଷତ୍ର ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ । ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ବେଳେ ସ୍ୱର୍ଣକାତର କଥାରେ ଚିହ୍ନା ପଡିବା ଠିକ୍ ହେବନାହିଁ ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ଦେଖାଦେଲେ ମଧ ପରକ୍ଷଣରେ ସବୁ ଠିକ୍ ହୋଇଯିବ । ଇଚ୍ଛା ନ ଥିଲେ ମଧ ବନ୍ଧୁଙ୍କ କାମରେ ବାହାରକୁ ଯିବାକୁ ପଡ଼ିପାରେ । ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବା କାରଣରୁ ମାନସିକ ସୁସ୍ଥତା ରହିବ ନାହିଁ । ସାମାଜିକ କିମ୍ବା ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ଯୋଗଦେବା ସକାଶେ ଆଗ୍ରହୀ ହେବେ ।

ଆଜି ସେପ୍ଟେମ୍ବର ୮ ତାରିଖ, ବିଶ୍ୱ ସାକ୍ଷରତା ଦିବସ, ଅପରପକ୍ଷ ଓ ପିତୃତର୍ପଣ ଆରମ୍ଭ, ସ୍ୱାମୀ ଶିବାନନ୍ଦ ଜୟନ୍ତୀ, ଜହ୍ନିଓଷା ଆରମ୍ଭ, ଶରଣ, ଆଶ୍ୱିନ କୃଷ୍ଣପ୍ରତିପଦା ସୋମବାର । ରାଶିନକ୍ଷତ୍ର- ପୂର୍ବଭାଦ୍ରପଦ/କୁମ୍ଭ, ଦିବା ଘ. ୦୨.୨୮ ମି. ଗତେ ମୀନଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ (ମହାଳୟା ବିଧିରେ କରାଯିବ) । ସକାଳ ଘ.୦୫.୩୬ମି. ଗତେ ଘ.୦୭.୦୮ମି. ମଧ୍ୟେ, ଘ. ୧୦.୩୦ମି. ଗତେ ଘ. ୧୨.୫୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୭.୦୮ ମି. ଗତେ ଘ. ୦୮.୪୦ମି. ମଧ୍ୟେ ରାହୁ କାଳ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବାଘର ମାଉସୀ ବିଲେଇ**
**ନିଆଁ ମାଗିଗଲା କେଉଟ ସାହି**
**ମାଛ ଗନ୍ଧ ଶୁଙ୍ଘି ଫେରିଲା ନାହିଁ**

ଶ୍ରଦ୍ଧାରେ ବିଲେଇକୁ ପୁଷି ମାଉସୀ ବୋଲି କୁହାଯାଇଥାଏ । ସାଧାରଣତଃ ବିଲେଇ ଆଇଁଷ ରଙ୍କୁଣା । ଯେଉଁଠି ମାଛ କି ଶୁଖୁଆର ଟିକିଏ ଗନ୍ଧ ପାଏ ସେ ସେଇଠି ନସର ପସର ହେଉଥିବାର ଲକ୍ଷ୍ୟ କରାଯାଇଥାଏ । ପରୋକ୍ଷରେ ଆମିଷଲୋଭୀ ବ୍ୟକ୍ତିଙ୍କର ଏତାଦୃଶ ଲକ୍ଷଣ ଦେଖାଯାଉଥିବା ନେଇ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

**ବୋହିଗଲା ପାଣି ଯାଉ ତେଣିକି**
**ବନ୍ଧେଇଲା ପାଣି ରହୁ ଏଣିକି ।**

ପାଣି ବା ଜଳ ସଦାସର୍ବଦା ନିମ୍ନଗାମୀ ହୋଇଥାଏ । ଏହାର ଧର୍ମ ବୋହିଚାଲିବା । ପାଣିକୁ ଅଟକାଇ ରଖିବା ପାଇଁ ସେଥିରେ ବନ୍ଧ ବାନ୍ଧିବାକୁ ପଡ଼ିଥାଏ । ପରୋକ୍ଷରେ ଯାହା ବିତିଯାଇଛି ବା ଘଟିଯାଇଛି ସେଥିକି ଅନୁଶୋଚନା ନ କରି ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରିବା ବୁଦ୍ଧିମାନ୍‌ର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।



ଦେବଗଡ଼ ରିୟାମାଳ ମୁଖ୍ୟରାସ୍ତାର ଝାଡ଼େଶ୍ୱର ମନ୍ଦିର ଛକ ନିକଟରେ ଚାଷୀମାନେ ରାସ୍ତାରୋକ କରୁଛନ୍ତି ।

ପ୍ରଥମ ପୃଷ୍ଠାରୁ...

## ସାର ପାଇଁ ...

ଡିଲର ଗୋଦାମ ଖୋଲି ଅଧିକ ଦାମ୍‌ରେ ସାର ବିକ୍ରି କରୁଥିବାବେଳେ ଦିନରେ ଗୋଦାମ ଖୋଲିବାରେ ବିଳମ୍ବ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଦେବଗଡ଼ ଜିଲା ପୁରୁଣାଗଡ଼ ହକିଛକ ନିକଟରେ ଥିବା ଘରୋଇ ଡିଲରଙ୍କ ଗୋଦାମରେ ସାର ଗଚ୍ଛିତ ଥିବା ସୂଚନାପାଇ ରବିବାର ସକାଳେ ଶତାଧିକ ଚାଷୀ ସେଠାରେ ପହଞ୍ଚିଥିଲେ । ହେଲେ କଳାବଜାର ଉଦ୍ଦେଶ୍ୟରେ ଡିଲର ଜାଣିଶୁଣି ଗୋଦାମ ଖୋଲିବାରେ ବିଳମ୍ବ କରିଥିଲେ । ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଫଳରେ ସେମାନେ ପୂର୍ବାହ୍ନ ୧୦ଟାରେ ରାସ୍ତାରୋକୋ କରିଥିଲେ । ଏଥିଯୋଗୁ ଯାନବାହନ ଚଳାଚଳରେ ସମସ୍ୟା ହୋଇଥିଲା । ଫଳରେ ଡିଲର ଗୋଦାମ ଖୋଲିବାରୁ ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ରାସ୍ତା ଅବରୋଧ ହଟିଥିଲା । ପରେ ଚାଷୀମାନେ ଘଣ୍ଟା ଘଣ୍ଟା ଧରି ଖରାରେ ଛିଡା ହୋଇ ସାର କିଣୁଥିବା ଦେଖିବାକୁ ମିଳିଥିଲା । କୃଷି ବିଭାଗ ଓ ଜିଲା ପ୍ରଶାସନ ସାର କଳାବଜାର ରୋକିବାକୁ ପଦକ୍ଷେପ ନେବା ସହ ତୁରନ୍ତ ଆବଶ୍ୟକତା ଅନୁଯାୟୀ ସାର ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି ।

ଏନେଇ ଦେବଗଡ଼ ଜିଲା କୃଷକ ସଂଘ ସଭାପତି ବିଜୟ କୁମାର ପ୍ରଧାନ କହିଛନ୍ତି, ଜିଲାରେ ସାର ଅଭାବ ଯୋଗୁ ଚାଷ କାର୍ଯ୍ୟ ପ୍ରଭାବିତ ହେଉଛି । ଫଳରେ ଅନେକ ସମୟରେ ଚାଷୀମାନେ ଧର୍ମଘଟ, ରାସ୍ତାରୋକୋ କରିଛନ୍ତି । ଏଭଳି ପରିସ୍ଥିତିରେ ଜିଲା ପ୍ରଶାସନ ସାର କଳାବଜାର ରୋକିବାକୁ ପ୍ରୟାସ କଲେ ଚାଷୀ ଉପକୃତ ହେବେ । ସେହିପରି ଜିଲା ସଂଘର୍ଷ ସଂଘ ସଭାପତି ସେମ ହେମ୍ବ୍ରମ କହିଛନ୍ତି, ଜିଲାରେ ରାସାୟନିକ ସାର ଯୋଗାଣରେ ଅବ୍ୟବସ୍ଥା ପାଇଁ କୃଷି ବିଭାଗ ଓ ପ୍ରଶାସନ ଦାୟୀ । କିଛିଦିନ ପୂର୍ବରୁ ଡିଏପି ଓ ଗ୍ରୋମୋର ସାର ଅଭାବ ଦେଖାଦେବାରୁ ଜିଲା କୃଷି କାର୍ଯ୍ୟାଳୟ ବନ୍ଦ କରାଯାଇଥିଲା । ପରେ କୃଷି ବିଭାଗ ପକ୍ଷରୁ ସାର ଯୋଗାଇ ଦିଆଯାଇଥିଲା । ପ୍ରଶାସନର ଖାମଖିଆଲ ନୀତି ପାଇଁ ଏବେ ୟୁରିଆ ସାର ଯୋଗାଣରେ ଅବ୍ୟବସ୍ଥା ଦେଖାଦେଇଛି । ବିଭାଗ ପକ୍ଷରୁ ତୁରନ୍ତ ସାର ଯୋଗାଇ ଦିଆ ନଗଲେ କୃଷି ବିଭାଗ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ବାଧ୍ୟ ହେବୁ । ଅପରପକ୍ଷେ ଭାରପ୍ରାପ୍ତ ଜିଲା କୃଷି ଅଧିକାରୀ ମନୋଜ ମାରାଣ୍ଡିଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳିପାରିନାହିଁ । ସେହିପରି ମାଲକାନାଗିରି ଜିଲା କାଳିମେଲା ବ୍ଲକ ମହାରାଜପଲ୍ଲୀ ପଞ୍ଚାୟତ ସମ୍ମୁଖ ୩୨୬ ନମ୍ବର ଜାତୀୟ ରାଜପଥରେ ଶତାଧିକ ଚାଷୀ ରବିବାର ବସି ରହିଥିଲେ । ସକାଳ ୭ଟାରୁ ବିଜୟୱାଡା- ରାଞ୍ଚିକୁ ସଂଯୋଗ କରୁଥିବା ରାଜରାସ୍ତାରେ କାଠ ଓ ଟାୟାର ରଖି ପ୍ରତିବାଦ କରିଥିଲେ । ଫଳରେ ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡ଼ି ମୋଟର ଅଟକି ରହିଥିଲା । ଏହି ଖବର ଜଣାପଡ଼ିବା ପରେ ମହାରାଜପଲ୍ଲୀ ପଞ୍ଚାୟତ ଲ୍ୟାମ୍ପସ ଶାଖା ପରିଚାଳକ ଗୁରୁଚାନ୍ଦ ମଣ୍ଡଳ ପୂର୍ବାହ୍ନ ପ୍ରାୟ ୧୧ଟାରେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଚାଷୀଙ୍କ ସହ ଆଲୋଚନା କରି ମଙ୍ଗଳବାର ସୁଦ୍ଧା ସାର ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା । ମହାରାଜପଲ୍ଲୀ ପଞ୍ଚାୟତକୁ ଏପର୍ଯ୍ୟନ୍ତ ୟୁରିଆ ସାର ଆସିନାହିଁ । ଫଳରେ ଜମିରେ ସାର ପକାଇବା ସମୟ ଗଡ଼ି ଯାଉଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ମହାରାଜପଲ୍ଲୀ ପଞ୍ଚାୟତ ଲ୍ୟାମ୍ପସ ଶାଖା ପରିଚାଳକ ଗୁରୁଚାନ୍ଦଙ୍କୁ ଯୋଗାଯୋଗ କରିବାରୁ ଆସନ୍ତା ଦିନେ କିମ୍ବା ଦୁଇଦିନ ମଧ୍ୟରେ ୬୦୦ ରୁ ୬୫୦ ବ୍ୟାଗ ସାର ଆସିଲେ ଚାଷୀଙ୍କୁ ବଣ୍ଟାଯିବ । ତାଲିକା ପ୍ରସ୍ତୁତି କରି ରଖାଯାଇଛି, ଆସିବାମାତ୍ରେ ଦିଆଯିବ ବୋଲି ସେ କହିଛନ୍ତି । ପ୍ରକାଶ ଯେ, କିଛିଦିନ ତଳେ କାଲିମେଲା ବ୍ଲକ ପୁସୁଗୁଡା ପଞ୍ଚାୟତରେ ଚଢାଦରରେ ୟୁରିଆ ସାର ବିକ୍ରିକୁ ନେଇ ଚାଷୀଙ୍କ ପକ୍ଷରୁ ରାସ୍ତା ଅବରୋଧ ହୋଇଥିଲା ।

# ଚାଷୀ ସମସ୍ୟା, ସାର ବଣ୍ଟନର ସମୀକ୍ଷା କଲେ ମନ୍ତ୍ରୀ

## ସାର ହେରଫେର କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, (ଅନୁରାଧା ମହାରଣା)/ ଗୋପାଳପୁର ୭।୯ (ନବୀନ ରାଜ ଆଚାରୀ)

ରାଜ୍ୟରେ ସାର ଓ ଚାଷୀଙ୍କ ସମସ୍ୟା ଦୂର ପାଇଁ ରବିବାର ବାଣିଜ୍ୟ ପରିବହନ ଓ ଖଣି ଇସ୍ପାତ୍ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୋପାଳପୁର ନିର୍ବାଚନମଣ୍ଡଳୀ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏହି ଅବସରରେ ଗୋଳନ୍ଥରାସ୍ଥିତ ବନ୍ଦେ ମାତରଂ ଗୃହଠାରେ ମନ୍ତ୍ରୀ ଜେନାଙ୍କ ଅଧ୍ୟକ୍ଷତାରେ ରଙ୍ଗେଇଲୁଣ୍ଡା ଓ କୁକୁଡାଖଣ୍ଡି ବ୍ଲକର ଚାଷୀଙ୍କ ସମସ୍ୟା ଓ ସାର ବିକ୍ରୟ ସଂକ୍ରାନ୍ତରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପସ୍ଥିତ ସମବାୟ ସମିତି ସଭାପତି, ସମ୍ପାଦକମାନେ ନିଜ ସମବାୟ ସଂସ୍ଥାର ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କେତେକ ପାକ୍ସରେ ଜାଗା ନ ଥିବା ଯୋଗୁ ସ୍ଥାୟୀ କାର୍ଯ୍ୟାଳୟ ତଥା ଗୋଦାମ ଗୃହ ନିର୍ମାଣ ହୋଇପାରୁ ନାହିଁ ଏବଂ ପାକ୍ସ ସମ୍ପାଦକ ପଦ ଖାଲିଥିବାରୁ ସମସ୍ୟା ହେଉଥିବା ଜଣାଇଥିଲେ । ମନ୍ତ୍ରୀ ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାରଙ୍କୁ ତୁରନ୍ତ ଜାଗା ଜମି ଯୋଗାଇ ଦେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ଅନ୍ୟାନ୍ୟ ସମସ୍ୟାର ସମାଧାନ ୭ଦିନ ଭିତରେ କରିବାକୁ ଉପସ୍ଥିତ ଥିବା ସହକାରୀ ସମବାୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଏଥିସହ ପାକ୍ସୱାରୀ କେତେ ସାର ଆବଶ୍ୟକ ସେନେଇ ତାଲିକା ପ୍ରସ୍ତୁତ କରି ତୁରନ୍ତ ଯୋଗାଣ ନିମନ୍ତେ ଉପସ୍ଥିତ ଥିବା ଜିଲା କୃଷି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ୯୯୯ ମେଟ୍ରିକ ଟନ ସାର ୨୯ଟି ସମବାୟ ସମିତି କାର୍ଯ୍ୟାଳୟରେ ପହଞ୍ଚି ସାରିଛି । ଯେଉଁ ବ୍ୟକ୍ତି କିମ୍ବା ଅଧିକାରୀ ସାରରେ ହେରଫେର୍ କରିବେ, ତାଙ୍କ ଉପରେ ସରକାର ତରଫରୁ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି । ବୈଠକରେ ଜିଲା କୃଷି ଅଧିକାରୀ ଅଜୟ କୁମାର କର, ସହକାରୀ ସମବାୟ ଅଧିକାରୀ ଦେବାଶିଷ ସ୍ୱାଇଁ ଓ ରଙ୍ଗେଇଲୁଣ୍ଡା ବ୍ଲକ ସହକାରୀ କୃଷି ଅଧିକାରୀ କିଶୋର କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ ।

## ନାବାଳିକାଙ୍କୁ ବଳାତ୍କାର ...

କ୍ଷତବିକ୍ଷତ ମୃତଦେହ ଗାଁ ନାଳରେ ମୁହଁ ମାଡ଼ି ପଡିଥିବା ତାଙ୍କ ଭାଇ ଦେଖିବାକୁ ପାଇଥିଲେ । ନାବାଳିକାଙ୍କ ତଣ୍ଟି, ହାତ, କାନ ପାଖରେ କଟାଦାଗ ରହିଛି । ତାଙ୍କୁ କେହି ବଳାତ୍କାର ପରେ ହତ୍ୟା କରିଥିବା ତାଙ୍କ ଭାଇ କହିଛନ୍ତି । ଘଟଣା ସମ୍ପର୍କରେ ଖବର ପାଇ ଅନୁଗୋଳ ସଦର ଥାନା ପୋଲିସ, ବନ୍ତଲା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରିଥିଲେ । ହେଲେ ଦୋଷୀଙ୍କୁ ଧରିବା ଦାବିରେ ଉତ୍ତ୍ୟକ୍ତ ଗ୍ରାମବାସୀ ଅନୁଗୋଳ-ବନ୍ତଳା ମୁଖ୍ୟରାସ୍ତାକୁ ଶାବଳଭଙ୍ଗାଠାରେ ଅବରୋଧ କରିବା ସହ ମୃତଦେହ ଘଟଣାସ୍ଥଳରୁ ଉଠାଇବାକୁ ଦେଇ ନ ଥିଲେ । ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଆସିବା ଦାବିରେ ସେମାନେ ଅଟଳ ରହିଥିଲେ । ଘଟଣାସ୍ଥଳରେ ସଦର ଆଇଆଇସି ମୃଣାଳ କାଲ, ଏସ୍‌ଡିପିଓ ରମାକାନ୍ତ ମହାଲିକ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ । ଶେଷରେ ଲୋକଙ୍କ ଦାବି ଅନୁଯାୟୀ, ଅନୁଗୋଳରୁ ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରିଥିଲା । ଘଟଣାସ୍ଥଳରେ ଅନୁଗୋଳ ଏସ୍‌ପି ରାହୁଲ ଜୈନ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହ ନିଜେ ଦାୟିତ୍ୱ ନେଇ ତଦନ୍ତ କରିବା ସହ ୭ଦିନ ଭିତରେ ଦୋଷୀଙ୍କୁ ଧରି କଠୋର ଦଣ୍ଡବିଧାନ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ୫ଘଣ୍ଟା ପରେ ଗ୍ରାମବାସୀ ରାସ୍ତା ଅବରୋଧ ହଟାଇଥିଲେ । ଅନୁଗୋଳ ତହସିଲଦାର ଆଲୋକ କୁମାର ଦେହୁରୀ ପୀଡ଼ିତାଙ୍କୁ ପରିବାରଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ପ୍ରଦାନ କରିଥିଲେ । ଘଟଣାସ୍ଥଳରେ ଅନୁଗୋଳ ଥାନା ଅଧିକାରୀ ଧୀରେଶ ଦାସ, ବନ୍ତଲା ଥାନା ଅଧିକାରୀ ନଟବର ନନ୍ଦ ରହି ତଦନ୍ତରେ ସହଯୋଗ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ପ୍ରଥମେ ହୋଇଥିବା ନିଖୋଜ ଅଭିଯୋଗ କ୍ରମେ ପୋଲିସ ୧୪/୨୫ ନମ୍ବରରେ ଏକ ମାମଲା ରୁଜୁ କରିଛି । ବ୍ୟବଚ୍ଛେଦ ରିପୋର୍ଟରେ ବଳାତ୍କାର ହୋଇଥିବା ଜଣାପଡ଼ିଲେ ତଦନୁଯାୟୀ ଦଫା ଲଗାଯିବ ବୋଲି ଆଇଆଇସି କାଲ କହିଛନ୍ତି ।

## ସଂକ୍ଷେପରେ

### ଜିଲା ବିଦ୍ୟାଳୟ ସମୂହ ହ୍ୟାଣ୍ଡବଲ ପ୍ରତିଯୋଗିତା

ବ୍ରହ୍ମପୁର,୭।୯(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ରବିବାର ୧୪ ଓ ୧୭ ବର୍ଷରୁ କମ ବୟସର ବାଳିକାବାଳକଙ୍କୁ ନେଇ ଜିଲା ବିଦ୍ୟାଳୟ ସମୂହ ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ପରାମର୍ଶ ଅନୁସାରେ ଜିଲା ଶାରୀରିକ ଶିକ୍ଷାଧିକରୀ ଭାଗିରଥୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ଗଞ୍ଜାମ ଜିଲା ହ୍ୟାଣ୍ଡ ବଲ ସଂଘ ସହାୟତା କରିଥିଲେ। ଜିଲାର ପ୍ରାୟ ୨୪ରୁ ଅଧିକ ସ୍କୁଲର ୧୮୩ ଖେଳାଳି ଭାଗ ନେଇଥିଲେ। ଜିଲା ହ୍ୟାଣ୍ଡ ବଲ ସଂଘ କାର୍ଯ୍ୟକାରୀ ସଭାପତି ତଥା ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଳା, ସମ୍ପାଦକ ସୁରେଶ ଚନ୍ଦ୍ର ପାଢି, ସମାଜ ସେବୀ ଅଜୟ ମହାରଣା ଓ ରାଜେଶ କୁମାର ସାହୁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ପ୍ରତିଯୋଗିତାରୁ ୧୨ ଖେଳାଳି ଚୟନ ହୋଇଥିଲେ। ସେମାନେ ଆସନ୍ତା ୨୪ରୁ ୨୬ତାରିଖ ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ । ଜାତୀୟ ହ୍ୟାଣ୍ଡ ବଲ କୋଚ ପ୍ରଶାନ୍ତ କୁମାର ରଥ, କ୍ରୀଡା ଶିକ୍ଷକ ପ୍ରମୋଦ ପଟ୍ଟନାୟକ, ସନ୍ଦୀପ ପାତ୍ର, ମଧୁସୂଦନ ମିଶ୍ର, ପିଣ୍ଟୁ ବେହେରା, ସୁନୀତା ପାତ୍ର, ଧୀର ସମୀର , ବ୍ଲକ ସମ୍ପାଦକ ସୀତାରାମ ବେବର୍ତ୍ତାଙ୍କ ସହ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ପୋଷାକ ନିର୍ମାଣ ପାଇଁ ଅଯୋଗ୍ୟ ସଂସ୍ଥାକୁ ଚୟନ, ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ବ୍ରହ୍ମପୁର,୭।୯ (ସୁବାସ ଚନ୍ଦ୍ର ପାଢ଼ୀ)

ସରକାରଙ୍କ ତରଫରୁ ଅଙ୍ଗନୱାଡି ଠାରୁ ଆରମ୍ଭ କରି ପ୍ରଥମରୁ ଦଶମ ଶ୍ରେଣୀ ପିଲାଙ୍କୁ ମାଗଣା ପୋଷକ ପ୍ରଦାନ କରାଯାଉଛି। ଏହି ପୋଷାକ ତିଆରି କରିବା ପାଇଁ ବିଭିନ୍ନ ମହିଳା ଏସଏଚଜି ତଥା କ୍ଷୁଦ୍ର ଉଦ୍ୟୋଗକୁ ଦାୟିତ୍ୱ ଦିଆଯାଇଥାଏ। କିନ୍ତୁ କୁକୁଡାଖଣ୍ଡି ବ୍ଲକରେ ପୋଷାକ ନିର୍ମାଣ କାର୍ଯ୍ୟ ପ୍ରଦାନରେ ଅନିୟମିତତା ଅଭିଯୋଗ ହୋଇଛି। କିଛି ବର୍ଷ ହେଲା ନିର୍ଦ୍ଦିଷ୍ଟ ଏସଏଚଜିଙ୍କୁ ଏହି ଦାୟିତ୍ୱ ଦିଆଯାଇଛି ବୋଲି ପୂର୍ବତନ ଜିଲା ସମବାୟ ସଂଘ ସଭାପତି ସନାତନ ସଂଗ୍ରାମ ସିଂ ଅଭିଯୋଗ ଆଣିଛନ୍ତି। ଏ ନେଇ ସେ ପୂର୍ବରୁ ବ୍ଲକସ୍ତରୀୟ ଓ ଜିଲାସ୍ତରୀୟ ଚୟନ କମିଟିରେ ଅଭିଯୋଗ କରିଥିଲେ। ସୁଫଳ ନମିଳିବାରୁ ମୁଖ୍ୟମନ୍ତ୍ରୀ ଓ ସ୍କୁଲ ଓ ଗଣ ଶିକ୍ଷାମନ୍ତ୍ରୀଙ୍କୁ ଚିଠି କରିଛନ୍ତି। କିଛିଦିନ ତଳେ ଅଙ୍ଗନବାଡି ପିଲାଙ୍କ ପୋଷାକ ନିର୍ମାଣ ପାଇଁ ୭ ଓ ପ୍ରଥମରୁ ୮ମ ପିଲାଙ୍କ ପାଇଁ ୨୭ ଆବେଦନ ଆସିଥିଲା। କିନ୍ତୁ ନିୟମ ପ୍ରକାରେ ଯାଞ୍ଚ କରାନଯାଇ ଅଯୋଗ୍ୟ ସଂସ୍ଥାକୁ ପୋଷାକ ନିର୍ମାଣ ଦାୟିତ୍ୱ ପାଇଁ ଚୟନ କରାଯାଇଛି। ଧାର୍ଯ୍ୟ ନିୟମ ଓ ସର୍ତ୍ତାବଳୀର ଖୋଲା ଉଲ୍ଲଂଘନ କରାଯାଇଛି। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କୁ ନିମ୍ନମାନର ପୋଷାକ ମିଳିବା ଆଶଙ୍କା ରହିଛି। ତେଣୁ ଜିଲାସ୍ତରୀୟ ଚୟନ କମିଟି ଗଠନ କରାଯାଇ ଯୋଗ୍ୟ ସଂସ୍ଥାକୁ ଚୟନ କରାଯିବା ପରେ ପୋଷାକ ନିର୍ମାଣ ଦାୟିତ୍ୱ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ଏଭଳି ହେଲେ ଛାତ୍ରୀଛାତ୍ରଙ୍କୁ ଉନ୍ନତ ପୋଷାକ ମିଳିବ ବୋଲି ସେ କହିଛନ୍ତି।

### ସର୍ବଭାରତୀୟ ପେନସନର୍ସ ବୈଠକର ନିଷ୍ପତ୍ତିକୁ ସେବାନିବୃତ୍ତ ବିକାଶ ମଞ୍ଚର ସମର୍ଥନ

ବ୍ରହ୍ମପୁର,୭।୯(ସୁବାସ ଚନ୍ଦ୍ର ପାଢ଼ୀ)

ରାଞ୍ଚିରେ ଅନୁଷ୍ଠିତ ସର୍ବଭାରତୀୟ ପେନସନର୍ସ ବୈଠକର ନିଷ୍ପତ୍ତିକୁ ରାଜ୍ୟ ଓ ଗଞ୍ଜାମ ସେବାନିବୃତ୍ତ ବିକାଶ ମଞ୍ଚ ସମର୍ଥନ କରିଛି। ଦେଶର ଅନ୍ୟାନ୍ୟ ରାଜ୍ୟରେ ପେନସନଭୋଗୀଙ୍କୁ ସତୁରି ବର୍ଷ ବୟସରେ ୧୫ ପ୍ରତିଶତ ଅତିରିକ୍ତ ପେନସନ, କମ୍ୟୁଟେଡ଼ ରାଶିକୁ ୧୨ ବର୍ଷରେ ଫେରସ୍ତ ସୁବିଧା, କ୍ୟାଶଲେସ ଚିକିତ୍ସା ସୁବିଧା ଦେଉଥିବା ବେଳେ ଓଡିଶା ସରକାର ସେ ସବୁ ସୁବିଧାରୁ ବଞ୍ଚିତ କରୁଥିବା ଓଡିଶାରୁ ପ୍ରତିନିଧିତ୍ୱ କରିଥିବା ଓଡିଶା ସେବାନିବୃତ୍ତ ବିକାଶ ମଞ୍ଚର ସମ୍ପାଦକ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା (ଗଞ୍ଜାମ) କେନ୍ଦ୍ର ସଂଗଠନକୁ ଅବଗତ କରାଇଥିଲେ। ସମଗ୍ର ଦେଶର ପେନସନ ଭୋଗୀଙ୍କୁ ଏକା ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଭାଲିଡେସନ ଆକ୍ଟକୁ ତୁରନ୍ତ ପ୍ରତ୍ୟାହାର କରା ନ ଗଲେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ଶୀଘ୍ର ଅଷ୍ଟମ ବେତନ ନିର୍ଦ୍ଧାରଣ ପାଇଁ କମିଶନ ଓ ସଭ୍ୟ ନିଯୁକ୍ତି ପାଇଁ ମଧ୍ୟ ଦାବି କରାଯାଇ କେନ୍ଦ୍ରୀୟ ସଂଗଠନର ସମସ୍ତ ନିଷ୍ପତ୍ତିକୁ ରାଜ୍ୟ ସମର୍ଥନ କରିବ ବୋଲି ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଅଧ୍ୟକ୍ଷ କାମରାଜୁ ମହାରଣା ଏବଂ ଗଞ୍ଜାମ ଜିଲ୍ଲା ସେବା ନିବୃତ୍ତ ବିକାଶ ମଞ୍ଚ ସଭାପତି ପ୍ରଦୀପ କୁମାର ସାହୁ କହିଛନ୍ତି।

# ହୋମ୍‌ଗାର୍ଡ ପରୀକ୍ଷା ଦେଲେ ଏମ୍‌ଏ, ଏମ୍‌ବିଏ, ଡିପ୍ଲୋମା ଡିଗ୍ରୀଧାରୀ

ଆସିକା/ ଭଞ୍ଜନଗର/ ହିଞ୍ଜିଳିକାଟୁ, ୭।୯ (ସୁରେନ୍ଦ୍ର ନାଥ ସାହୁ/ ବାବୁଲା ପ୍ରଧାନ/ ଦ୍ୱିତୀକୃଷ୍ଣ ପଣ୍ଡା)



ମହିଳା ମହାବିଦ୍ୟାଳୟ କେନ୍ଦ୍ରରେ ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀ।

ଗଞ୍ଜାମ ଜିଲା ଆସିକାର ଦୁଇଟି ପରୀକ୍ଷା କେନ୍ଦ୍ରରେ ରବିବାର ହୋମଗାର୍ଡ ପରୀକ୍ଷା ଅନୁଷ୍ଠିତ ହୋଇଛି । ଏହି ଦୁଇ କେନ୍ଦ୍ରରେ ୩୨୩ ଜଣ ପରୀକ୍ଷା ଦେଇଥିବା ଜଣାପଡିଛି। ଏଥିରୁ ଆସିକାସ୍ଥିତ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦ୍ରରେ ୨୧୧ ଜଣ ପରୀକ୍ଷାର୍ଥୀ ରହିଥିଲା ବେଳେ ଆସିକା ବିଜ୍ଞାନ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୧୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।

ଏହି ପରୀକ୍ଷା ଲାଗି ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ଦଶମ ରହିଥିବା ବେଳେ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଏମ୍‌ଏ, ଏମ୍‌ବିଏ, ଡିପ୍ଲୋମା ଡିଗ୍ରୀଧାରୀ ଯୁବତୀ ଯୁବକ ରହିଥିବା ଲକ୍ଷ୍ୟ କରାଯାଇଛି। ସଂପ୍ରତି ସରକାରୀ ଚାକିରି ମିଳିବା କଷ୍ଟକର ହୋଇଥିବାରୁ ହୋମଗାର୍ଡ, ରୋଷେୟା, ମିସ୍ତ୍ରୀ ଆଦି ପଦବୀରେ ପରୀକ୍ଷା ଦେଉଥିବା କେତେଜଣ ଉଚ୍ଚଶିକ୍ଷିତ ପରୀକ୍ଷାର୍ଥୀ କହିଛନ୍ତି। ମହିଳା ମହାବିଦ୍ୟାଳୟ କେନ୍ଦ୍ରରେ କଲେଜ ଅଧ୍ୟକ୍ଷ ସରୋଜ ଜେନା ଓ ବିଜ୍ଞାନ ମହାବିଦ୍ୟାଳୟ କେନ୍ଦ୍ରରେ କଲେଜ ଅଧ୍ୟକ୍ଷ ଡା.ସନ୍ତୋଷ ଚୌଧୁରୀ କେନ୍ଦ୍ର ଅଧୀକ୍ଷକ ଦାୟିତ୍ୱରେ ରହି ପରୀକ୍ଷା ପରିଚାଳନା କରିଥିଲେ। ଆସିକା ଏସ୍‌ଡିପିଓ ସନ୍ତୋଷ ଜେନାଙ୍କ ତତ୍ତ୍ୱାବଧାନରେ ଆସିକା ଥାନା ଅଧିକାରୀ କୁଳମଣି ସେଠୀ ଓ କୋଦିନଡ଼ା ଥାନା ଅଧିକାରୀ ଦାମୋଦର ବିହାରୀ ପରୀକ୍ଷା ତଦାରଖ କରିଥିଲେ।

ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ମଧ୍ୟ କଡ଼ା ସୁରକ୍ଷାରେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ପରୀକ୍ଷା କରାଯାଇଥିଲା। ଗଞ୍ଜାମ ପୋଲିସ ଜିଲାରେ ୧୩୫ଟି ପଦବୀ ପାଇଁ ୭୫୦୦ରୁ ଉର୍ଦ୍ଧ୍ୱ ଆବେଦନ କରିଛନ୍ତି। ଭଞ୍ଜନଗର ଏସଡିପିଓ ଡ. ଦୀପକ ମିଶ୍ର, ଏଏସ୍‌ପି ରଞ୍ଜନ ଦେଓ ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ସୁରକ୍ଷା ବ୍ୟବସ୍ଥା ଦେଖିଥିଲେ। ୧୦୧ ପୁରୁଷ ଏବଂ ୩୪ ଜଣ ମହିଳା ଗୃହରକ୍ଷୀ ପଦବୀ ପାଇଁ ପରୀକ୍ଷା ଦେଇଥିଲେ। ସେଥିରୁ ସାମୁଦ୍ରିକ ଥାନା ପାଇଁ ୧୫ ଜଣ, ସାଧାରଣ ଡ୍ୟୁଟି ୫୫ ଜଣ, କମ୍ପ୍ୟୁଟର ୪୦, ଡ୍ରାଇଭର ୧୦, ରୋଷେୟା ୬, ବୈଦ୍ୟୁତିକ ମିସ୍ତ୍ରୀ ୨, ମେସ ସହାୟକ ୨ ଓ ଧୋବୀ, ବାରିକ, ଦରଜୀ, ପାଣି ପାଇପ ମିସ୍ତ୍ରୀ, ମୋଚି ଆଦି ପଦବୀରେ ନିଯୁକ୍ତି ଲାଗି ପରୀକ୍ଷା ହୋଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ଗଞ୍ଜାମ ପୋଲିସ ଜିଲାର ସମସ୍ତ ଥାନା ଅଞ୍ଚଳରେ ଗୋଟିଏ ଲେଖାଏ ପରୀକ୍ଷା କେନ୍ଦ୍ର ହୋଇଥିଲା। ଏହି ଲିଖିତ ପରୀକ୍ଷାର ଫଳ ଆସନ୍ତା ୯ ତାରିଖରେ ପ୍ରକାଶ ପାଇବ। ହିଞ୍ଜିଳିକାଟୁରେ ୧୯୧ଟି ହୋମଗାର୍ଡ ପଦବୀରେ ଲିଖିତ ପରୀକ୍ଷା ହୋଇଛି। ହିଞ୍ଜିଳିକାଟୁ ସ୍ୱୟଂ ଶାସିତ ବିଜ୍ଞାନ ମହାବିଦ୍ୟାଳୟ କେନ୍ଦ୍ରରେ କଡା ସୁରକ୍ଷାରେ ଏହି ପରୀକ୍ଷା ହୋଇଥିଲା।

# ପରିବେଶ ସୁରକ୍ଷା ପାଇଁ ଶପଥପାଠ




ପରିବେଶ ସୁରକ୍ଷା ପାଇଁ ବାହାରିଥିବା ସଚେତନତା ଶୋଭାଯାତ୍ରା।

ବ୍ରହ୍ମପୁର,୭।୯(ଅଶୋକ କୁମାର ସାହୁ)

ଆର୍ଯ୍ୟଭଟ୍ଟ ଅନୁଷ୍ଠାନ ପକ୍ଷରୁ ଛାତ୍ରୀଛାତ୍ର, ବିଭିନ୍ନ ସ୍କୁଲ ଓ କଲେଜରେ ଅଧ୍ୟୟନରତଙ୍କୁ ନେଇ ଗୁରୁଦିବସ ଅବସରରେ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ବରିଷ୍ଠ ପଦାର୍ଥବିଜ୍ଞାନ ଶିକ୍ଷକ ସୁଧିର ରାଉତ ଦିବସର ମହତ୍ତ୍ୱ କହିଥିଲେ। ଛାତ୍ରୀଛାତ୍ରମାନେ ଗୁରୁଙ୍କ କର୍ମ ଓ ଆଦର୍ଶକୁ ସମ୍ମାନ ଜଣାଇଥିଲେ। ସୁଧିର ରାଉତ ଜଣେ ବରିଷ୍ଠ ଶିକ୍ଷକ ତଥା ପରିବେଶବିତ୍ ହୋଇଥିବାରୁ ତାଙ୍କୁ ଗୁଗୁଲରେ ଗ୍ରୀନ ମ୍ୟାନ ଅଫ ଓଡ଼ିଶା ନାମରେ ଅଭିହିତ କରାଯାଇଛି। ପରିବେଶ ସୁରକ୍ଷା ପାଇଁ ତାଙ୍କ ଜୀବନ ସମର୍ପିତ ଥିବାରୁ ଛାତ୍ରୀଛାତ୍ର ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରସାର ପାଇଁ ଏକ ସଚେତନତା ରାଲି ବାହାର କରି ଭବିଷ୍ୟତକୁ ସୁରକ୍ଷିତ କରିବାକୁ ଶପଥ ପାଠ କରିଥିଲେ। କିଛି ଛାତ୍ରୀଛାତ୍ର ଅନୁଷ୍ଠାନ ପକ୍ଷରୁ ଜୁନ୍‌ରୁ ଆରମ୍ଭ କରିଥିବା ବନିକରଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ୨୦୧୭ରୁ ଆର୍ଯ୍ୟଭଟ୍ଟ ଦ୍ୱାରା ସବୁଜିମା ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆଜି ଅନେକ ଅଞ୍ଚଳ ଘଞ୍ଚ ଜଙ୍ଗଲରେ ପରିଣତ ହୋଇଛି। ଏହି ପରିପ୍ରେକ୍ଷୀରେ ସ୍ୱେଚ୍ଛାସେବୀମାନେ ଚାରା ରୋପଣ ସହ ୧୦ହଜାର ମଞ୍ଜି ଗୁଳା ଫିଙ୍ଗିଥିଲେ ଓ ୩୦ ହଜାର ମଞ୍ଜି ରୋପଣ କରିଥିଲେ। ବିଶିଷ୍ଟ ସାମାଜିକ କର୍ମୀ ଆଦିତ୍ୟ ନାରାୟଣ ରଥ, ପୂର୍ବତନ ସରପଞ୍ଚ ମାଧବ ନାୟକ, କେ.ଘନଶ୍ୟାମ,ଶୁଭେନ୍ଦୁ ପାତ୍ର, ନିର୍ମାଲ୍ୟ ରାଉତ, ଜ୍ୟୋତି ଦାସ ପ୍ରମୁଖ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବ୍ରହ୍ମପୁର ନିକଟ ଲୋଚାପଡାରେ ଜହ୍ନିଓଷା ପାଇଁ ଯୁବତୀମାନେ ପୋଖରୀରୁ କଳସ ଜଳ ଧରି ଆସୁଛନ୍ତି । (ଫଟୋ ସମୀର)

# କୁଆଁର ପୂନେଇଁ ଜହ୍ନଲୋ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ

ବ୍ରହ୍ମପୁର,୭।୯(ସ୍ମୃତି ରଞ୍ଜନ ମହାଲିକ)

ଚଳିତ ବର୍ଷ ୧୬ତମ କୁଆଁର ପୂନେଇଁ ଜହ୍ନଲୋ କାର୍ଯ୍ୟକ୍ରମ ନେଇ ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେସନ ପକ୍ଷରୁ ରବିବାର ଅଶୋକ ନଗର ସ୍ଥିତ ଫାଉଣ୍ଡେସନ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଆସନ୍ତା ମାସ ୭ ତାରିଖ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମ ନେଇ ମହୋତ୍ସବର ୧ମ ଟିଜର ଉନ୍ମୋଚିତ ହୋଇଥିଲା। ଫାଉଣ୍ଡେସନର ଅଧ୍ୟକ୍ଷା ସୁଦିପ୍ତା ପାଣିଗ୍ରାହୀ ଟିଜରକୁ ଉନ୍ମୋଚନ କରିଥିଲେ। ଉପଦେଷ୍ଟା ହୃଷୀକେଶ ପାଣିଗ୍ରାହୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଟ୍ରଷ୍ଟି ତ୍ରିପତି ବାଲାଜୀଙ୍କ ସମେତ ମଞ୍ଜୁଶ୍ରୀ ବେବର୍ତ୍ତା, ମିହିର ତ୍ରିପାଠୀ, ସୁନୀଲ ପଟ୍ଟନାୟକ, ଡ. ପ୍ରବୀର ଦାସ, ଡ. ଭଗବାନ ମହାରଣା, ସୋନାଲୀ ପଣ୍ଡା, ଧରିତ୍ରୀ ସାହୁଙ୍କ ସମେତ ଫାଉଣ୍ଡେସନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଜାତୀୟ ଚକ୍ଷୁଦାନ ପକ୍ଷ ସରିଲା




କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଏମ୍‌କେସିଜି ଡିନ୍‌ଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୭।୯(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲ କଲେଜ ଓ ହସପିଟାଲ ଚକ୍ଷୁ ବିଭାଗର ପକ୍ଷରୁ ବିଭାଗର ସମ୍ମିଳନୀ କକ୍ଷରେ ଚାଲିଥିବା ଜାତୀୟ ଚକ୍ଷୁ ଦାନ ପକ୍ଷ ସରିଛି। ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼ା. ସରିତା ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଏମକେସିଜି ମେଡିକାଲ କଲେଜ ଡିନ ପ୍ରଫେସର ଡ଼ା. ସୁଚିତ୍ରା ଦାଶ, ମୁଖ୍ୟବକ୍ତା ଭାବେ ଡ଼ା. ବି. ଏନ.ଆର ସୁବୁଦ୍ଧି, ସମ୍ମାନନୀୟ ଅତିଥି ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀ, ଡ଼ା. ପ୍ରବୀଣ ସୁବୁଦ୍ଧି, ପ୍ରଫେସର ଡ଼ା. ଜେପି ବେହେରା, ଡ଼ା. ନୁରୁବାଳା ପଟ୍ଟନାୟକ ଓ ଡ଼ା. କାଶୀନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚକ୍ଷୁ ଦାନ ନିମନ୍ତେ ପଞ୍ଜିକରଣ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଥିଲା। ଡାକ୍ତରମାନଙ୍କ ଦ୍ୱାରା ଚକ୍ଷୁ ଦାନ ସମ୍ପର୍କିତ ଏକ ନାଟକ ପରିବେଷଣ ହୋଇଥିଲା। ପୂର୍ବରୁ ଚକ୍ଷୁ ଦାନ କରିଥିବା ପରିବାର ସଦସ୍ୟ ଓ ସହଯୋଗ କରିଥିବା ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ଼ା. ଧନେଶ୍ୱର ଗମାଙ୍ଗ ଧନ୍ୟବାଦ ଦେଇଥିଲେ। ବିଭାଗର ଆସୋସିଏଟ ପ୍ରଫେସର ଡ଼ା. ସବିତା ଦେବୀ, ଡ଼ା. ସୁଜାତା ପାଢ଼ୀ, ଡ଼ା. ସ୍ମୃତି ରଞ୍ଜନ ଧର, ଡ଼ା. ପିନାକୀ ଶତପଥୀ, ଡ଼ା. ସ୍ମିତା ରାଣୀ ମହନ୍ତ, ଡ଼ା. ଆଲୋକ ରଂଜନ, ଡ଼ା. କିରଣ ରାଉତ ଓ ଡ଼ା. ରୁଚୁରା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଚୋରି ଅଭିଯୋଗରେ ସୁରକ୍ଷା କର୍ମୀଙ୍କୁ ବାନ୍ଧିଲା ପୋଲିସ

ବ୍ରହ୍ମପୁର,୭।୯(ସୁବାସ ଚନ୍ଦ୍ର ପାଢ଼ୀ)

ଟାଉନ ଥାନା ଅନ୍ତର୍ଗତ ନିଳାଦ୍ରୀ ବିହାରୀ ସ୍ଥିତ ଏକ ଗୋଦାମରୁ ଟଙ୍କା ଓ ସାମଗ୍ରୀ ଚୋରି ହୋଇଛି। ଅଭିଯୋଗ ପରେ ପୋଲିସ ଜଣେ ସୁରକ୍ଷା କର୍ମୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ପୁରୁଣା ବ୍ରହ୍ମପୁର ଗଙ୍ଗାଧର ସାହିର ସମୀର ପଣ୍ଡା । ନିଳାଦ୍ରିବାହର ଛକ ଏସବିଆଇ ଏଟିଏମ ପାଖରେ ଅରକାନ୍ତ ପାତ୍ରଙ୍କ ଏକ ଗୋଦାମ ରହିଛି। ୨ ଦିନ ତଳେ ଉକ୍ତ ଗୋଦାମରେ ସେ ଶୋଇଥିବା ବେଳେ ରାତି ୨ ଟା ବେଳେ ଗୋଦାମର ଗ୍ରୀଲ କଟା ଯାଇଥିବା ଶବ୍ଦ ଶୁଣିବାକୁ ପାଇଥିଲେ । ସେ ପଡିବାରୁ ସେହି ଶବ୍ଦ ବନ୍ଦ ହୋଇ ଯାଇଥିଲା । କିଛି ସମୟ ପରେ ପୁଣି ଶବ୍ଦ ଶୁଣିବାକୁ ମିଳିଥିଲା । ଏହାପରେ କେହି ଚୋରି କରୁଥିବା ଭାବି ଅରକାନ୍ତ ପୋଲିସକୁ ଫୋନ କରିଥିଲେ । ସେହିପରି ତାଙ୍କର ୨ ସହଯୋଗୀଙ୍କୁ ଡାକି ବାରିପଟ ଗ୍ରୀଲ ନିକଟକୁ ଯାଇଥିଲେ । ସେତେବେଳେକୁ ବାରିପଟ କବାଟ ଖୋଲା ରହିଥିବା ବେଳେ ଗ୍ରୀଲ କଟା ଯାଇଥିଲା । ଗୋଦାମର ଡ୍ରଏରରେ ରଖାଯାଇଥିବା ୫୫ ହଜାର ଟଙ୍କା ଗାଏବ ଥିବା ବେଳେ ଗୋଦାମ ଭିତରୁ ୨୦ ପ୍ୟାକେଟ ସେଲୋଟେପ ମଧ୍ୟ ଗାଏବ ଥିଲା । ଅରକାନ୍ତ ଓ ତାଙ୍କ ସହଯୋଗୀମାନେ ଗୋଦାମର ବାରିପଟକୁ ଯାଇ ଖୋଜାଖୋଜି ପରେ ଜଣେ ବ୍ୟକ୍ତି ଏକ ବୁଦା ମୁଳେ ଲୁଚି ରହିଥିବା ଦେଖିଥିଲେ । ସେମାନେ ତାଙ୍କୁ କାବୁ କରି ନେଇଥିଲେ । ପରଚରାଉଚରା ବେଳେ ବ୍ୟକ୍ତି ଜଣଙ୍କ ନିଜ ନାମ ସମୀର ପଣ୍ଡା ବୋଲି କହିଥିଲେ ଏବଂ ସେ ସୁରକ୍ଷା କର୍ମୀଙ୍କ ପୋଷାକ ପିନ୍ଧିଥିଲେ । ତାଙ୍କ ନିକଟରେ ଥିବା ଏକ କଳା ବ୍ୟାଗ ଭିତରେ ଗ୍ରୀଲ କଟା ମେସିନ, ଭାଇବ୍ରେଟର ଓ ସ୍କ୍ରୁ ଡାଇଭର ଆଦି ମିଳିଥିଲା । ଅରକାନ୍ତ ଓ ତାଙ୍କ ସହଯୋଗୀମାନେ ସମୀରଙ୍କୁ ପୋଲିସ ଜିମା ଦେଇଥିଲେ। ଅରକାନ୍ତଙ୍କ ଅଭିଯୋଗକୁ ଭିତ୍ତି କରି ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥିଲା।

# ଘରୁ ଲକ୍ଷାଧିକ ଟଙ୍କା ଓ ସୁନା ଚୋରି

ବ୍ରହ୍ମପୁର, ୭।୯(ସୁବାସ ଚନ୍ଦ୍ର ପାଢ଼ୀ)

ଟାଉନ ଥାନା ଅନ୍ତର୍ଗତ ଗାନ୍ଧିନଗର ଦ୍ୱିତୀୟ ଲାଇନରେ ରହୁଥିବା ଅଭୟ କୁମାର ପାଢୀଙ୍କ ଘରୁ ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଚୋରି ହୋଇଛି। ସେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୩୭୦/୨୫ ରେ ଏକ ମାମଲା ରୁଜୁ କରିଛି। ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି। ଗୁରୁବାର ରାତିରେ ଘର ଭିତରେ ଶବ୍ଦ ହେବା ଶୁଣି ସେ ଉଠି ଚିତ୍କାର କରିବାରୁ ଘର ଭିତରେ ଥିବା ଦୁଇଜଣ ଯୁବକ ଦୌଡି ପଳାଇଥିଲେ। ସେ ଘର ଲାଇଟ ଲଗାଇ ଦେଖିବା ବେଳେ ଅଲମୀରା ଭଙ୍ଗା ଯାଇଥିଲା। ଘର ନିର୍ମାଣ ପାଇଁ ସେଥିରେ ସେ ରଖିଥିବା ୧ ଲକ୍ଷ ୨୦ ହଜାର ଟଙ୍କା ଗାୟବ ଥିଲା। ସେହିପରି ଅନ୍ୟ ସ୍ଥାନରେ ରଖିଥିବା ୧୦ ହଜାର ଟଙ୍କା ମଧ୍ୟ ଦୁର୍ବୃତ୍ତ ମାନେ ନେଇଯାଇଥିଲେ। ସେହିପରି ଅନ୍ୟ ଏକ ଅଲମୀରାରେ ଥିବା ଏକ ଟାଇଟନର ମୂଲ୍ୟବାନ ଘଣ୍ଟା, ସୁନା ମୁଦି , ୫ ଗୋଟି ସୁନା ମୁଦ୍ରା ମଧ୍ୟ ଚୋରି ହୋଇଥିଲା। ପୋଲିସ ଘର ଭିତରେ ତଦନ୍ତ ବେଳେ ଲୁଟେରା ମାନେ ଛାଡ଼ି ଯାଇଥିବା ଏକ ମାରଣାସ୍ତ୍ର ଜବତ କରିଛି। ସିସିଟିଭି ଫୁଟେଜ ଜରିଆରେ ତଦନ୍ତ ଜାରି ରଖିଛି।

# ଭାଜପାର ସେବା ପକ୍ଷ ପାଳନ ପ୍ରସ୍ତୁତି ବୈଠକ

ବ୍ରହ୍ମପୁର,୭।୯(ସ୍ମୃତି ରଞ୍ଜନ ମହାଲିକ)




ବୈଠକରେ ଉପସ୍ଥିତ ଭାଜପା ଉପସଭାପତି, ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

ଜିଲା ଭାଜପା ପକ୍ଷରୁ ରବିବାର ଗିରି ରୋଡ ସ୍ଥିତ ଏକ କଲ୍ୟାଣ ମଣ୍ଡପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମ ଦିବସ ପାଳନ ଅବସରରେ ସେବା ପକ୍ଷ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ଭାଜପା ଜିଲା ସଭାପତି ସରୋଜ ସାବତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ସମ୍ମାନନୀୟ ଅତିଥି ରୂପେ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, କୃଷ୍ଣ ଚନ୍ଦ୍ର ନାୟକ ଓ ରାଷ୍ଟ୍ରୀୟ ସଭ୍ୟ କାହ୍ନୁ ଚରଣ ପତି ଯୋଗ ଦେଇଥିଲେ। ଆସନ୍ତା ୧୭ରୁ ଅକ୍ଟୋବର ୨ ଯାଏଁ ମଣ୍ଡଳରୁ ରାଜ୍ୟସ୍ତରୀୟ ଯାଏଁ ସେବା ପକ୍ଷ ପାଳନ ହେବ। ଏହି ଅବସରରେ ସ୍ୱଚ୍ଛତା ଅଭିଯାନ, ମା ପାଇଁ ଗଛଟିଏ, ସ୍ୱାସ୍ଥ୍ୟ ଓ ରକ୍ତ ଦାନ ଶିବିର ଅନୁଷ୍ଠିତ ହେବ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ସ୍ଥାନୀୟ ଉତ୍ପାଦ, ହସ୍ତ ଶିଳ୍ପ ଓ ପାରମ୍ପରିକ ଶିଳ୍ପକୁ ନେଇ ଲୋକାଲ ଫର ଭୋକାଲର ପ୍ରଚାର ଏବଂ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା। ଭାଜପା ନେତା ସୁରେଶ ପାଢି, ବରିଷ୍ଠ ନେତା ସୁନୀଲ କୁମାର ସାହୁ, ଜିଲା ସାଧାରଣ ସଂପାଦକ ପ୍ରଭାତ କିରଣ ଷଡଙ୍ଗୀ, ଉପସଭାପତି ରାମ ପାତ୍ର, ସଂପାଦକ ପଦ୍ମ ଚରଣ ସାହୁଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଭାଗବତ ହିଁ ଜୀବନ ଜିଇବାର କୌଶଳ ଶିଖାଏ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୭।୯(ଅଶୋକ କୁମାର ସାହୁ)

ଭାଗବତ ଜନ୍ମ ତିଥି ଅବସରରେ ଓଡ଼ିଆ, ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ଘୁମୁସରର ସ୍ୱର ବାଲିପଦର ପକ୍ଷରୁ ସ୍ଥାନିୟ ଆଜାଦ କନଫେରେନ୍ସ ହଲ ଠାରେ ୧୫୩ତମ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ପ୍ରତିଷ୍ଠାନର ସଭାପତି ତଥା ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ବି. ପ୍ରକାଶ ଚନ୍ଦ୍ର ପାତ୍ର ଏଥିରେ ପୌରୋହିତ୍ୟ କରିଥିଲେ। ଅତିଥି ଭାବେ ସମାଜସେବୀ ଇଂ.ଲକ୍ଷ୍ମୀ ପ୍ରସାଦ ନାୟକ, ଅବସରପ୍ରାପ୍ତ ସେନା ଅଧିକାରୀ ନାରୁସୁ ବେହେରା, ଆସିକା ଚିନିଶିଳ୍ପ କ୍ଷେତ୍ର କର୍ମଚାରୀ ଦିଲୀପ କୁମାର ସ୍ୱାଇଁ, ମନୋଜ କୁମାର ମହାନ୍ତି, ନରହରି ପୋଲାଇ, ଶିବ ପ୍ରସାଦ ନାୟକ, ସଞ୍ଜୟ କୁମାର ନାହାକ, ପୁରୁଷୋତ୍ତମ ନାଥ, ରବୀନ୍ଦ୍ର କୁମାର ନାୟକ, ସୀମାଞ୍ଚଳ ନାୟକ ଯୋଗଦେଇ ଜଗନ୍ନାଥ ଦାସଙ୍କ ଭାଗବତ ସମ୍ପର୍କରେ ଆଲୋଚନା ହୋଇ ଭାଗବତ ହିଁ ମଣିଷ ଜୀବନ ଜିଇଁବାର କୌଶଳ ଶିଖାଇ ଥାଏ ବୋଲି କହିଥିଲେ। ଲକ୍ଷ୍ମୀ ନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଚେୟାରମ୍ୟାନ କପ ବକ୍ତୃତାରେ ନାଳନ୍ଦାଶ୍ରୀ ଛାତ୍ରୀଙ୍କ ସଫଳତା



ସଫଳତା ହାସଲ କରିଥିବା ଛାତ୍ରୀ କ୍ଷୀରାବ୍ଧି।

ବ୍ରହ୍ମପୁର,୭।୯(ସ୍ମୃତି ରଞ୍ଜନ ମହାଲିକ)

ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଚେୟାରମ୍ୟାନ କପ ପ୍ରତିଯୋଗିତାରେ ବ୍ରହ୍ମପୁର ନାଳନ୍ଦାଶ୍ରୀ ବିଜ୍ଞାନ ମହାବିଦ୍ୟାଳୟ ଛାତ୍ରୀ କ୍ଷୀରାବ୍ଧି ମିଶ୍ର ପ୍ରଥମ ସ୍ଥାନ ଅଧିକାର କରି ଜିଲା ଓ ମହାବିଦ୍ୟାଳୟ ପାଇଁ ଗୌରବ ଅର୍ଜନ କରିଛନ୍ତି। ଭୁବନେଶ୍ୱର ଠାରେ ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ୪୩ ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚେୟାରମ୍ୟାନ କପ ସହ କ୍ଷୀରାବ୍ଧିଙ୍କୁ ଅର୍ଥରାଶିରେ ପୁରସ୍କୃତ କରିଥିଲେ। ମା'ବାପାଙ୍କ ଆଶୀର୍ବାଦ, ଅଧ୍ୟାପିକା ଓ ଅଧ୍ୟାପକଙ୍କ ପ୍ରେରଣା ଯୋଗୁଁ ଏହି ସଫଳତା ପାଇଥିବା କ୍ଷୀରାବ୍ଧି କହିଛନ୍ତି। ଏ ନେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ମନୋଜ କୁମାର ସାହୁ, ପ୍ରତିଷ୍ଠାତା କାଳିଚରଣ ସାହୁ ଏବଂ ଉପଦେଷ୍ଟା ଉମାକାନ୍ତ ପାତ୍ରଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସାରସ୍ୱତ ସାଧକଙ୍କୁ ଜନ୍ମ ଦେଇ ଗଞ୍ଜାମ ମାଟି ଧନ୍ୟ ହୋଇଛି

ବ୍ରହ୍ମପୁର,୭।୯(ସ୍ମୃତି ରଞ୍ଜନ ମହାଲିକ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ସାହିତ୍ୟ ସମାଜର ସଦସ୍ୟବୃନ୍ଦ।

ଗଞ୍ଜାମ କବି ଓ କୋବିଦଙ୍କ ସଂପନ୍ନ ଭୂଖଣ୍ଡ। କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, କବିକଳହଂସ ଗୋପାଳକୃଷ୍ଣ ପଟ୍ଟନାୟକ, ପଣ୍ଡିତ ଶ୍ୟାମସୁନ୍ଦର ରାଜଗୁରୁ, ପଣ୍ଡିତ ଗୋପୀନାଥ ନନ୍ଦଶର୍ମା, ଡ. ସତ୍ୟନାରାୟଣ ରାଜଗୁରୁ, ଡ. ବେଣୀମାଧବ ପାଢ଼ୀ ଓ ଡ. ସୁଦର୍ଶନ ଆଚାର୍ଯ୍ୟଙ୍କ ଭଳି ସାରସ୍ୱତ ସାଧକଙ୍କୁ ଜନ୍ମ ଦେଇ ଗଞ୍ଜାମ ମାଟି ଧନ୍ୟ ହୋଇଛି ବୋଲି ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳସଚିବ ପ୍ରଫେସର ଉତ୍ତମା ଜେନା କଳିଙ୍ଗ ସାହିତ୍ୟ ସମାଜର ୫୫ ତମ ସ୍ୱନକ୍ଷତ୍ର ସୁନିଆଁ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କହିଛନ୍ତି। ଉତ୍କଳ ଆଶ୍ରମ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ସାହିତ୍ୟ ସମାଜର ସଭାପତି ଡ ସିଦ୍ଧାର୍ଥ ଶଙ୍କର ପାଢି ଅଧ୍ୟକ୍ଷତା କରିଥିଲେ। ବୁଗୁଡ଼ା ଜନତା କଲେଜ ଅଧ୍ୟକ୍ଷ ଡ. ପୁରୁଷୋତ୍ତମ ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗ ଦେଇ ଆଧୁନିକବାଦ ନାଁରେ ସମସ୍ତଙ୍କ ଠାରୁ ଦୂରେଇ ଯିବା ସାହିତ୍ୟର ଉଦ୍ଦେଶ୍ୟ ହେବା ଉଚିତ ବୋଲି କହିଥିଲେ। ସାହିତ୍ୟ ସମାଜ କାର୍ଯ୍ୟକାରିଣୀ ସଦସ୍ୟ ଡ କୁଳମଣି ଓଝା ଅତିଥି ପରିଚୟ ଦେଇଥିଲେ। ଡ. ସୂଚନା ପାଢିଙ୍କ ଗ୍ରନ୍ଥ 'ବିଶ୍ୱ ବାଟିକାର ରଜନୀଗନ୍ଧା' ଓ ଭିକାରିଚରଣ ମହାପାତ୍ରଙ୍କ ପୁସ୍ତକ 'ନିମିତ୍ତ ମାତ୍ର' ଲୋକାର୍ପିତ ହୋଇଥିଲା। କବିତା ଆବୃତ୍ତି କାର୍ଯ୍ୟକ୍ରମରେ ସାହିତ୍ୟ ସମାଜର ଉପସଭାପତି ଡ ବନମାଳୀ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। କବି ମନୋରଞ୍ଜନ ପାଣିଗ୍ରାହୀ ଓ ଉତ୍କଳିକାର ସଂପାଦକ ବିଜୟ ଚନ୍ଦ୍ର ମହାରଣା ସମ୍ମାନନୀୟ ଅତିଥି ଥିଲେ। କବୟିତ୍ରୀ ପଦ୍ମିନୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଆସରରେ ନୀଳକଣ୍ଠ ସାହୁ, ଭିକାରି ଚରଣ ମହାପାତ୍ର, ଡ. ସୁଜିତ କୁମାର ପଣ୍ଡା, ଶରତ କୁମାର ଦାସ, ଡ. ହିମାଂଶୁ ଶେଖର ରଥ ପ୍ରମୁଖ ନିଜ କବିତା ଆବୃତ୍ତି କରିଥିଲେ। ଡ. ଲମ୍ବୋଦର ପାଣିଗ୍ରାହୀ, ଡ ରମେଶ ଚନ୍ଦ୍ର ପ୍ରଧାନ, ଅନୁପ କୁମାର ମିଶ୍ର, ଡ ସଞ୍ଜୟ କୁମାର ପଣ୍ଡା, ଡ ମନୋରଞ୍ଜନ ବିଷୋୟୀ, ଦିନବନ୍ଧୁ ଶ୍ରୀପଲ୍ଲବ, ନଳିନୀକାନ୍ତ ଗୌଡ଼ ଓ କାଳୀପ୍ରସାଦ ନାୟକ ସହଯୋଗ କରିଥିଲେ।

> ଯେଉଁ ଶକ୍ତି ସବୁ ସାଧନ କରିପାରିବ- ତାହା ଆମ ଭିତରେ ଏକ ଗୁପ୍ତ କୋଠରି ଭିତରେ ଲୁଚିକରି ରହିଛି। ଏବଂ ସେହି ଗୁପ୍ତ ପ୍ରକୋଷ୍ଠର ଚାବି ଅଛି ଈଶ୍ୱରଙ୍କ ହାତରେ। ଆସ- ଈଶ୍ୱରଙ୍କୁ ଖୋଜି ପାଇବା ଓ ତାଙ୍କଠାରୁ ସେ ଚାବି ହାସଲ କରିବା। -ଶ୍ରୀଅରବିନ୍ଦ



# କାଠଗୁଡ଼ା ଗଡ଼ିଗଲା

ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମ୍ପୂର୍ଣ୍ଣ ଭାବେ କିଭଳି ଅନୁଭୂତ ହେଲାଣି ତା'ର ସଦ୍ୟ ଟ୍ରେଲର ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ପଞ୍ଜାବ, ହରିୟାଣା, ଦିଲ୍ଲୀ ଏବଂ ଜମ୍ମୁ ଓ କଶ୍ମୀରରୁ ଦେଖିବାକୁ ମିଳିଛି। ଏହି ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର କେତେକ ସ୍ଥାନରେ ଗୋଟିଏ ଦିନରେ ଯେଭଳି ବର୍ଷା ହୋଇଛି, ତାହା ଗୋଟେ ମାସର ରେକର୍ଡ ସହ ସମାନ ବୋଲି କୁହାଗଲାଣି। ଚଳିତ ଋତୁରେ ହିମାଚଳ ପ୍ରଦେଶ ଓ ଅନ୍ୟାନ୍ୟ ପଡ଼ୋଶୀ ରାଜ୍ୟରେ ଯେଉଁଭଳି ବନ୍ୟା ସ୍ଥିତିର ଭିଡିଓ ଦେଖିବାକୁ ମିଳିଛି, ସେଥିରୁ ମନୁଷ୍ୟକୃତ ବିପର୍ଯ୍ୟୟ ଯୋଗୁ ପ୍ରକୃତିର ରୋଷ କିଭଳି ରୂପ ଧାରଣ କରିପାରେ ତାହା ଅନୁମେୟ। ନଦୀଜଳରେ ଅସଂଖ୍ୟ କାଠଗଣ୍ଡି ଭାସିଯିବାର ଦୃଶ୍ୟ ସୂଚାଇ ଦେଇଛି ଯେ କେତେ ମାତ୍ରାରେ ସେହି ସବୁ ଅଞ୍ଚଳରେ ଗଛ କଟାଯାଉଛି। ଏଥିରେ ସ୍ଥାନୀୟ ଅଧିବାସୀ ଓ ସରକାରୀ କର୍ମଚାରୀଙ୍କ ସହ କେଉଁ ଧରଣର ମଧୁର ସମ୍ପର୍କ କାଠ ମାଫିଆ ରଖିଛନ୍ତି, ତାହା ବୁଝି ହୋଇଯାଉଛି। ଗଛ କାଟି ତାହାକୁ ଗଦାଗଦା କରି ରଖିଥିବା ବେଳେ ସେଗୁଡ଼ିକ ବନ୍ୟା ଜଳରେ ଭାସିଯିବା ପରେ ସବୁ ବିଷୟ ପଦାକୁ ଆସିଛି। ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ରାଜ୍ୟଗୁଡ଼ିକରେ କ୍ରମାଗତ ଭୂସ୍ଖଳନ ଓ ବନ୍ୟା ପାଇଁ ବେଆଇନ ଗଛକଟା ଦାୟୀ ବୋଲି ୪ ସେପ୍ଟେମ୍ବରରେ ସୁପ୍ରିମକୋର୍ଟ କହିବା ସହ କେନ୍ଦ୍ର ସରକାର, ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ପ୍ରଭାବିତ ରାଜ୍ୟଗୁଡ଼ିକୁ ଜବାବ ମାଗିଥିଲେ। ଏଥିସହିତ ସର୍ବୋଚ୍ଚ ଅଦାଲତଙ୍କ ଖଣ୍ଡପୀଠ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ସମେତ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଜମ୍ମୁ ଓ କଶ୍ମୀର ଏବଂ ପଞ୍ଜାବ ସରକାରଙ୍କୁ ଏ ନେଇ ନୋଟିସ ଜାରି କରିଛନ୍ତି। ଭିତ୍ତିଭୂମି ବିକାଶ ଓ ପରିବେଶ ସୁରକ୍ଷା ଦିଗରେ ଏମାନେ କ'ଣସବୁ ପଦକ୍ଷେପ ନେଉଛନ୍ତି ସେହି ବିଷୟରେ କୋର୍ଟ ଜାଣିବାକୁ ଚାହିଁବା ନିଶ୍ଚିତ ଭାବେ ଏକ ସମ୍ବେଦନଶୀଳ ପ୍ରସଙ୍ଗ ଆମ ସମସ୍ତଙ୍କ ସମ୍ମୁଖରେ ଦଣ୍ଡାୟମାନ।

> ସାମୟିକ ଲୋଭକୁ ଚରିତାର୍ଥ କରିବା ଲକ୍ଷ୍ୟରେ ପ୍ରକୃତିବିଗିଡ଼ା କାର୍ଯ୍ୟ ପ୍ରତି ବର୍ତ୍ତମାନ ଆଖିବୁଜି ଦେଲେ ଆଗକୁ ସେହି ସବୁ ଅଞ୍ଚଳ ନଦୀଗର୍ଭକୁ ଚାଲିଯିବା ଡେରି ନୁହେଁ। ଗଦା ହୋଇଥିବା କାଠଗୁଡ଼ା ଗଡ଼ିଯାଉଥିବାର ଦୃଶ୍ୟ ଏବେ ସମସ୍ତଙ୍କ ପାଇଁ ସତର୍କଘଣ୍ଟି ବୋଲି ଭାବିବା ଦରକାର।

ବିକାଶ ନାମରେ ପରିବେଶକୁ ଧ୍ୱଂସ କରାଗଲେ ତା'ର କୁଫଳ ଏହି ମଣିଷକୁ ଭୋଗ କରିବାକୁ ପଡୁଛି। ଅନାବଶ୍ୟକ ସ୍ଥଳେ ଓ ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରା ନ ଯାଇ ଅବିଚାରିତ ଭାବେ ଗଛ କାଟି ଦିଆଯାଉଥିବାରୁ ତାହାର ସିଧାସଳଖ ପ୍ରଭାବ ପରିସଂସ୍ଥାନ ଉପରେ ପଡୁଛି। ହିମାଳୟ ସଂଲଗ୍ନ ରାଜ୍ୟଗୁଡ଼ିକରେ ବ୍ୟାପକ ଗଛକଟା, ନଦୀ ଅଞ୍ଚଳଗୁଡ଼ିକରେ ଅସଂଖ୍ୟ ଜଳବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ ଏବଂ ପର୍ଯ୍ୟଟନକୁ ବଢ଼ାଇବା ଲାଗି ହେଉଥିବା ନିର୍ମାଣ ଭୂସ୍ଖଳନ, ବାଦଲଫଟା ବର୍ଷା ଓ ବନ୍ୟା ସୃଷ୍ଟି କରୁଛି ବୋଲି ଅନେକ ଗବେଷଣାତ୍ମକ ରିପୋର୍ଟ ପ୍ରକାଶ ପାଉଛି। ହେଲେ କେହି ଏହାକୁ ଶୁଣିବା ସ୍ଥିତିରେ ଥିବା ଭଳି ମନେହେଉ ନାହିଁ। ମଣିଷର ଲୋଭ ଓ ସାମୟିକ ଲାଭ ପାଇଁ ସମ୍ପୃକ୍ତ ଅଞ୍ଚଳର ମାଟି ଦିନକୁ ଦିନ ଫମ୍ପା ହେବାରେ ଲାଗିଛି। ସମସ୍ତେ ଜାଣିଛେ ଯେ, ଗଛ ସଂଖ୍ୟା କମିଗଲେ ମାଟି ଧୋଇଯିବା ସହ ବର୍ଷା ଜଳ ନଦୀକୁ ଯାଇ ଅସମ୍ଭାଳ ବନ୍ୟାସ୍ଥିତି ସୃଷ୍ଟି କରିଥାଏ। ପୁଣି ବିକାଶ ନାମରେ ଯେଉଁଠାରେ ଗଛ କଟା ଚାଲୁଛି, ସେହି ସଂଖ୍ୟାକୁ ପୂରଣ କରିବା ଲାଗି ନିକଟ ଅଞ୍ଚଳରେ ବନୀକରଣକୁ ଗୁରୁତ୍ୱ ଦିଆଯିବା କଥା। ହେଲେ ସେହି ଦିଗ ପ୍ରତି ବିଶେଷ ଦୃଷ୍ଟି ଦିଆଯାଉ ନ ଥିବାରୁ ସ୍ଥିତି ବିଗିଡ଼ିବାରେ ଲାଗିଛି। ଏସବୁକୁ ଦେଖି ସ୍ପଷ୍ଟ ଭାବେ କହିହେବ ଯେ, ମନୁଷ୍ୟକୃତ ଭୁଲ କାର୍ଯ୍ୟ ଯୋଗୁ ଜଳବାୟୁ ପରିବର୍ତ୍ତନ ଓ ତତ୍‌ଜନିତ ବିପଦ ବଢ଼ିଚାଲିଛି। କେବଳ ହିମାଳୟ ଅଞ୍ଚଳ ନୁହେଁ, ଓଡ଼ିଶାରେ ଥିବା ପରିବେଶ ସମ୍ବେଦନଶୀଳ ଅଞ୍ଚଳ ସାତକୋଶିଆ, ଚିଲିକା, ଶିମିଳିପାଳ ଆଦି ମଣିଷର ଲୋଭାତୁର କାର୍ଯ୍ୟ ଯୋଗୁ ବିଗିଡ଼ି ଗଲାଣି। ଚିଲିକାରେ ସିପ୍ଲେନ୍ ଉଡ଼ିବା ନେଇ ନିକଟରେ ଆଲୋଚନା ହେବା ସହଜରେ ଭାଙ୍ଗିପାରୁଥିବା ପରିବେଶ ଭାରସାମ୍ୟ (ଫ୍ରାଜାଇଲ୍ ଇକୋଲୋଜିକାଲ ବାଲାନ୍ସ)କୁ କ୍ଷତି ପହଞ୍ଚାଇବା ଜଳ ଜଳ ଦିଶୁଛି। ଏମିତି ଦେଖିଲେ ଓଡ଼ିଶାର ଅନେକ ଇଲାକା ବନ୍ୟା ଓ ବାତ୍ୟା ପ୍ରବଣ ରହିଛି। ଯଦି ମଣିଷର ଗୋଟିଏ ଗୋଟିଏ ପ୍ରକୃତିବିଗିଡ଼ା କାମ ବଢ଼ି ଚାଲିବ, ତାହାର କୁପ୍ରଭାବ ଏହି ପ୍ରାଣୀଜଗତ ଭୋଗିବା ଥୟ।

ଏଠି ମନେପଡ଼େ ୨୦୨୨ ଫେବୃଆରୀରେ ପୃଥିବୀର ଫୁସ୍‌ଫୁସ୍ କୁହାଯାଉଥିବା ବ୍ରାଜିଲର ଆମାଜନ ଜଙ୍ଗଲରେ ବ୍ୟାପକ ଗଛ କଟାଯିବା ବିଷୟ। ଏଭଳି ଘଞ୍ଚ ଜଙ୍ଗଲ ଜଳବାୟୁ ସ୍ଥିର ରଖିବାରେ ସହାୟକ ହୋଇଥାଏ। ବିକାଶ ନାମରେ ଯେଉଁଭଳି ଭାବେ ଜଙ୍ଗଲ ଧ୍ୱଂସ କରାଗଲା ସେଥିଲାଗି ସେଠାକାର ତତ୍କାଳୀନ ରାଷ୍ଟ୍ରପତି ଜୈର ବୋଲ୍‌ସୋନାରୋଙ୍କୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଥିଲା। ଏପଟେ ଭାରତର ନଦୀରେ ଭାସି ଯାଉଥିବା କାଠଗଣ୍ଡିର ଦୃଶ୍ୟ ପ୍ରତ୍ୟେକ ଭାରତୀୟଙ୍କୁ ବ୍ୟଥିତ କରିବା କଥା। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ଏଭଳି ପ୍ରକୃତି ବିରୋଧୀ କାର୍ଯ୍ୟରେ ଜଡ଼ିତ ଲୋକଗୁଡ଼ାକୁ ଠାବ କରି ଦଣ୍ଡିତ କରିବାର ସମୟ ଆସିଲାଣି। ଏ ଦିଗରେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗ ନିତାନ୍ତ ଆବଶ୍ୟକ। ସାମୟିକ ଲୋଭକୁ ଚରିତାର୍ଥ କରିବା ଲକ୍ଷ୍ୟରେ ବର୍ତ୍ତମାନ ଏସବୁ ପ୍ରକୃତିବିଗିଡ଼ା କାର୍ଯ୍ୟ ପ୍ରତି ଆଖିବୁଜି ଦେଲେ ଆଗକୁ ସେହି ସବୁ ଅଞ୍ଚଳ ନଦୀଗର୍ଭକୁ ଚାଲିଯିବା ଡେରି ନୁହେଁ। ଗଦା ହୋଇଥିବା କାଠଗୁଡ଼ା ଗଡ଼ିଯାଉଥିବାର ଦୃଶ୍ୟ ଏବେ ସମସ୍ତଙ୍କ ପାଇଁ ସତର୍କଘଣ୍ଟି ବୋଲି ଭାବିବା ଦରକାର।

## ସୁ-ଡୋ-କୁ

sudoku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 2 | 8 | 3 | 6 | |
| | | | | | 4 | | 8 | 7 |
| 9 | | 2 | | | | | | |
| | | | | 4 | 7 | | | |
| | | | 5 | | | | 4 | |
| | 3 | 4 | | | 2 | | 1 | |
| | | 1 | | | 6 | 9 | | |
| 2 | | | 8 | | | | 7 | 6 |
| 8 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 4 | 7 | 8 | 5 | 6 | 2 | 9 |
| 5 | 7 | 2 | 9 | 6 | 3 | 4 | 1 | 8 |
| 6 | 8 | 9 | 1 | 2 | 4 | 7 | 3 | 5 |
| 8 | 6 | 3 | 4 | 1 | 9 | 5 | 7 | 2 |
| 7 | 4 | 1 | 3 | 5 | 2 | 9 | 8 | 6 |
| 9 | 2 | 5 | 6 | 7 | 8 | 1 | 4 | 3 |
| 2 | 5 | 7 | 8 | 4 | 6 | 3 | 9 | 1 |
| 1 | 9 | 6 | 2 | 3 | 7 | 8 | 5 | 4 |
| 4 | 3 | 8 | 5 | 9 | 1 | 2 | 6 | 7 |

ଗତକାଲିର ଉତ୍ତର

# ଭୂପେନ୍‌ଦା'ଙ୍କୁ ଶ୍ରଦ୍ଧାଞ୍ଜଳି



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଆଜି ସେପ୍ଟେମ୍ବର ୮ ତାରିଖ। ଭାରତୀୟ ସଂସ୍କୃତି ଏବଂ ସଙ୍ଗୀତ ପ୍ରତି ଆଗ୍ରହ ରଖୁଥିବା ସମସ୍ତଙ୍କ ପାଇଁ ଏକ ବିଶେଷ ଦିନ। ଆଉ ବିଶେଷ ଭାବେ ମୋର ଆସାମର ଭାଇଭଉଣୀମାନଙ୍କ ପାଇଁ ଆଜିର ଦିନ ଅଧିକ ସ୍ୱତନ୍ତ୍ର। ଆଜି ଭାରତରତ୍ନ ଡକ୍ଟର ଭୂପେନ୍ ହଜାରିକାଙ୍କ ଜୟନ୍ତୀ। ସେ ଭାରତର ସବୁଠୁ ଅସାଧାରଣ ଓ ସବୁଠୁ ପ୍ରଭାବଶାଳୀ ଗାୟକଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ଚଳିତ ବର୍ଷ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନର ଶୁଭାରମ୍ଭ ହେବା ଖୁସିର ବିଷୟ। ଏହା ଭାରତୀୟ କଳାଜଗତ ଓ ଜନଚେତନା ଦିଗରେ ତାଙ୍କର ମହାନ୍ ଅବଦାନକୁ ସ୍ମୃତିଚାରଣ କରିବାର ଏକ ଅବସର। ଭୂପେନ୍‌ଦା' ଆମକୁ ଯାହା ଦେଇଥିଲେ, ତାହା ସଙ୍ଗୀତଠାରୁ ଢେର ଦୂର ପର୍ଯ୍ୟନ୍ତ ପରିବ୍ୟାପ୍ତ। ତାଙ୍କର କାର୍ଯ୍ୟଗୁଡ଼ିକ ସ୍ୱରକୁ ଅତିକ୍ରମ କରୁଥିବା ଭାବନାକୁ ମୂର୍ତ୍ତିମନ୍ତ କରିଥିଲା। କେବଳ ଏକ କଣ୍ଠସ୍ୱର ନୁହେଁ, ବରଂ ସେ ଲୋକମାନଙ୍କ ହୃଦୟର ସ୍ପନ୍ଦନ ଥିଲେ। ଅନେକ ପିଢ଼ି ତାଙ୍କ ଗୀତ ଶୁଣି ବଡ଼ ହୋଇଛନ୍ତି। ତାଙ୍କ ସଙ୍ଗୀତରେ ସବୁବେଳେ ଦୟା, ଅନୁକମ୍ପା, ସାମାଜିକ ନ୍ୟାୟ, ଏକତା ଏବଂ ଗଭୀର ସମ୍ପର୍କବୋଧର ବିଷୟବସ୍ତୁ ସହିତ ଗୁଞ୍ଜରିତ ହୋଇଥାଏ। ଭୂପେନ୍‌ଦା'ଙ୍କ ରୂପରେ ଆସାମରୁ ଉତ୍ପତ୍ତି ହୋଇଥିବା ଏହି ସ୍ୱର ଏକ କାଳଜୟୀ ନଦୀ ପରି ପ୍ରବାହିତ ହୋଇଥିଲା। ଭୂପେନ୍‌ଦା' ସଶରୀରରେ ଆଜି ଆମ ଗହଣରେ ନାହାନ୍ତି, କିନ୍ତୁ ତାଙ୍କ ସ୍ୱର ଆଜି ବି ଆମେ ଶୁଣିପାରୁଛୁ। ସେ ସ୍ୱର ଆଜି ବି ସବୁ ସୀମା ଏବଂ ସଂସ୍କୃତିକୁ ଅତିକ୍ରମ କରିଛି। ସେଥିରେ ରହିଛି ମାନବୀୟ ଭାବନାର ସ୍ପର୍ଶ। ଭୂପେନ୍‌ଦା' ବିଶ୍ୱ ପରିଭ୍ରମଣ କରିଥିଲେ, ସମାଜର ସବୁବର୍ଗର ଲୋକଙ୍କ ସହ ମିଶିଥିଲେ। କିନ୍ତୁ ସେ ଆସାମ ସହିତ ଗଭୀର ଭାବରେ ଜଡ଼ିତ ଥିଲେ। ଆସାମର ସମୃଦ୍ଧ ମୌଖିକ ପରମ୍ପରା, ଲୋକସଙ୍ଗୀତ ଏବଂ ଲୋକକଥା କହିବାର ଧାରା ତାଙ୍କ ଶୈଶବକୁ ଗଭୀର ଭାବରେ ଗଢ଼ିତୋଳି ଥିଲା। ଏହି ଅଭିଜ୍ଞତା ତାଙ୍କର କଳାତ୍ମକ ଶବ୍ଦକୋଷର ମୂଳଦୁଆ ଥିଲା। ସେ ସବୁବେଳେ ଆସାମର ଜନଜାତିଙ୍କ ପରିଚୟ ଏବଂ ଏହାର ଲୋକଙ୍କ ନୀତିକୁ ସାଙ୍ଗରେ ନେଇ ଚାଲୁଥିଲେ। ଖୁବ୍‌କମ୍ ବୟସରେ ଭୂପେନ୍‌ଦା'ଙ୍କ ନିକଟରେ ଥିବା ପ୍ରତିଭାର ପରିପ୍ରକାଶ ଘଟିଥିଲା। ମାତ୍ର ପାଞ୍ଚ ବର୍ଷ ବୟସରେ ସେ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ଗୀତ ଗାଇଥିଲେ। ଖୁବ୍‌ଶୀଘ୍ର ସେ ଅନ୍ୟ କାହାର ନୁହେଁ ବରଂ ଅହମିୟା ସାହିତ୍ୟର ଅଗ୍ରଦୂତ ଲକ୍ଷ୍ମୀନାଥ ବେଜବରୁଆଙ୍କ ଧ୍ୟାନଆକର୍ଷଣ କରିଥିଲେ। କିଶୋର ବୟସ ବେଳକୁ ସେ ତାଙ୍କର ପ୍ରଥମ ଗୀତ ରେକର୍ଡ କରିଥିଲେ। କିନ୍ତୁ ସଙ୍ଗୀତ ତାଙ୍କ ବ୍ୟକ୍ତିତ୍ୱର କେବଳ ଗୋଟିଏ ଦିଗ ଥିଲା। ଭୂପେନ୍‌ଦା' ହୃଦୟରେ ଜଣେ ବୌଦ୍ଧିକ ବ୍ୟକ୍ତିତ୍ୱ ଥିଲେ। ସେ ଜିଜ୍ଞାସୁ, ସ୍ପଷ୍ଟବାଦୀ ଥିଲେ ଏବଂ ଦୁନିଆକୁ ଜାଣିବାର ଏକ ଅତୃପ୍ତ ଇଚ୍ଛା ତାଙ୍କ ଭିତରେ ରହିଥିଲା। ଜ୍ୟୋତି ପ୍ରସାଦ ଅଗ୍ରୱାଲା ଏବଂ ବିଷ୍ଣୁ ପ୍ରସାଦ ରଭାଙ୍କ ପରି ସାଂସ୍କୃତିକ କିମ୍ବଦନ୍ତୀଙ୍କ ବ୍ୟକ୍ତିତ୍ୱ ତାଙ୍କ ମନରେ ଗଭୀର ଛାପ ଛାଡ଼ିଥିଲା। ଏହା ତାଙ୍କର ଜିଜ୍ଞାସୁ ମନୋଭାବକୁ ମଧ୍ୟ ଗଭୀର କରିଥିଲା। ଶିଖିବା ପ୍ରତି ତାଙ୍କର ଅଦମ୍ୟ ଇଚ୍ଛା, ତାଙ୍କୁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କଟନ କଲେଜ ପର୍ଯ୍ୟନ୍ତ ଟାଣିଆଣି ଥିଲା। ସେ ବିଏଚ୍‌ୟୁରେ ରାଜନୀତି ବିଜ୍ଞାନର ଛାତ୍ର ଥିଲେ, କିନ୍ତୁ ତାଙ୍କର ଅଧିକାଂଶ ସମୟ ସଙ୍ଗୀତ ସାଧନାରେ ବିତୁଥିଲା। ବନାରସ ତାଙ୍କୁ ସମ୍ପୂର୍ଣ୍ଣ ଭାବେ ସଙ୍ଗୀତମନସ୍କ କରିଥିଲା। କାଶୀର ସାଂସଦ ହୋଇଥିବା ଦୃଷ୍ଟିରୁ ତାଙ୍କ ଜୀବନଯାତ୍ରା ସହ ଜଡ଼ିତ ଏହି ଗୁରୁତ୍ୱପୂର୍ଣ୍ଣ ମୋଡ଼କୁ ଅନୁଭବ କରିପାରୁଛି ଏବଂ ଏହାକୁ ନେଇ ମୁଁ ଅତ୍ୟନ୍ତ ଗର୍ବିତ। କାଶୀଠାରୁ ଆଗକୁ ବଢ଼ିଥିବା ଜୀବନଯାତ୍ରାରେ ସେ କିଛି ସମୟ ଆମେରିକାରେ ବିତାଇଥିଲେ। ସେଠାରେ ସେ ତତ୍କାଳୀନ ସମୟର ଶ୍ରେଷ୍ଠ ବିଦ୍ୱାନ୍, ଚିନ୍ତାନାୟକ ଏବଂ ସଙ୍ଗୀତଜ୍ଞମାନଙ୍କ ସହ ବିଚାର ମନ୍ଥନ କରିବାର ସୁଯୋଗ ପାଇଥିଲେ। ସେ କିମ୍ବଦନ୍ତୀ କଳାକାର ଏବଂ ମାନବାଧିକାର ନେତା ପଲ୍ ରବସନଙ୍କୁ ଭେଟିଥିଲେ। ରବସନଙ୍କ ଗୀତ 'ଓଲ୍ଡ ମ୍ୟାନ ରିଭର' ଭୂପେନ୍‌ଦା'ଙ୍କ ପ୍ରତୀକାତ୍ମକ ରଚନା 'ବିସ୍ତୀର୍ଣ୍ଣୋ ଦୁପାରେର...'ପାଇଁ ପ୍ରେରଣା ପାଲଟିଥିଲା। ଆମେରିକାର ପୂର୍ବତନ ପ୍ରଥମ ମହିଳା ଏଲିନର ରୁଜଭେଲ୍ଟ ତାଙ୍କୁ ଭାରତୀୟ ଲୋକ ସଙ୍ଗୀତ ପରିବେଷଣ ପାଇଁ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ। ଭୂପେନ୍ ହଜାରିକା ସଙ୍ଗୀତ ସହିତ ମା' ଭାରତୀଙ୍କର ଜଣେ ସଚ୍ଚା ଉପାସକ ଥିଲେ। ଭୂପେନ୍‌ଦା'ଙ୍କ ପାଖରେ ଆମେରିକାରେ ରହି ଉଚ୍ଚ ପଦପଦବୀ ହାସଲ କରିବାର ଅନେକ ବିକଳ୍ପ ଥିଲା, କିନ୍ତୁ ସେ ଭାରତ ଫେରିଆସିଲେ ଏବଂ ସଙ୍ଗୀତ ସାଧନାରେ ନିଜକୁ ନିମଗ୍ନ କରିଦେଲେ। ରେଡିଓରୁ ଆରମ୍ଭ କରି ରଙ୍ଗମଞ୍ଚ ପର୍ଯ୍ୟନ୍ତ, ଚଳଚ୍ଚିତ୍ରଠାରୁ ଆରମ୍ଭକରି ଶିକ୍ଷା ସମ୍ପର୍କିତ ଡକ୍ୟୁମେଣ୍ଟାରୀ ପର୍ଯ୍ୟନ୍ତ, ସେ ପ୍ରତ୍ୟେକ ମାଧ୍ୟମରେ ପାରଙ୍ଗମ ଥିଲେ। ସେ ଯେଉଁଠାକୁ ଯାଉଥିଲେ, ନୂଆ ପ୍ରତିଭାଙ୍କୁ ସମର୍ଥନ କରିବା ଉପରେ ଗୁରୁତ୍ୱ ଦେଉଥିଲେ। ଭୂପେନ୍‌ଦା'ଙ୍କର କୃତିରେ ଗୀତିକବିତାର ସୌନ୍ଦର୍ଯ୍ୟ ଭରିରହିଥିଲା। ସେ ଅବିସ୍ମରଣୀୟ ସାମାଜିକ ବାର୍ତ୍ତା ମଧ୍ୟ ଦେଇଥିଲେ। ଗରିବ ଓ ଅବହେଳିତଙ୍କ ପାଇଁ ନ୍ୟାୟ, ଗ୍ରାମୀଣ ବିକାଶ, ସାଧାରଣ ନାଗରିକଙ୍କ ଶକ୍ତି ଇତ୍ୟାଦି ପ୍ରସଙ୍ଗକୁ ସ୍ପର୍ଶକରିଥିଲା। ତାଙ୍କ ସଙ୍ଗୀତ ମାଧ୍ୟମରେ ସେ ଆସାମର ବ୍ରହ୍ମପୁତ୍ର ସମେତ ଅନ୍ୟାନ୍ୟ ନଦୀମାନଙ୍କରେ ନୌକା ବାହିନେଉଥିବା ନାଉରିଆ, ଚା' ବଗିଚା ଶ୍ରମିକ, ମହିଳା, କୃଷକ ଆଦିଙ୍କ ଆଶା ଆକାଂକ୍ଷାକୁ ସ୍ୱର ଦେଇଥିଲେ। ତାଙ୍କ ରଚନା ଲୋକମାନଙ୍କର ପୁରୁଣା ସ୍ମୃତିକୁ ଉଜ୍ଜୀବିତ କରୁଥିଲା। ଭୂପେନ୍‌ଦା'ଙ୍କ କୃତି ଆଧୁନିକତାକୁ ଦେଖିବା ପାଇଁ ଏକ ଶକ୍ତିଶାଳୀ ଦୃଷ୍ଟିକୋଣ ମଧ୍ୟ ପାଲଟିଥିଲା। ଅନେକ ଲୋକ, ବିଶେଷକରି ସାମାଜିକ ଭାବରେ ପଛୁଆବର୍ଗର ଲୋକମାନେ ତାଙ୍କ ସଙ୍ଗୀତରୁ ଶକ୍ତି ଏବଂ ଆଶା ପାଇଛନ୍ତି... ଆଜି ମଧ୍ୟ ପାଉଛନ୍ତି। ଭୂପେନ୍‌ଦା'ଙ୍କ ଜୀବନ ଯାତ୍ରାରେ 'ଏକ ଭାରତ, ଶ୍ରେଷ୍ଠ ଭାରତ' ଭାବନାର ସ୍ପଷ୍ଟ ପ୍ରଭାବ ଦେଖିବାକୁ ମିଳିଥାଏ। ତାଙ୍କର କୃତି ଦେଶସାରା ଲୋକଙ୍କୁ ଏକତ୍ରିତ କରିବା ପାଇଁ ଭାଷାଗତ ଏବଂ ଆଞ୍ଚଳିକ ସୀମା ଅତିକ୍ରମ କରିଥିଲା। ସେ ଅହମିୟା, ବଙ୍ଗଳା ଏବଂ ହିନ୍ଦୀ ଭାଷାରେ ଚଳଚ୍ଚିତ୍ର ପାଇଁ ଗୀତ ରଚନା କରିଥିଲେ। ତାଙ୍କ ସ୍ୱରରେ ଯେଉଁ ପୀଡ଼ାର କାହାଣୀ ରହିଥିଲା, ତାହା ସବୁବେଳେ ଆମ ସମସ୍ତଙ୍କର ଧ୍ୟାନ ଆକର୍ଷଣ କରିଥାଏ। 'ଦିଲ୍ ହୁମ୍ ହୁମ୍ କରେ'ରେ ଯେଉଁ ପୀଡ଼ାର ପ୍ରଭାବ ଦେଖିବାକୁ ମିଳିଥାଏ, ତାହା ସିଧା ହୃଦୟର ଗଭୀରତାକୁ ସ୍ପର୍ଶ କରିନିଏ। ଆଉ ଯେତେବେଳେ ସେ ପଚାରନ୍ତି, ଗଙ୍ଗା ବହତି ହେ କ୍ୟୁଁ', ଏମିତି ଲାଗେ ଯେମିତି ପ୍ରତ୍ୟେକ ଆତ୍ମାକୁ ବିଦାରିତ କରି ସେ ଜବାବ ମାଗୁଛନ୍ତି। ସେ ସାରା ଭାରତ ଆଗରେ ଆସାମର କଥା କହିଥିଲେ, ଦେଖାଇଥିଲେ ଏବଂ ଅନୁଭବ କରାଇଥିଲେ। ଏହା କହିବା ଆଦୌ ଅତିଶୟୋକ୍ତି ହେବ ନାହିଁ ଯେ ସେ ଆଧୁନିକ ଆସାମର ସାଂସ୍କୃତିକ ପରିଚୟ ଗଢ଼ିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ଆସାମ ଭିତରେ ଏବଂ ସାରା ଦୁନିଆରେ ଥିବା ପ୍ରବାସୀ ଆସାମୀଙ୍କ ପାଇଁ ସେ ଆସାମର ସ୍ୱର ପାଲଟିଥିଲେ। ଭୂପେନ୍‌ଦା' ଜଣେ ରାଜନୈତିକ ବ୍ୟକ୍ତି ନ ଥିଲେ, କିନ୍ତୁ ସେ ଜନସେବା ଜଗତ ସହିତ ନିବିଡ଼ ଭାବରେ ଜଡ଼ିତ ଥିଲେ। ୧୯୬୭ ମସିହାରେ ସେ ଆସାମର ନୌବୋଇଚା ନିର୍ବାଚନମଣ୍ଡଳୀରୁ ଜଣେ ନିର୍ଦ୍ଦଳୀୟ ବିଧାୟକ ଭାବରେ ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହା ଦେଖାଇଥିଲା ଯେ ସାଧାରଣ ଲୋକଙ୍କର ତାଙ୍କ ଉପରେ କେତେ ବିଶ୍ୱାସ ଥିଲା। ସେ ରାଜନୀତିକୁ ନିଜ କ୍ୟାରିଅର ରୂପେ ବାଛି ନ ଥିଲେ, କିନ୍ତୁ ସବୁବେଳେ ଲୋକଙ୍କ ସେବାରେ ନିୟୋଜିତ ରହିଥିଲେ। ଭାରତବାସୀ ଏବଂ ଭାରତ ସରକାର ବର୍ଷ ବର୍ଷଧରି ତାଙ୍କର ବିପୁଳ ଅବଦାନକୁ ସ୍ୱୀକୃତି ପ୍ରଦାନ କରିଆସିଛନ୍ତି। ତାଙ୍କୁ ପଦ୍ମଶ୍ରୀ, ପଦ୍ମଭୂଷଣ, ପଦ୍ମବିଭୂଷଣ, ଦାଦାସାହେବ ଫାଲ୍‌କେ ପୁରସ୍କାର ଏବଂ ଅନ୍ୟାନ୍ୟ ବହୁ ମର୍ଯ୍ୟାଦାଜନକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୧୯ରେ ଆମ କାର୍ଯ୍ୟକାଳ ମଧ୍ୟରେ ତାଙ୍କୁ ଭାରତରତ୍ନ ସମ୍ମାନ ପ୍ରଦାନ କରାଯିବା ମୋ ପାଇଁ ବ୍ୟକ୍ତିଗତ ଭାବରେ ଏବଂ ଏନ୍‌ଡିଏ ସରକାରଙ୍କ ଲାଗି ଏକ ଗୌରବର ମୁହୂର୍ତ୍ତ ଥିଲା। ସାରା ବିଶ୍ୱର ଲୋକମାନେ, ବିଶେଷକରି ଆସାମ ଏବଂ ଉତ୍ତର-ପୂର୍ବାଞ୍ଚଳର ଜନସାଧାରଣ ତାଙ୍କୁ ଏହି ସମ୍ମାନରେ ଭୂଷିତ କରାଯାଇଥିବାରୁ ଅପାର ଆନନ୍ଦ ପ୍ରକାଶ କରିଥିଲେ। ଏହା ଥିଲା ଭୂପେନ୍‌ଦା'ଙ୍କ ହୃଦୟରେ ଥିବା ସିଦ୍ଧାନ୍ତ ପ୍ରତି ସମ୍ମାନ। ସେ କହୁଥିଲେ, ସତ୍ୟତାରୁ ନିଃସୃତ ହୋଇଥିବା ସଙ୍ଗୀତ କୌଣସି ଗୋଟିଏ ପରିଧି ମଧ୍ୟରେ ସୀମିତ ରହି ନ ଥାଏ। ଗୋଟିଏ ଗୀତ ଲୋକଙ୍କ ସ୍ୱପ୍ନରେ ଡେଣା ଯୋଡ଼ି ପାରେ ଏବଂ ସାରା ଦୁନିଆର ଲୋକଙ୍କ ହୃଦୟକୁ ଛୁଇଁ ପାରେ। ୨୦୧୧ରେ ଭୂପେନ୍‌ଦା'ଙ୍କ ବିୟୋଗ ସମୟ ମୋର ମନେଅଛି। ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟାରେ ଲକ୍ଷଲକ୍ଷ ଲୋକ ସାମିଲ ହେବା ମୁଁ ଟିଭିରେ ଦେଖିଛି। ସେହି ସମୟରେ ପ୍ରତ୍ୟେକ ଆଖି ଲୁହଛଳଛଳ ଥିଲା। ବଞ୍ଚିଥିବା ସମୟ ଭଳି ମୃତ୍ୟୁ ସମୟରେ ମଧ୍ୟ ଲୋକମାନେ ତାଙ୍କ ସହ ରହିଥିଲେ। ସେଥିପାଇଁ ତାଙ୍କୁ ବ୍ରହ୍ମପୁତ୍ର ନଦୀ ଆଡ଼କୁ ମୁହଁ କରାଇ ଜାଲୁକବାଡ଼ି ପାହାଡ଼ ଉପରେ ଅନ୍ତିମ ବିଦାୟ ଦିଆଯାଇଥିଲା। ବ୍ରହ୍ମପୁତ୍ର ହେଉଛି ସେହି ନଦୀ ଯାହା ତାଙ୍କର ସଙ୍ଗୀତ, ତାଙ୍କର ପ୍ରତୀକ ଏବଂ ସ୍ମୃତିଗୁଡ଼ିକର ଜୀବନରେଖା ସାଜିଥିଲା। ଆସାମ ସରକାର ଭୂପେନ୍ ହଜାରିକା ସାଂସ୍କୃତିକ ଟ୍ରଷ୍ଟର କାର୍ଯ୍ୟକୁ ପ୍ରୋତ୍ସାହନ ଯୋଗାଇଦେବା ଖୁସିର ବିଷୟ। ଏହି ଟ୍ରଷ୍ଟ ଯୁବପିଢ଼ିଙ୍କ ମଧ୍ୟରେ ଭୂପେନ୍‌ଦା'ଙ୍କ ଜୀବନ ଯାତ୍ରାକୁ ଯୋଡ଼ିବାରେ ନିୟୋଜିତ ରହିଛି। ଭୂପେନ୍‌ଦା'ଙ୍କ ସାଂସ୍କୃତିକ ପରମ୍ପରାକୁ ସମ୍ମାନ ଦେବା ଲାଗି ଦେଶର ସବୁଠୁ ବଡ଼ ସେତୁକୁ ଭୂପେନ୍ ହଜାରିକା ସେତୁ ନାମରେ ନାମକରଣ କରାଯାଇଛି। ୨୦୧୭ରେ ଯେତେବେଳେ ମୋତେ ଏହି ସେତୁ ଉଦ୍‌ଘାଟନ କରିବାର ସୁଯୋଗ ମିଳିଲା, ସେତେବେଳେ ମୁଁ ଅନୁଭବ କରିଥିଲି ଯେ ଆସାମ ଏବଂ ଅରୁଣାଚଳ ପ୍ରଦେଶକୁ ଯୋଡ଼ିଥିବା ତଥା ଦୁଇ ରାଜ୍ୟ ମଧ୍ୟରେ ଦୂରତା ହ୍ରାସ କରୁଥିବା ଏହି ସେତୁର ନାମକରଣ ଭୂପେନ୍‌ଦା'ଙ୍କ ନାମରେ ହେବା ସବୁଠୁ ଉପଯୁକ୍ତ ହେବ। ଭୂପେନ୍ ହଜାରିକାଙ୍କ ଜୀବନ ଆମକୁ କରୁଣାର ଶକ୍ତି ବିଷୟରେ ଅନୁଭବ କରାଇଥାଏ। ଲୋକଙ୍କ କଥା ଶୁଣିବା ଏବଂ ନିଜ ମାଟି ସହ ଯୋଡ଼ି ହୋଇ ରହିବା ଶିଖାଇଥାଏ। ଆଜି ବି ପିଲାଠୁ ବୁଢ଼ା ଯାଏ ସମସ୍ତଙ୍କ କଣ୍ଠରେ ତାଙ୍କର ଗୀତ ଶୁଣିବାକୁ ମିଳିଥାଏ। ତାଙ୍କ ସଙ୍ଗୀତ ଆମକୁ ସ୍ୱାଭିମାନୀ ଏବଂ ସାହସୀ ହେବାକୁ ଶିଖାଏ। ଏହା ଆମକୁ ଆମ ନଦୀ, ଆମ ଶ୍ରମିକ, ଆମ ଚା' ବଗିଚା ଶ୍ରମିକ, ଆମ ନାରୀଶକ୍ତି ଏବଂ ଆମ ଯୁବଶକ୍ତିକୁ ମନେରଖିବାକୁ ଅନୁପ୍ରାଣିତ କରେ। ଏହା ଆମକୁ ବିବିଧତା ମଧ୍ୟରେ ଏକତାରେ ବିଶ୍ୱାସ କରିବାକୁ ପ୍ରେରଣା ଦେଇଥାଏ। ଭୂପେନ୍ ହଜାରିକାଙ୍କ ଭଳି ଜଣେ ଉଜ୍ଜ୍ୱଳ ପ୍ରତିଭାଙ୍କୁ ପାଇ ଭାରତ ଧନ୍ୟ ହୋଇଛି। ଆମେ ତାଙ୍କ ଜନ୍ମଶତାବ୍ଦୀ ବର୍ଷ ପାଳନ ଆରମ୍ଭ କରୁଛୁ। ଆସନ୍ତୁ ଆମେ ତାଙ୍କ ବାର୍ତ୍ତାକୁ ଦୂରଦୂରାନ୍ତରରେ ପହଞ୍ଚାଇବା ଲାଗି ଆମ ପ୍ରତିବଦ୍ଧତାକୁ ଦୋହରାଇବା। ଏହି ସଂକଳ୍ପ ଆମକୁ ସଙ୍ଗୀତ, କଳା ଏବଂ ସଂସ୍କୃତି ପାଇଁ ଅଧିକ କାମକରିବା ଲାଗି ପ୍ରେରଣା ଦେଉ, ନୂଆ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରୁ, ଭାରତରେ ସୃଜନଶୀଳତା ଏବଂ କଳାତ୍ମକ ଉତ୍କର୍ଷକୁ ଆଗକୁ ବଢ଼ାଉ। ମୋର ଅନେକ ଅନେକ ଶୁଭକାମନା।

# ଶାନ୍ତିର ସନ୍ଧାନ



ଅଲେଖ ଚନ୍ଦ୍ର ମିଶ୍ର

ଶାନ୍ତିକିଏ ନ ଚାହେଁ ? ହେଲେ ପାଆନ୍ତି କେତେଜଣ ? ଏ ପ୍ରଶ୍ନ ଯୁଗ ଯୁଗ ଧରି ଅସମାହିତ ରହିଆସିଛି ; କାରଣ ଶାନ୍ତିର ମାର୍ଗ ଅସ୍ପଷ୍ଟ ଯାହା ଏକ ବ୍ୟକ୍ତିଗତ ବ୍ୟାପାର ହେଲେ ବି ସାମଗ୍ରିକ ସ୍ଥିତି ଉପରେ ନିର୍ଭରଶୀଳ। ଅନେକଙ୍କର ଧାରଣା ସୁଖ ହିଁ ଶାନ୍ତିର ମୁଖ୍ୟ ଉତ୍ସ। କିନ୍ତୁ ସୁଖ ଓ ଶାନ୍ତି ଦୁଇଟି ଅଲଗା କଥା। ସୁଖରେ ଥିବା ଲୋକ ଅଶାନ୍ତିରୁ ମୁକ୍ତ ନୁହେଁ, ଶାନ୍ତିରେ ଥିବା ଲୋକ ସୁଖ ପଛରେ ଧାଏଁନା। ଏହାର ଏକ ବଳିଷ୍ଠ ଉଦାହରଣ ପୃଥିବୀର ସର୍ବଶ୍ରେଷ୍ଠ ଧନୀ ଷ୍ଟିଭ ଜବ୍ସଙ୍କ ଜୀବନ କାହାଣୀ। ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇ ମାତ୍ର ୫୬ ବର୍ଷ ବୟସରେ ଦେହତ୍ୟାଗ କଲାବେଳେ (୨୦୧୩) ସେ କହିଥିଲେ, ''ଧନ ବଳରେ ମୁଁ ସବୁ କିଛି ପାଇଛି, ଏପରି କିଛି ଜିନିଷ ନାହିଁ ଯାହା ମୋର ଅପ୍ରାପ୍ୟ। କିନ୍ତୁ ଏ ରୋଗରୁ ମୁକ୍ତି ପାଇଁ କିମ୍ବା ଆସନ୍ନ ମୃତ୍ୟୁକୁ କିଛି ସମୟ ପାଇଁ ଘୁଞ୍ଚେଇ ଦେବା ପାଇଁ ମୋର ସକଳ ଧନ ସଂପତ୍ତି ଅସମର୍ଥ। ଅତଏବ ଧନ ଯେ ସବୁ କିଛି ଦେଇପାରେ ଏହା ଭୁଲ୍''।

କେହି କେହି ଭାବନ୍ତି ପ୍ରାପ୍ତି ହିଁ ଶାନ୍ତି ପ୍ରଦାନ କରେ। ନିଜର ଈପ୍ସିତ ବସ୍ତୁ ମିଳିଗଲେ ଶାନ୍ତି ଆପେ ମିଳିଯାଏ। କିନ୍ତୁ ରାଜା ମିଦାସ ଓ କୃଷକ ପୋହାମଙ୍କ କଥା (ଟଲଷ୍ଟୟଙ୍କ କାହାଣୀ ହାଓ ମଚ ଲ୍ୟାଣ୍ଡ ଡଜ୍ ଏ ମ୍ୟାନ ନିଡ୍) ଟିକେ ମନେପକାନ୍ତୁ ତ! ଜଣେ ନିଜ ଇଚ୍ଛା ମୁତାବକ ସୁନା ତ ପାଇଥିଲେ ହେଲେ ହରେଇଥିଲେ ନିଜର ଏକମାତ୍ର ଅଲିଅଳି କନ୍ୟାକୁ। ଅନ୍ୟ ଜଣକ ଯେତେ ଇଚ୍ଛା ଜମି ସଂଗ୍ରହ କରୁ କରୁ ନିଜର ଜୀବନ ହରେଇଥିଲେ। ସେଥିପାଇଁ ପ୍ରଖ୍ୟାତ ରୁଷ ଦାର୍ଶନିକ କାଉଣ୍ଟ ଲିଓ ଟଲଷ୍ଟୟ କହି ଯାଇଛନ୍ତି, ''ଏଭ୍ରି ପଜେଶନ ଇଜ୍ ୱାନ ୱିଥ୍ ଲସ୍'' (ପ୍ରତ୍ୟେକ ପ୍ରାପ୍ତି ପଛରେ କିଛି ହରେଇବା ଥାଏ)। କାରଣ ପ୍ରାପ୍ତିର ପରିସର ଅସୀମ ଯାହାର ଆରମ୍ଭ ତ ଥାଏ କିନ୍ତୁ ଶେଷ ନ ଥାଏ। ତା' ପଛରେ ଧାଇଁଲେ କେବଳ ଧାଇଁବା ହିଁ ସାର ହୁଏ। ଶାନ୍ତିରେ ଶେଷ ନିଃଶ୍ୱାସ ତ୍ୟାଗ କରିବା ପାଇଁ ଧାଉଁଥିବା ଅବସ୍ଥାରେ ମୃତ୍ୟୁ ଆସିଯାଏ। ହେଲେ ତା' ପରେ ବି ଶାନ୍ତିର ସନ୍ଧାନ ଶେଷ ହୁଏନା ଏବଂ ପ୍ରେତକର୍ମ, ନୀରବ ପ୍ରାର୍ଥନା, ମହମବତି ପ୍ରଜ୍ୱଳନ, ଶୋଭାଯାତ୍ରା, ସମୂହ ଦୀପଦାନ, ସାମୂହିକ ତିଳତର୍ପଣ, ସ୍ମୃତିଚାରଣ, ପିଣ୍ଡ ଦାନ ଇତ୍ୟାଦି ମାଧ୍ୟମରେ ଦିବଂଗତ ଆତ୍ମାର ଶାନ୍ତି ପାଇଁ ପ୍ରଚେଷ୍ଟା କରାଯାଏ।



ଶାନ୍ତି ପାଇବା ପାଇଁ କେବେ କେବେ ଭୌତିକ କ୍ରିୟାର ସାହାରା ନିଆଯାଏ ଯଥା ଗୁଣି ଗାରେଡ଼ି, ଗ୍ରହଶାନ୍ତି, ଦରିଦ୍ର ନାରାୟଣ ସେବା, ଶକ୍ତି ପୀଠରେ ବଳିଦାନ, ଓଷା, ବାର, ବ୍ରତ, ବିଭିନ୍ନ ପୂଜାର୍ଚ୍ଚନା, ଧର୍ମାନୁଷ୍ଠାନ, ଯଜ୍ଞ, ଦାନ, ପଶୁପକ୍ଷୀଙ୍କର ହେପାଜତ, ବର ଓସ୍ତ ବିବାହ ଇତ୍ୟାଦି। ସେହିପରି ସେବା ପ୍ରଦାନ ଶାନ୍ତିର ଏକ ମାର୍ଗ ବୋଲି କେହି କେହି ସେଥିରେ ମନୋନିବେଶ କରନ୍ତି, କିନ୍ତୁ ସେଥିରେ ପ୍ରଚ୍ଛନ୍ନ ଭାବରେ ନିହିତ ସ୍ୱାର୍ଥ ଓ ଅହଂଭାବ ଶାନ୍ତିକୁ ଅଶାନ୍ତିରେ ପରିଣତ କରିଦିଏ।

କେତେକଙ୍କର ବିଶ୍ୱାସ କ୍ଷମତା, ପ୍ରତିପତ୍ତି, ପ୍ରଭୁତ୍ୱ ଭଳି ପାର୍ଥିବ ବସ୍ତୁରେ ଶାନ୍ତି ଥାଏ ; କିନ୍ତୁ ତ୍ରିପୁର ବିଜୟୀ ରାବଣ କିମ୍ବା କ୍ଷମତାଲୋଭୀ ଦୁର୍ଯ୍ୟୋଧନ ଭଳି ଅନେକ ଦୃଷ୍ଟାନ୍ତ ଏହାର ବିରୋଧାଭାସ। ଏପରିକି ପାଶ୍ଚାତ୍ୟ ସାହିତ୍ୟର ଲୋକପ୍ରିୟ କବିତା ''ମିଲର୍ ଅଫ ଦ ଡି'' ର ବର୍ଣ୍ଣନା ଅନୁଯାୟୀ ନଦୀ କୂଳରେ ମନ ଉଲ୍ଲାସରେ ଗୀତ ଗାଉଥିବା ଏକ ଅଟାକଳର ମାଲିକକୁ ଦେଖି ସ୍ୱୟଂ ବ୍ରିଟିଶ ରାଜା ହଲ୍ ତାକୁ ପ୍ରଶଂସା କରି କହିଥିଲେ, ''ହେ ମିଲ୍ ବାଲା ତୁମର ଟୋପି ମୋର ରାଜ ମୁକୁଟ ଏବଂ ତୁମର କଳ ମୋର ରାଜ୍ୟଠାରୁ ମୂଲ୍ୟବାନ। ତୁମଭଳି ଲୋକ ଇଂଲଣ୍ଡର ଗୌରବ''। ଅତଏବ ଶାନ୍ତି ଏକ ଆପେକ୍ଷିକ ଶବ୍ଦ ଯାହା ଖୋଜିଲେ ମିଳେନା, ନ ଖୋଜିଲେ ଅଜାଣତରେ ଆପେ ଆସିଯାଏ, ଯେପରି କ୍ଷୁଧାର୍ତ୍ତଟିଏ ପେଟ ଭରି ଖାଇଲା ପରେ, ତୃଷାର୍ତ୍ତଟିଏ ମନ ଭରି ପାଣି ପିଇଲା ପରେ, ରୋଗୀଟିଏ ଆରୋଗ୍ୟ ହେଲା ପରେ, ଉପରିସ୍ଥ କର୍ମ ଚାପରୁ ମୁକ୍ତି ଯଥା ମଳ ମୂତ୍ର ତ୍ୟାଗଜନିତ ଆଶ୍ୱସ୍ତି, କ୍ଳାନ୍ତି ପରେ ବିଶ୍ରାମ ମିଳିଲେ ଯେଉଁ ମାନସିକ ଉପଲବ୍ଧି ଅନୁଭୂତ ହୁଏ ତାହା ହିଁ ଶାନ୍ତିର କ୍ଷଣିକ ରୂପ ଯାହା ସଙ୍ଗେ ସଙ୍ଗେ ଉଭେଇ ଯାଏ, କାରଣ ଶାନ୍ତିର ମୁଖ୍ୟ ନିଦର୍ଶନ ହେଉଛି ଏହା ଅଳିକ। ନିରବଚ୍ଛିନ୍ନ ଶାନ୍ତି ଅସମ୍ଭବ। ଅନ୍ୟ ପକ୍ଷରେ ଏହା ଏକ ଆଭ୍ୟନ୍ତରୀଣ ସୂକ୍ଷ୍ମ ବିଭାବ ଯାହା କେବଳ ସାମୟିକ ଭାବରେ ହୃଦୟଙ୍ଗମ କରିହୁଏ। ନିଜ ଗର୍ଭରେ ଥିବା କସ୍ତୁରୀର ସୁଗନ୍ଧକୁ ବାରି ନ ପାରି ତା'ର ସନ୍ଧାନରେ ଇତସ୍ତତଃ ଧାଉଁଥିବା କୃଷ୍ଣସାର ଭଳି ମଣିଷର ଶାନ୍ତି ପ୍ରଚେଷ୍ଟା।

ସାରଦାଶ୍ରୀ ୯୦୪, ଶାସ୍ତ୍ରୀ ନଗର ୟୁନିଟ୍-୪
ଭୁବନେଶ୍ୱର, ମୋ:୯୪୩୮୬୭୩୮୯୮

## ଏଇ ଭାରତରେ

ରୋଗ ହେଲେ ସମସ୍ତେ ଡାକ୍ତର ପାଖକୁ ଯାଆନ୍ତି। କିନ୍ତୁ ଏଥିପାଇଁ କେହି କ'ଣ ମନ୍ଦିର ଲୁଟିବାକୁ ଯିବା କଥା ଶୁଣିଛନ୍ତି! ଏଭଳି ଘଟଣା ଦେଖିବାକୁ ମିଳିଛି ଛତିଶଗଡ଼ର ଦୁର୍ଗ ଅଞ୍ଚଳରେ। ଏଠାରେ ୪୫ ବର୍ଷୀୟ ଜଣେ ବ୍ୟକ୍ତି ଏବେ ପୋଲିସ ହାତରେ ଧରାପଡିଛନ୍ତି, ଯିଏ କି ଗତ ୧୦ ବର୍ଷ ହେଲାଣି ବିଭିନ୍ନ ମନ୍ଦିରରୁ ଚୋରି କରୁଥିଲେ। ତାଙ୍କର ଏପରି କରିବା ପଛର ଉଦ୍ଦେଶ୍ୟ ଥିଲା ଭଗବାନ୍‌ଙ୍କ ଉପରେ ପ୍ରତିଶୋଧ ନେବା। ପ୍ରକୃତ କଥା ହେଉଛି ଏହି ବ୍ୟକ୍ତି ଜଣକ ୨୦୧୨ରେ ଏକ ମାରପିଟ ଘଟଣାରେ ଜେଲ ଯାଇଥିଲେ। ଜେଲରୁ ବାହାରିବା ପରେ ସେ ଏଚ୍‌ଆଇଭି ପଜିଟିଭ୍ ବୋଲି ଜଣାପଡିଥିଲା। ଏହା ପରେ ସେ ଭାଙ୍ଗି ପଡିଥିଲେ। ଭଗବାନ୍‌ଙ୍କ ଉପରୁ ତାଙ୍କର ଭରସା ତୁଟି ଯାଇଥିଲା। ତାଙ୍କୁ ମନେହୋଇଥିଲା କି ଭଗବାନ୍ ହିଁ ତାଙ୍କୁ ଏଭଳି ଏକ ଭୟଙ୍କର ରୋଗ ଦେଇଛନ୍ତି। ତେଣୁ ସେ ଭଗବାନ୍‌ଙ୍କ ଉପରେ ପ୍ରତିଶୋଧ ନେବାକୁ ଯାଇ କୌଣସି ସ୍ଥାନରେ ମନ୍ଦିର ଦେଖିଲେ ସେଠାରୁ ବିଭିନ୍ନ ଜିନିଷ ଚୋରି କରି ନେଇଯାଉଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୮ ସେପ୍ଟେମ୍ବର ୧୯୭୬

- ବିଖ୍ୟାତ ବିପ୍ଲବୀ ଓ ସ୍ୱାଧୀନତା ସଂଗ୍ରାମୀ ତଥା କଂଗ୍ରେସ ପାର୍ଲାମେଣ୍ଟାରୀ ଦଳର ପୂର୍ବତନ ଉପନେତା ସୁରେନ୍ଦ୍ର ମୋହନ ଘୋଷଙ୍କ ୮୩ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ସତ୍ୟବାଦୀ ବ୍ଲକରେ ୟୁରିଆ ଅଭାବ

ମହାଶୟ,

ଏବେ ସମଗ୍ର ଓଡ଼ିଶାରେ ୟୁରିଆ ସାରର ଅଭାବ ଦେଖାଦେଇଛି। ପୁରୀ ଜିଲା ସତ୍ୟବାଦୀ ବ୍ଲକର ୨୪ ପଞ୍ଚାୟତର ଚାଷୀଙ୍କୁ ଆବଶ୍ୟକ ଅନୁସାରେ ଏହା ମିଳୁ ନ ଥିବାରୁ ଅନେକ ସ୍ଥାନରେ ଚଢ଼ାଦରରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ରାଜ୍ୟ କୃଷି ବିଭାଗ ତଥ୍ୟ ଅନୁସାରେ ଏବେ ରାଜ୍ୟରେ ୫୭% ୟୁରିଆ ଅଭାବ ରହିଛି। ସତ୍ୟବାଦୀ ବ୍ଲକକୁ କେତେ ସାର ଯୋଗାଣ ହୋଇଛି ତାହାର ସବିଶେଷ ତଥ୍ୟ କୃଷିବିଭାଗ ପାଖରେ ଉପଲବ୍ଧ ନାହିଁ। ବର୍ତ୍ତମାନ ସୁଦ୍ଧା ସାର କଳାବଜାର ହେଉଥିଲେ ମଧ୍ୟ କୌଣସି ସ୍ଥାନରେ ସେହିଭଳି ଆଖିଦୃଶିଆ ଧରପଗଡ଼ ହେଉନାହିଁ। ଏ ନେଇ ବ୍ଲକ କୃଷି ଅଧିକାରୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେହିଭଳି କିଛି ଅଭିଯୋଗ ଆସି ନ ଥିବା ପ୍ରକାଶ କରିଛନ୍ତି। ବିଭାଗୀୟ ମନ୍ତ୍ରୀ ଓ ପୁରୀ ଜିଲା ପ୍ରଶାସନ ଘଟଣାର ତଦନ୍ତ କରି କଳାବଜାରକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

-ଦେବବ୍ରତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

## ଚିରନ୍ତନୀ

ଦିବସ ନିଶାର ଏହି ବିବାହ ସମ୍ଭୋଗେ
ପ୍ରତୀଚୀର ଅଙ୍ଗେ
ସନ୍ଧ୍ୟା-ସହଚରୀ କିବା ଲେଖଇ ଅଳତା
ପକ୍ଷୀଙ୍କଠୁ ମୁଖରଇ କି ମଙ୍ଗଳ କଥା !
-(ଚକ୍ରବାକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ପୂର୍ବତନ ସରପଞ୍ଚ ଦୁର୍ବୃତ୍ତଙ୍କ ଆକ୍ରମଣ**

ଦାରିଙ୍ଗବାଡି, (ଅରୁଣ ସାହୁ):ଦାରିଙ୍ଗବାଡି ଥାନା କିରିକୁଟି ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କୁ କେହି ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି। କିରିକୁଟି ପଞ୍ଚାୟତର ପୂର୍ବତନ ସରପଞ୍ଚ ତ୍ରିଲୋଚନ ପ୍ରଧାନ ଓରଫ ଟିଟୁ ତାଙ୍କ ସମ୍ପର୍କୀୟଙ୍କ ଘର ପାଟାଙ୍ଗି ଗ୍ରାମରେ ଦୀର୍ଘ ବର୍ଷ ହେଲା ରହିଆସୁଥିଲେ। ତେବେ ବିଳମ୍ବିତ ରାତ ତାଙ୍କୁ କେହି ଦୁର୍ବୃତ୍ତ ଧାରୁଆ ଅସ୍ତ୍ର ସାହାଯ୍ୟରେ ବେକ ଓ ପିଠିରେ ଏକାଧିକ ସ୍ଥାନରେ ଗଭୀର ଆକ୍ରମଣ କରିଥିବା ସମ୍ପର୍କୀୟ କହିଛନ୍ତି।

## ସଂକ୍ଷେପରେ

### ମଦ ସହ ମୋପେଡ୍ ଜବତ, ୨ ଗିରଫ

ଦିଗପହଣ୍ଡି,୭।୯(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ୍ ଚଷାନିମଖଣ୍ଡି ପଞ୍ଚାୟତ ସିନ୍ଧବା ଗ୍ରାମର ରମେଶ ଗୌଡ଼ ଏବଂ ଶ୍ୟାମସୁନ୍ଦରପଲ୍ଲୀ ଗ୍ରାମ ମଝି ସାହିର ରାଜୁ ମଲ୍ଲିକଙ୍କୁ ଅବକାରୀ ଥାନା ଓଆଇସି ଅନୀତା ପ୍ରଧାନ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛନ୍ତି। ଅବକାରୀ ମାମଲା ନଂ.୯୭/୨୫ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଶନିବାର ସନ୍ଧ୍ୟାରେ ଅବକାରୀ ଓଆଇସି ସଦଳବଳେ ଦିଗପହଣ୍ଡି ବ୍ଲକ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ବଡ଼ପଦା ଗାଁ ରାସ୍ତାରେ ଏକ ଟିଭିଏସ ଏକସଲ ମୋପେଡ୍ (ନଂ.ଓଡି ୦୨ ଏଡି -୦୨୦୬) ଯୋଗେ ଅଭିଯୁକ୍ତ ଦ୍ୱୟ ୨ଟି ପ୍ଲାଷ୍ଟିକ ଜାରକିନ୍ ନେଇ ଦ୍ରୁତଗତିରେ ଯାଉଥିବା ବେଳେ ଅବକାରୀ କର୍ମଚାରୀ ବୃନ୍ଦ ତାଙ୍କୁ ଅଟକାଇ ଖାନତଲାସି କରିବାରୁ ତାଙ୍କ ପାଖରେ ଦେଶୀମଦ ଥିବା ଜଣାପଡିଥିଲା। ସାକ୍ଷ୍ୟ ମାନଙ୍କ ଉପସ୍ଥିତିରେ ଜବତ ତାଲିକା ପ୍ରସ୍ତୁତ ଜବତ ମଦରୁ ନମୂନା ସଂଗ୍ରହ କରାଯାଇ ବ୍ରହ୍ମପୁର ସ୍ଥିତ ଫରେନସିକ ଲାବ୍ରୋଟାରିକୁ ପଠାଯାଇଛି। ଉଭୟ ଅଭିଯୁକ୍ତଙ୍କୁ ମୋପେଡ୍ ସହ ଦିଗପହଣ୍ଡି ଅବକାରୀ ଥାନାକୁ ଅଣାଯାଇଥିଲା। ଉଭୟଙ୍କୁ ପଚରା ଉଚୁରା କରିବାରେ ସେମାନେ ଦୋଷ ସ୍ୱୀକାର କରିଥିଲେ। ପରେ ଓଆଇସି ଉଭୟଙ୍କୁ ଗିରଫ କରିଥିଲେ।

### କଳିଙ୍ଗା ଘାଟିରୁ ଖସିଲା ପଥର

ଜି.ଉଦୟଗିରି, ୭।୯ (ଶିଶିର ପଟ୍ଟନାୟକ/ ଚିନ୍ମୟ କୁମାର ସେଠୀ)

ଲଗାଣବର୍ଷାରେ ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ଘାଟିରୁ ପଥର ଖସିବା ଆରମ୍ଭ ହୋଇଛି। ରବିବାର ଅପରାହ୍ନରେ ଏକ ବିରାଟକାୟ ପଥର ରାସ୍ତା ଉପରକୁ ଚାଲି ଆସିବା ଫଳରେ ଯାତ୍ରୀ ଭୟଭୀତ ହୋଇପଡିଛନ୍ତି। ଏନେଇ ଗାଡି ଯିବା ଆସିବା କରିବା ରେ କିଛି ସମୟ ପାଇଁ ସମସ୍ୟା ହୋଇଥିଲା।

### ଗାଡ଼ି ଧକ୍କାରେ ଯୁବକ ମୃତ

ପାତ୍ରପୁର,୭।୯ (ଉମା ଚରଣ ନେପାକ)

ଅଜଣା ଗାଡ଼ି ଧକ୍କାରେ ରବିବାର ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜରଡ଼ାଥାନା ତାଳପଦର ଗ୍ରାମର ଲାଣ୍ଡୁ ଶବରଙ୍କ ପୁଅ ଡମ୍ବରୁ ଶବର(୩୮)। ଡମ୍ବରୁ ତାଙ୍କର ବଡ଼ ଭଉଣୀଙ୍କୁ ସିନ୍ଧୁରବାଡ଼ ଗ୍ରାମରେ ଛାଡ଼ିବା ପାଇଁ ଯାଇ ଘରକୁ ଫେରୁଥିବା ବେଳେ ତୁମ୍ବା ପଞ୍ଚାୟତ ଅନ୍ତର୍ଗତ ଭାଲିଆସାହି ନିକଟରେ ଅଜଣା ଗାଡ଼ି ଧକ୍କାରେ ରାସ୍ତା ଉପରେ ପଡ଼ିଥିଲେ। ଫଳରେ ଡମ୍ବରୁଙ୍କ ମୁଣ୍ଡ ଫାଟି ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକଙ୍କ ଦ୍ୱାରା ଖବର ପାଇ ତୁମ୍ବା ଫାଣ୍ଡି ଅଧିକାରୀ ଏଏସ୍‌ଆଇ କୃଷ୍ଣଚନ୍ଦ୍ର ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଥି ସହିତ ଜରଡ଼ା ଥାନା ପକ୍ଷରୁ କେଶ୍ ନଂ. ୩୦୫/୨୫ରେ ଏକ ମାମଲା ରୁଜୁ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିଥିବା ନେଇ ଜରଡା ଥାନା ଅଧିକାରୀ ଟୁନା ସାସମଲ କହିଛନ୍ତି।

### ଚନ୍ଦନ ବିଷୋୟୀ ହତ୍ୟା ମାମଲା ଥାନାରେ ଅଗ୍ରଗତି ପଚାରି ବୁଝିଲେ ବିଧାୟକ

ଶେରଗଡ଼, ୭।୯(ସୂର୍ଯ୍ୟ ନାରାୟଣ ଦାଶ)

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଗୋଠଗାଁରେ ଗତ ଶୁକ୍ରବାର ରାତିରେ ପୂର୍ବ ଶତ୍ରୁତାକୁ ନେଇ ଏକ ହତ୍ୟାକାଣ୍ଡ ଘଟିଥିଲା। ଏଥିରେ ଚନ୍ଦନ ବିଶୋୟୀ (୨୨)ଙ୍କ ମୃତ୍ୟୁ ହୋଇଥିଲା। ଏହି ମାମଲାରେ ସରପଞ୍ଚ କୃଷ୍ଣଚନ୍ଦ୍ର ସୁଆଁସିଆ, ତାଙ୍କ ଭାଇ ବାପି ସୁଆଁସିଆ, ନବ, ଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ମୋ ପୁଅକୁ ଏମାନେ ହତ୍ୟା କରିଛନ୍ତି ବୋଲି ପରିବାର ଲୋକେ ପ୍ରକାଶ କରି ଏତଲାରେ ଉଲ୍ଲେଖ କରିଛନ୍ତି। ଘଟଣାରେ ସମ୍ପୃକ୍ତ ଥିବା ଆଉ ୨ ଜଣ ଫେରାର ଥିବାରୁ ଖୋଜାଖୋଜି କରି ପୋଲିସ ସେମାନଙ୍କ ପତ୍ତାପାଇନି। ମୃତ ଚନ୍ଦନଙ୍କ ଘର ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ। ଏହି ପରିପ୍ରେକ୍ଷୀରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ରବିବାର ଅପରାହ୍ନ ୫ଟାରେ ଶେରଗଡ଼ ଥାନାକୁ ଆସି ଘଟଣାର ଅଗ୍ରଗତି ନେଇ ଥାନା ଅଧିକାରୀଙ୍କୁ ପଚାରି ବୁଝିଥିଲେ। ଏହା ପୂର୍ବରୁ ଚନ୍ଦନଙ୍କ ପରିବାର ପକ୍ଷରୁ ଶତାଧିକ ଲୋକ ମଧ୍ୟ ଶେରଗଡ଼ ଥାନାକୁ ଆସିଥିଲେ। ବିଧାୟକ ଜେନା ଥାନା ଅଧିକାରୀଙ୍କ ସହ ଆଲୋଚନା କରି ଏତାଲାରେ ଦର୍ଶାଯାଇ ଥିବା ସମସ୍ତ ଦୋଷୀଙ୍କୁ ଶୀଘ୍ର ଗିରଫ କରିବାକୁ କହିଥିଲେ। ପରେ ସେ ଚନ୍ଦନଙ୍କ ପରିବାର ସହ ଆଲୋଚନା କରିଥିଲେ।

# ଗଣେଶ ଭସାଣି ବେଳେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୭ ଗିରଫ

ଛତ୍ରପୁର,୭।୯ (ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ଦୁଆନପଲ୍ଲୀ ଗ୍ରାମରେ ଗଣେଶ ଭସାଣି ବେଳେ ଡିଜେ ବଜାଇବାକୁ ନେଇ ସେହି ଗ୍ରାମର ସୁବାସ ଦାସଙ୍କୁ କେତେଜଣ ଯୁବକ ଗତ ୫ ତାରିଖ ବିଳମ୍ବିତ ରାତିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାରେ ରବିବାର ୭ ଜଣଙ୍କୁ ଛତ୍ରପୁର ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ଗୋଟିଏ କାଠଫାଳିଆ, ପଥର, ଲୁହାରଡ଼, ବାଉଁଶ ଠେଙ୍ଗା ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଦୁଆନପଲ୍ଲୀର ଗଗନ ସାହୁ, ଟୁକୁନା ନାହାକ, ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭାଟ କୁମରଡ଼ାର ସୀମାଞ୍ଚଳ ସାହୁ ଓରଫ ସିଲୁ, ଲମ୍ବୋଦର ସାହୁ, ସିଲୁ ଛାଟୋଇ, ପ୍ରଭାତ ସାହୁ ଓ ସୁଜିତ ସାହୁ। ସୁବାସଙ୍କୁ ଆକ୍ରମଣ କରାଯାଇଥିବା ନେଇ ତାଙ୍କ ମା' ତୁଳସା ଦାସ ଛତ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ୬୦୨/୨୫ ନଂ.ରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତରୁ ଉପରୋକ୍ତ ୭ ଜଣଙ୍କର ସମ୍ପୃକ୍ତି ସ୍ପଷ୍ଟ ହେବା ପରେ ସେମାନଙ୍କୁ ଗିରଫ କରାଯାଇଛି। ଏଥିରେ ଅନ୍ୟମାନଙ୍କ ସମ୍ପୃକ୍ତି ସମ୍ପର୍କରେ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ କହିଛନ୍ତି।



ଗିରଫ ହୋଇଥିବା ୭ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

### ଗଞ୍ଜାମ ବ୍ଲକରେ କୃଷି କାର୍ଯ୍ୟ ପ୍ରଭାବିତ

## ସାର କଳାବଜାର ରୋକିବାକୁ ସ୍ୱତନ୍ତ୍ର ଟିମ୍ ଗଠନ

ଗଞ୍ଜାମ,୭।୯(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକରେ ହଜାର ହଜାର କୃଷକ ବର୍ତ୍ତମାନ ସାର ପାଇଁ ଡହଳ ବିକଳ ହେଉଛନ୍ତି। ଏହି ବ୍ଲକରେ ମୋଟ ୧୨ ହଜାର ୮୮୪ ହେକ୍ଟର ଚାଷ ଜମିରୁ ୭୬୨ ହେକ୍ଟର ଜମିରେ ଧାନ ଚାଷ ହେଉଛି। ସ୍ଥାନୀୟ ଅଞ୍ଚଳ କାଇଁଚପୁର, ମାଳି ଜଗନ୍ନାଥ ପୁର, କଲ୍ୟାଣ ପୁର, ପୁଇଁତୋଳା, ବରପଲ୍ଲୀ, ଲକ୍ଷ୍ମୀପୁର, ଝାଡକୁଦା, ମୟୁରପଡା, ନୀଳାଦ୍ରିପୁର, ଖଟୁଆ କୁଦା ଆଦି ଧାନ ଚାଷୀ ନିଜର ଉନ୍ନତ ଫସଲ ନିମନ୍ତେ ବର୍ତ୍ତମାନ ସମୟରେ ସାର ନିତ୍ୟାନ୍ତ ଆବଶ୍ୟକ। କିନ୍ତୁ ସରକାରୀ ଗୋଦାମ ଓ ଲାଇସେନ୍ସପ୍ରାପ୍ତ ସାର ଦୋକାନରେ ସାର ଉପଲବ୍ଧ ନଥିବାରୁ ଚାଷୀମାନଙ୍କୁ ନିରାଶ ହେବାକୁ ପଡିଛି। ଏହାର ଫଳରେ ବଡ଼ ପରିମାଣରେ ଚାଷ କାର୍ଯ୍ୟ ପ୍ରଭାବିତ ହେବାର ଆଶଙ୍କା ଦେଖା ଦେଇଛି। ୟୁରିଆ ସାର ମିଳୁନଥିବାରୁ ଚାଷୀମାନେ ବିକଳ୍ପ ଭାବେ ଗ୍ରୋମର ଓ ଡିଏପି ସାର ଉପରେ ନିର୍ଭର କରୁଛନ୍ତି। କିନ୍ତୁ ଏହାର ସୁଯୋଗ ନେଇ କଳାବଜାରୀମାନେ ସାରକୁ ଗୋପନୀୟ ଭାବରେ ମହଜୁତ କରି ଦୁଇରୁ ତିନିଗୁଣା ଦରରେ ବିକ୍ରି କରୁଥିବା ଅଭିଯୋଗ ଉଠିଛି। ଯାହା ଫଳରେ ସାଧାରଣ ଚାଷୀ ଚିନ୍ତାରେ ପଡି ଯାଇଛନ୍ତି। ଅଭିଯୋଗ ପରେ ଚାଷୀମାନଙ୍କୁ ଆବଶ୍ୟକୀୟ ସାର ଯୋଗାଣ ନିଶ୍ଚିତ କରିବା ଓ କଳାବଜାରୀକୁ ରୋକିବା ପାଇଁ କୃଷି ବିଭାଗ ଓ ପ୍ରଶାସନ ପକ୍ଷରୁ କଡ଼ା ତତ୍ପରତା ପ୍ରକାଶ ପାଇଛି। ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ର ଓ ବ୍ଲକ କୃଷି ଅଧିକାରୀ ରଶ୍ମିତା ମହାପାତ୍ରଙ୍କ ନେତୃତ୍ୱରେ ଏକ ବିଶେଷ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିବା ବେଳେ ସୋସାଇଟି ଓ ବିଭିନ୍ନ ସାର ଦୋକାନରେ ବାରମ୍ବାର ଚଢ଼ାଉ କରାଯାଉଛି। ଚଢ଼ାଉ ସମୟରେ ଷ୍ଟକ ସହ ଆବଶ୍ୟକୀୟ କାଗଜପତ୍ର ଯାଞ୍ଚ ମଧ୍ୟ କରାଯାଇଛି। ତହସିଲଦାର ସୁକାନ୍ତ ମିଶ୍ର ସମସ୍ୟାକୁ ଗୁରୁତର ନେବା ସହ ଚାଷୀମାନଙ୍କୁ ଶୀଘ୍ର ସାର ଯୋଗାଇବା ପାଇଁ ପଦକ୍ଷେପ ନିଆଯିବା ସହ ଖୁବଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ସେ କହିଛନ୍ତି। ଅନ୍ୟପଟେ ତୁରନ୍ତ କଳାବଜାରୀକୁ ରୋକି ସରକାରୀ ସ୍ତରରେ ପ୍ରଚୁର ପରିମାଣରେ ସାର ଯୋଗାଇା ପାଇଁ ଓଡିଶା କୃଷକ ସଭା ପକ୍ଷରୁ ପି ହରେକୃଷ୍ଣ ରେଡି ଏବଂ ଚାଷୀ ମୁଳିଆ ନେତା ତଥା ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ଛୋଟରାଏ ଦାବି କରିଛନ୍ତି।

## ଭେଟେରାନଙ୍କ ଫୁଟବଲ ମ୍ୟାଚରେ ଫୁଲବାଣୀ ବିଜୟୀ

ଜି.ଉଦୟଗିରି,୭।୯(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ସ୍ଥିତ ଅର୍ଦ୍ଧ ନିର୍ମିତ ମିନି ଷ୍ଟାଡିୟମ ଠାରେ ସ୍ଥାନୀୟ କଳିଙ୍ଗ ଆଥଲେଟିକ୍ସ ଆସୋସିଏସନ ତରଫରୁ ଭେଟେରାନ ଫୁଟବଲ ଖେଳାଳିଙ୍କୁ ନେଇ ଏକ ବନ୍ଧୁତ୍ୱ ପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉକ୍ତ ମିନି ଷ୍ଟାଡିୟମଟି ଅଞ୍ଚଳବାସୀଙ୍କ ପାଇଁ ଏକମାତ୍ର ଖେଳ ପଡ଼ିଆର ହୋଇଥିବା ବେଳେ ପ୍ରଶାସନ ତରଫରୁ ଏହି ଖେଳ ପଡ଼ିଆ ପ୍ରତି ଅବହେଳା କରାଯାଉଥିବା ନେଇ ଖେଳାଳୀ ମାନେ କ୍ଷୋଭ ପ୍ରକାଶ କରିଥିଲେ। ସ୍ଥାନୀୟ ଯୁବପୀଢ଼ି ଖେଳ ଓ ଖେଳ ପଡ଼ିଆ ଠାରୁ ନିଜକୁ ଦୁରେଇ ନେଉଥିବା ବେଳେ ୪୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ପୁରାତନ ଖେଳାଳି ମାନେ ବହୁ ପରିଶ୍ରମ ଯୁକ୍ତ ଫୁଟବଲ ଖେଳରେ ଭାଗ ନେଇ ଯୁବ ପୀଢ଼ିଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିବା ନେଇ ଅଞ୍ଚଳରେ ଆଲୋଚନା ହେଉଛି। ତା ସହ ଯୁବ ପୀଢ଼ିଙ୍କ ଠାରୁ ନିଜକୁ ସୁସ୍ଥ ରଖିଥିବା ଆଜି ପ୍ରମାଣିତ କରିଛନ୍ତି ଭେଟେରାନ ଖେଳାଳି। ଉକ୍ତ ମ୍ୟାଚରେ ନିହାର ଭୂଷଣ ନାୟକଙ୍କ ନେତୃତ୍ୱରେ ଜି.ଉଦୟଗିରି ଭେଟେରାନ ସହ ପୂର୍ବତନ ଫୁଲବାଣୀ ବିଧାୟକ ଦେବେନ୍ଦ୍ର କହଁରଙ୍କ ନେତୃତ୍ୱରେ ଫୁଲବାଣୀ ଭେଟେରାନ ମଧ୍ୟରେ ଖେଳ ହୋଇଥିଲା। ଫୁଲବାଣୀ ଭେଟେରାନ ଦଳ ୪-୧ ଗୋଲରେ ବିଜୟୀ ହୋଇଥିଲେ। ଜି.ଉଦୟଗିରି ଭେଟେରାନ ତରଫରୁ ମିତ୍ରଭାନୁ ପ୍ରଧାନ ଏକ ମାତ୍ର ଗୋଲ୍ ଦେଇଥିବା ବେଳେ ଫୁଲବାଣୀ ଭେଟେରାନ ତରଫରୁ ଦୀପକ କୋଠଦଲେଇ ୧, ବାବୁ ପ୍ରଧାନ ୨ ଓ ଅନ୍ୟ ଜଣେ ଖେଳାଳି ଗୋଟିଏ ଗୋଲ ସହ ସମୁଦାୟ ୪ ଟି ଗୋଲ୍ ଦେଇଥିଲେ। ଉକ୍ତ ବନ୍ଧୁତ୍ୱ ପୂର୍ଣ୍ଣ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଏନଏସି ଉପାଧ୍ୟକ୍ଷ ସନ୍ତୋଷ ବାଘ, ସମ୍ମାନିତ ଅତିଥି ଭାବେ କାଉନସିଲର ଯାକେଶ ପ୍ରଧାନ, ପୂର୍ବତନ ଖେଳାଳି ସନ୍ତୋ ପ୍ରଧାନ, ବରିଷ୍ଠ ଖେଳାଳି କୃଷ୍ଣା ରାଓ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବରୁଣ ପ୍ରଧାନ, ଗୋଲୋକ ପ୍ରଧାନ, ଗୋପି ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।

### ଡେ ଷ୍ଟାର ହୋମକୁ ବ୍ୟାଙ୍କ ପକ୍ଷରୁ ସହାୟତା

ମୋହନା, ୭।୯(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକର ଜରଡରେ ଚାଲିଥିବା ଅନାଥ ଆଶ୍ରମ ଡେ ଷ୍ଟାର ହୋମକୁ ରବିବାର ଭାରତୀୟ ଷ୍ଟେଟ ବ୍ୟାଙ୍କ ଏକ ବୋଲେରୋ ଗାଡି ପ୍ରଦାନ କରିଛି। ଡେ ଷ୍ଟାର ହୋମ ନିର୍ଦ୍ଦେଶକ ପିସି ଥୋମାସଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଭୁବନେଶ୍ୱରସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କର ଜେନେରାଲ ମ୍ୟାନେଜର କୌଶଳ କିଶୋର ସିଂ, ସମ୍ମାନିତ ଅତିଥି ରୂପେ ବ୍ରହ୍ମପୁର ଜୋନାଲ ଡେପୁଟି ଜେନେରାଲ ମ୍ୟାନେଜର ଆଲୋକ କୁମାର ସିହ୍ନା, ଚିଫ୍ ମ୍ୟାନେଜର (ଏଚଆର) ନିରଦ କୁମାର ରାଉତ, ବ୍ରହ୍ମପୁର ରିଜିଓନାଲ ମ୍ୟାନେଜର ହରିକୃଷ୍ଣ ପଣ୍ଡା ଯୋଗ ଦେଇଥିଲେ। ଡେଷ୍ଟାର ହୋମରେ ୫୧ ଜଣ ଅନାଥ ପିଲା ଅଛନ୍ତି। ଗାଡି ନ ଥିବାରୁ ସେମାନେ ବିଦ୍ୟାଳୟ ଓ ଡାକ୍ତରଖାନା ଯିବାକୁ ହଇରାଣ ହେଉଥିଲେ। ଏବେ ସମସ୍ୟାର ସମାଧାନ ହେବ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

### ମିଥ୍ୟା ପ୍ରତିଶ୍ରୁତି ଦେଇ ୯ ଲକ୍ଷ ହଡପ

ଦିଗପହଣ୍ଡି,୭।୯(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବସଷ୍ଟାଣ୍ଡ ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ୯ ଲକ୍ଷ ଟଙ୍କା ହଡପ କରିଥିବା ଅଭିଯୋଗରେ ଦିଗପହଣ୍ଡି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଗୋପାଳପୁର ଥାନା ଆରୁଆପଲି ଗ୍ରାମର ଅଜିତ ପଟ୍ଟନାୟକ। ତାଙ୍କ ଜାମିନ ନାମଞ୍ଜୁର ପରେ ଜେଲ୍ ପଠାଯାଇଛି। ମହିଳା ନିଜ ସମ୍ପର୍କୀୟ ଲୋକଙ୍କ ପାଖକୁ ଫୋନ କରୁଥିବା ବେଳେ ଭୁଲରେ ଅଜିତଙ୍କ ନମ୍ବରକୁ ଲାଗି ଯାଇଥିଲା। ଅଜିତ ଏଚଡିଏଫସି ଫାଇନାନ୍ସ ମ୍ୟାନେଜର ଥିବା ନେଇ ମହିଳାଙ୍କୁ ପରିଚୟ ଦେଇଥିଲେ। ମହିଳାଙ୍କ ଟଙ୍କାର ଆବଶ୍ୟକତା ଥିବାରୁ ସେ ଏକ ଲୋନ କରାଇ ଦେବାକୁ ତାଙ୍କୁ ଅନୁରୋଧ କରିଥିଲେ। ଅଜିତ ମହିଳାଙ୍କୁ ଲୋନ୍ ଆବେଦନ ପାଇଁ ତାଙ୍କ ନାମରେ ଥିବା କାଗଜପତ୍ର ଧରି ବ୍ରହ୍ମପୁର ଆସିବାକୁ କହିଥିଲେ। ଅଜିତ୍‌ଙ୍କୁ ଏହା ଆଣି ଦେଖାଇବା ପରେ ଲୋନ୍ ହୋଇପାରିବନି ବୋଲି କହି ପରେ ଦେଢଲକ୍ଷ ଟଙ୍କାର ଲୋନ୍ କରି ମାତ୍ର ୫ ହଜାର ଟଙ୍କା ମହିଳାଙ୍କୁଦେଇଥିଲେ। ପରେ ଅଜିତ ମହିଳାଙ୍କ ଆକାଉଣ୍ଟରେ ୯ଲକ୍ଷ ଟଙ୍କା ଥିବା ଜାଣିବାକୁ ପାଇଥିଲେ। ସେ ତାଙ୍କଠାରୁ ଏହି ଟଙ୍କା ବିଭିନ୍ନ ଆଳରେ ନେଇ ପରେ ଫେରାଇ ନ ଥିଲେ।

## ପଥର ଖାଦନକୁ ଗ୍ରାମବାସୀଙ୍କ ବିରୋଧ

**ବନ୍ଦ ପାଇଁ ଧାରଣାରେ ବସିବାକୁ ବୈଠକରେ ନିଷ୍ପତ୍ତି**

ଛତ୍ରପୁର,୭।୯(ଦିଲ୍ଲୀପ ସାମଲ)

ପଥର ଖାଦାନ ପାଇଁ ପରିବେଶ ନଷ୍ଟ ହେବ। ଆଖପାଖ ଅଞ୍ଚଳର ଲୋକେ, ଚାଷଜମି ଓ ପ୍ରାଣୀ ସମ୍ପଦ ବିପଦରେ ପଡିବ। ତେଣୁ ଉକ୍ତ ଅଞ୍ଚଳରେ ଝରପୋଖରୀ ଗ୍ରାମବାସୀ ଏହି ପଥର ଖାଦନ ବନ୍ଦ କରିବାକୁ ମେଳି ବାନ୍ଧିଲେଣି। ବାରମ୍ବାର ପ୍ରଶାସନକୁ ଅବଗତ କରାଇବା ପରେ କେହି ନ ଶୁଣିବାରୁ ଗ୍ରାମବାସୀ ଏବେ ଆନ୍ଦୋଳନ ପାଇଁ ଏକାଠି ହେଲେଣି। ସେମାନେ ପଥର ଖାଦନ ନିକଟରେ ଧାରଣରେ ବସିବେ ବୋଲି ନିଷ୍ପତି ନେଇଛନ୍ତି। ଛତ୍ରପୁର ବ୍ଲକ ଟିକଲଖଣ୍ଡି ପଞ୍ଚାୟତର ଝରପୋଖରୀ ଗ୍ରାମ ରହିଛି। ଜଣେ ବ୍ୟକ୍ତି ଜଣେ ପଥର ଖାଦାନ ପାଇଁ ଲିଜ ନେଇଛନ୍ତି। ସେ ଅହରହ ପଥର ଫୁଟେଇ ଚାଲିଛନ୍ତି। ଫଳରେ ଅଞ୍ଚଳରେ ଶବ୍ଦ ପ୍ରଦୁଷଣ ହେବା ସହ ଘରର କାନ୍ଥ ଫାଟୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଲିଜ୍‌ଧାରୀଙ୍କ ପାଇଁ ଗ୍ରାମ ରାସ୍ତା ମଧ୍ୟ କ୍ଷତି ହେଉଥିବା ଗ୍ରାମବାସୀ ଅଭିଯୋଗ କରି ତୁରନ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କ ଲିଜ ବାତିଲ କରିବାକୁ ଦାବି କରିଛନ୍ତି। ଗ୍ରାମରେ ଏକ ବୈଠକ କରି ପଥର ଖାଦନକୁ ବିରୋଧ କରିବାକୁ ନିଷ୍ପତ୍ତି ନେଇଛନ୍ତି।

## ଗରମ ତେଲ ପଡିବା ନେଇ ହାତାହାତି : ୩ ଆହତ

ଆସିକା,୭।୯(ସୁରେନ୍ଦ୍ର ନାଥ ସାହୁ): ଆସିକା ସହରର ଅଶୋକ ସିନେମା ଛକରେ ଥିବା ଏକ ଜଳଖିଆ ଦୋକାନରେ ରବିବାର ରାତି ୮ଟାରେ ଦୋକାନ ମାଲିକ ଓ ଗ୍ରାହକଙ୍କ ମଧ୍ୟରେ ହାତାହାତି ହୋଇଛି। ଏଥିରେ ୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଜଳଖିଆ ଦୋକାନ ମାଲିକ ଆସିକା ଏନଏସି ଅନ୍ତର୍ଗତ ଲଛମନପଲ୍ଲୀର ନିହାର ରଞ୍ଜନ ନାହାକ, ଗ୍ରାହକ କାଳିମୁଖୀ ସାହିର ରବି ନାୟକ ଓ ତାଙ୍କର ତିନିବର୍ଷର ଶିଶୁ ପୁତ୍ର। ସେମାନଙ୍କ ଉପରେ ଗରମ ତେଲ ପଡିଯିବାରୁ ଆହତ ହୋଇଥିବା ଜଣାପଡିଛି।

## ବିଜେଡି ଛାଡି ଭାଜପାରେ ଗ୍ରାମବାସୀ

ବୁଗୁଡ଼ା,୭।୯(କାଳିଚରଣ ଦାଶ): ପୋଲସରା ନିର୍ବାଚନ ମଣ୍ଡଳୀ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମୋଟାବାଡି ପଞ୍ଚାୟତର ଡାକରାବାଡି ଗ୍ରାମରେ ରବିବାର ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ହୋଇଛି। ଏଥିରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ କ୍ଷୁଦ୍ର ଓ ଅତି କ୍ଷୁଦ୍ର ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମର ଶୁଶାନ୍ତ ପ୍ରଧାନ, ରଞ୍ଜନ ଜେନା, ଦୀନବନ୍ଧୁ ପ୍ରଧାନ, ଚରଣ ଗୌଡ଼, ରଙ୍କନିଧି ସ୍ୱାଇଁ, ଟୁନା ପ୍ରଧାନ, ଶ୍ରୀଧର ଜେନା, ରିଙ୍କୁ ପ୍ରଧାନ, ନିରଞ୍ଜନ ପ୍ରଧାନ, ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବହୁ ବିଜେଡି କର୍ମୀ ଭାଜପାରେ ଯୋଗ ଦେଇଥିଲେ। ସମସ୍ତଙ୍କୁ ମନ୍ତ୍ରୀ ମଲ୍ଲିକ ପୁଷ୍ପଗୁଚ୍ଛ, ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ବୁଗୁଡ଼ା ବ୍ଲକ ବିଧାୟକ ପ୍ରତିନିଧି ହରିହର ସାହୁ, ଆଇନଜୀବୀ ହରପ୍ରସାଦ ଦାସ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିଏସ୍‌ଏଫ୍ କ୍ୟାମ୍ପ ନିକଟରେ ଦୁର୍ଘଟଣା, ୨ ଯୁବକ ମୃତ

ଫୁଲବାଣୀ, ୭।୯(ରାକେଶ କୁମାର ରାଉତ): କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ୍ ସାଡିଙ୍ଗିଆ ସ୍ଥିତ ବିଏସ୍‌ଏଫ କ୍ୟାମ୍ପ ନିକଟରେ ରବିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏଥିରେ ୨ ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ସାଡିଙ୍ଗିଆ ଗ୍ରାମର ଦାସେବନ କହଁର ଓ ବାଲିଗୁଡା ଥାନା ବାଟାଗୁଡା ପଞ୍ଚାୟତ ପୁସାଙ୍ଗିଆର ଶଶିକାନ୍ତ ପ୍ରଧାନ। ଶଶିକାନ୍ତ ଦୁଇଦିନ ତଳେ ତାଙ୍କ ସ୍ତ୍ରୀ ପିଲା ଛୁଆ ଧରି ଶଶୁର ଘର ସୁମେରବନ୍ଧ ପଞ୍ଚାୟତ ବଜେଡି ଗାଁକୁ ବୁଲିବାକୁ ଯାଇଥିଲେ। ଶନିବାର ସନ୍ଧ୍ୟାରେ ସେ ତାଙ୍କ ୨ ଶଳାଙ୍କ ସହ ବାଇକରେ ସାଡିଙ୍ଗିଆ ବଜାରକୁ ଯାଇ ରାତି ୯ଟାରେ ଫେରୁଥିଲେ। ବିଏସ୍‌ଏଫ କ୍ୟାମ୍ପ ପାଖରେ ବାଇକ ଚାଳକ ଭାରସାମ୍ୟ ହରାଇବାରୁ ଘରକୁ ଚାଲିକି ଯାଉଥିବା ଦାସେବନଙ୍କୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ଦାସେବନଙ୍କ ମୃତ୍ୟୁ ହୋଇଥିଲା। ଶଶିକାନ୍ତଙ୍କ ବାଇକ୍‌ରୁ ରାସ୍ତାରେ ପଡି ମୃତ୍ୟୁ ଘଟିଥିଲା। ୨ଶଳା ଏବେ ଗୁରୁତର ଅବସ୍ଥାରେ ଫୁଲବାଣୀ ମେଡିକାଲରେ ଚିକିତ୍ସାଧିନ ଅଛନ୍ତି। ଶଶିକାନ୍ତ ମୁମ୍ବାଇର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ତାଙ୍କର ୨ଟି ଛୋଟ ଝିଅ ଅଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଫିରିଙ୍ଗିଆ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

## ବାରହା ଆକ୍ରମଣରେ ଯୁବକ ମୃତ

**ଛତ୍ରପୁର, ୭।୯(ସନ୍ତୋଷ ପାଢ଼ୀ/ଦିଲିପ ସାମଲ):** ଗଞ୍ଜାମ ଜିଲା ଛତ୍ରପୁର ଥାନା ଅନ୍ତର୍ଗତ ବଡମାଧପୁର ହନୁମାନସାହିରେ ବାରହା ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବରଙ୍ଗ ଗ୍ରାମର ନିଳମାଧବ ପ୍ରଧାନ(୨୬)। ସେ ଶନିବାର ଅପରାହ୍ନ ୫ଟାରେ ସାହିରେ କୌଣସି କାର୍ଯ୍ୟରେ ଯାଉଥିବା ବେଳେ ହଠାତ୍ ତାଙ୍କୁ ବାରହା ଆକ୍ରମଣ କରିଥିଲେ। ଏଥିରେ ନୀଳମାଧବ ଗୁରୁତର ହୋଇପଡିଥିଲେ। ତାଙ୍କୁ ପରିବାର ଲୋକେ ପ୍ରଥମେ ମୁନିଷିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ମେଡିକାଲ ନେଇଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅଧିକ ଚିକିତ୍ସା ଲାଗି ଭୁବନେଶ୍ୱର ସ୍ଥାନାନ୍ତର ହେଉଥିବା ବେଳେ ଖଲ୍ଲିକୋଟ ଘାଟିଠାରେ ଅବସ୍ଥା ଜଟିଳ ହେବାରୁ ଖଲ୍ଲିକୋଟ ମେଡ଼ିକାଲ ନିଆଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ନୀଳମାଧବଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସରପଞ୍ଚ ପ୍ରତିନିଧି ଶିବ ଶଙ୍କର ସେଠୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଏସ.କିଶୋର ଚନ୍ଦ୍ର ରେଡ୍ଡୀଙ୍କ ସମେତ ଅନ୍ୟମାନେ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି।


**IN THE COURT OF THE CIVIL JUDGE (SENIOR DIVISION) ASKA, GANJAM, ODISHA**
**Civil Suit 154/2015**

State Bank of India, Aska Branch At/PO-Aska, Dist-Ganjam .... Plaintiff
Versus
Balakrushna Dangua and others ..........Defendants

**NOTICE U/O 5 RULE-20 C.P.C.**

1) Sri Balakrushna Dangua, aged about 48 years, S/o Late Harihara Dangua, Occupation-Driver, Block Office, Belaguntha, Permanent resident of Vill/P.O. - A. Karadabadi, Via-Balipadar, Dist.Ganjam..... Defendant No.1

WHEREAS the Plaintiff bank above named, has instituted a suit against you for realization of Rs.79,737/- with P.I.&F.I. In spite of repeated summons in both ways through court process and Postal R.P. with A.D. issued by this Court, you are avoiding in attending Court. You are hereby summoned to appear in this Court in person or by a pleader duly instructed, on the 25th day of Sep 2025 at 10.30 A.M. to answer the claim.

Take notice that in default of your appearance on the day before mentioned, the suit will be heard and determined in your absence.

Given under my hand & seal of the Court, this 5th day of Sep 2025.

Sd./- Civil Judge, Sr. Division, Aska (Gm)

CNR: MHLC01-002532-2021
No. 4138/2025

**OFFICE OF THE LABOUR COURT,**
New Administrative Bldg. Gr. Floor, Govt. Colony, Bandra (East), Mumbai - 400 051, Date : 22/8/2025

**IN THE 10th LABOUR COURT AT MUMBAI BEFORE SMT. J.R.RAUT, JUDGE**
**APPLICATION (ECA) No. 61/A-8/2025**

1. Shri. Rajendra Raghu Samal
2. Mrs. Bini Rajendra Samal

At : Bantha Palli Antei, Banthapalli, Ganjam, Odisha 760 002 ...Applicants
V/s
Aalok Infra Contractor & Developers
At: 1102, Siwah Building, Skylines Oasis, Premier Road, Ghatkopar West, Mumbai 400 086. ... Opponents

**PUBLICATION NOTICE**

Please take notice that, **Late Uma Rajendra Samal** has died on 25/09/2024 due to accident, while working with **Aalok Infra Contractor & Developers** and it is claims that the above applicants are the only legal heirs. The above mentioned applicants have filed an application in this Court to get the amount of compensation **Rs.14,20,325/- (Rs. Fourteen Lakhs Twenty Thousand Three Hundred Twenty Five Only)** deposited by Aalok Infra Contractor & Developer.

Now it is hereby informed that, if any person or persons have any objection with regard to the claim of the applicants regarding compensation amount deposited in this Court, the same be filed on 11/09/2025. Please take note that, the objection received after the above date will not be entertained by this Court.

By Order
Sd./- I/c Secretary
Labour Court, Mumbai

**NOTICE BY JD CONSTRUCTIONS**

It is for information to all concerned that the Partnership Firm M/s **JD CONSTRUCTIONS** bearing Regd. No.-**1820202200202 / 2022** having its principal place of business at –**Office No-104, 1st Floor, Arihant Plaza, Plot No-B-15, PO/PS:- Saheed Nagar, Dist:- Khordha, City: Bhubaneswar, Odisha-751007** has been reconstituted with effect from **14/08/2025** vide reconstitution deed dated **14/08/2025** as follows:

**1. Before Reconstitution, Partners were:**
1) RONAK DUGAR (PAN: ANLPD9105H)
2) SWAYAM PRAKASH JENA (PAN: AJIPJ6037H)

**2. Incoming Partner:**
1) TWO7 ADDRESS MAKERS PRIVATE LIMITED (Represent by it's Director, SWAYAM PRAKASH JENA) (CIN: U41000OD2024PTC047197, PAN: AALCT3640B)

**3. Outgoing Partner:**
1) SWAYAM PRAKASH JENA (PAN: AJIPJ6037H)

**4. After Reconstitution, Partners are:**
1) RONAK DUGAR (PAN: ANLPD9105H)
2) TWO7 ADDRESS MAKERS PRIVATE LIMITED (Represent by it's Director, SWAYAM PRAKASH JENA) (CIN: U41000OD2024PTC047197, PAN: AALCT3640B)

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ.-୪, ଭୁବନେଶ୍ୱର

**Office of the Superintending Engineer, Bhubaneswar (R&B) Division No.IV, Nirman Soudha, Unit-V, Bhubaneswar**

E-mail ID : eernb4bbsr@gmail.com, Tel - (0674) - 2390245

**INVITATIONS FOR BIDS THROUGH e-Procurement**
**No.8275 Date - 30.08.2025**
**Bid Identification No. - C.C. (R&B) - 04**
**No.B-474 e-Procurement Notice No. 16 of 2025-26**

| | | |
|---|---|---|
| 1 | Name of the Work | 1 No. Road Work |
| 2 | Total No. of Works | 1 No. Road Work |
| 3 | Estimated Cost | Rs. 80,88,291.00 (As per Tender Call Notice) |
| 4 | Class of Contractor | B Class (As per Tender Call Notice) |
| 5 | Period of Completion | 1 (One) Calendar Month |
| 6 | Type of Tender | Double Cover System Tender |
| 7 | Date & time of availability of bid document in the portal | Dt.09.09.2025 to Dt.24.09.2025 up to 17.30 hours |
| 8 | Last Date & Time for Receipt of bids in the Portal | Dt.24.09.2025 at 17.30 hours |
| 9 | Opening of Bid through online | Dt.25.09.2025 at 11.30 hours |
| 10 | Name & Adderss of the Officer inviting Bid | Er. Sundara Madhaba Padhi, Additional Chief Engineer, Bhubaneswar (R&B) Division No.IV, Bhubaneswar |

Further details can be seen from the e-procurement portal https://tendersorissa.gov.in.
The Tender Inviting Authority reserves the right to reject / cancel / modify the tender at any time without assigning any reason thereof.
**N.B : Subsequent corrigendum / addendum if required shall be available in the website as indicated above.**

Sd./- Additional Chief Engineer
BBSR (R&B) Division No.IV, BBSR
OIPR-34090/11/0023/2526

GOVERNMENT OF ODISHA
**OFFICE OF THE SUPERINTENDING ENGINEER BOLANGIR (R&B) DIVISION, BOLANGIR**
Mail ID: eepwd.bgr@rediffmail.com, eepwd.bgr@gmail.com, Ph.No.- 06652-232374
BID IDENTIFICATION No.: BGR R&B / 15/ 2025-26
No.B-491 No.5724/ Dtd.26.08.2025

| | | | |
|---|---|---|---|
| 1 | The Superintending Engineer, Bolangir (R&B) Division, Bolangir on behalf of the Governor of Odisha invites percentage rate bid in Single cover system in ONLINE MODE for construction of building work and road work detailed in the table below from eligible contractors. | | |
| 2 | Nature of work | : | Building work and road work |
| 3 | No. of tender | : | 2 Nos. Building work and 6 Nos. Road work |
| 4 | Tender cost | : | Rs.600/-, Rs.4000/- and Rs.6000/- (Tender paper cost) |
| 5 | Class of contractor | : | 'D', 'C' and 'B' class contractor (Registered in CDMS) |
| 6 | Date & time of sale & receipt of bids | : | From Dt.09.09.2025, 11.00 A.M. Dt.15.09.2025 upto 5.00 P.M. |
| 7 | Date of opening bid | : | Dt.16.09.2025 at 11.30 A.M. |
| 8 | The bidders have to participate in ONLINE bidding only. Further details can be seen from the website: http://tendersodisha.gov.in | | |

Sd./- Superintending Engineer, Bolangir (R&B) Division
OIPR-34028/11/0036/2526

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, CUTTACK**
e-mail : serw_ctc@yahoo.com
No.O-644
No. Tender Online RWC-17/2025 Letter No. 2949 Date : 22.08.2025

**e-Procurement NOTICE**

1. **Name of the work** : Construction of Building and Road works.
2. **Class of contractor**
   - c) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
   - d) Estimated cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
   - c) Estimated cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. **Time for Completion** : As specified in the Column-7 of the Annexure.
4. **Detail Projects** : As per Annexure attached
5. **Other Details** :

| Procurement Officer | Bid Identification No. | Availability of Tender on-line for bidding: From | Availability of Tender on-line for bidding: To | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| 1 | 2 | 3 | 4 | 5 | | |
| Chief Construction Engineer, Rural Works Circle, Cuttack | Tender Online RWC-17/25 | 08.09.2025 at 11.30 A.M. | 23.09.2025 up to 05.00 P.M. | 23.09.2025 up to 02.00 P.M. | 24.09.2025 at 11.30 A.M. | Will be intimated later |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Cuttack
OIPR-25097/11/0029/2526

Government of Odisha, "e"-Procurement Notice
**WORKS DEPARTMENT**
**Bid Identification No. CCEKC-09/2025-26**
e-mail : ccekeonjharpwdcircle@gmail.com / sekcpwd_keonjhar@yahoo.com
No.B-445 Letter No. 4213 dt. 22.08.2025

1. No. of the work : 2 number of Building Works and 3 number of Road Works
2. Eastimated cost : Rs.114.43 Lakhs to Rs.765.85 Lakhs
3. Class of contractor : "B", "A" & "Special" Class
4. Period of completion : 03 (Three) Calendar Months to 09 (Nine) Calendar Months
5. Date and Time of availability of bid document in the portal : From 11.00 Hours of 09.09.2025 to 16.00 Hours of 23.09.2025
6. Last date / Time for receipt of bids in the portal : 16.00 Hours of 23.09.2025
7. Date of opening of bid from portal : 11.30 Hours on 24.09.2025
8. Name and address of the officer inviting bid : Chief Construction Engineer, Keonjhar (R&B) Circle, Keonjhar-758001

Further details can be seen from the e-procurement portal "http://tendersodisha.gov.in"

Sd./- Chief Construction Engineer
Keonjhar (R&B) Circle, Keonjhar
OIPR-34033/11/0089/2526

## ସଂକ୍ଷେପରେ

### ୨ ଦିନରେ ୨ ବାଇକ୍ ଚୋରି

ଦାରିଙ୍ଗବାଡ଼ି, ୭।୯ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ୨ଦିନରେ ୨ଟି ବାଇକ ଚୋରି ହୋଇଛି। ଶୁକ୍ରବାର ଉକ୍ତ ଥାନା ସିମନବାଡ଼ି ଅଞ୍ଚଳର ତେଜରାତି ବ୍ୟବସାୟୀ ଏ.ବାଲାଜୀ ପାତ୍ର ନିଜ ବାଇକ ଟିକୁ ଘର ସମ୍ମୁଖରେ ରଖିଥିବା ବେଳେ ରାତିରେ କେହି ଦୁର୍ବୃତ୍ତ ଚୋରି କରିନେଇଥିବା ସେ କହିଛନ୍ତ। ସେହିପରି ଜାଗୃତି ସାହିରେ ରହୁଥିବା ସ୍ୱାସ୍ଥ୍ୟକର୍ମୀ ନର୍ମଦା ମହାରଣା ସ୍ୱାମୀଙ୍କ ବାଇକଟି ଘର ସମ୍ମୁଖରୁ ଚୋରି ହୋଇଥିବା ନେଇ ଦାରିଙ୍ଗବାଡି ଥାନାରେ ଅଭିଯୋଗ କରିଛନ୍ତି। ଦାରିଙ୍ଗବାଡ଼ି ଅଞ୍ଚଳରେ ପୂର୍ବରୁ ମଧ ଏକାଧିକ ବାଇକ ଚୋରି ହୋଇଥିବା ବେଳେ ଏବେ ପର୍ଯ୍ୟନ୍ତ ତାହା ଉଦ୍ଧାର ହୋଇନାହିଁ।

### ନେଟ୍‌ୱର୍କ ସମସ୍ୟା, ବିଭିନ୍ନ କାର୍ଯ୍ୟରେ ବାଧା

ରାମଗିରି,୭।୯(ବୃନ୍ଦାବନ ଗୌଡ଼)

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ରାମଗିରିରେ ନେଟ୍‌ୱର୍କ ସମସ୍ୟା ଲାଗି ରହୁଛି। ଏଠାରେ ବିଏସ୍‌ଏନ୍‌ଏଲ ସହ ଅନ୍ୟ ୨ଟି କମ୍ପାନୀର ଟାୱାର ଥିଲେ ମଧ ନେଟ୍ ୱର୍କ ସମସ୍ୟା ସୁଧୁରିପାରିନି। ଫଳରେ ବିଭିନ୍ନ ଅନ୍‌ଲାଇନ କାର୍ଯ୍ୟ ଠପ୍ ହୋଇପଡୁଛି। ରାମଗିରିରେ ଥିବା ବିଭିନ୍ନ ବ୍ୟାଙ୍କ, ବ୍ୟବସାୟ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ନେଟ୍‌ୱର୍କ ସମସ୍ୟା ହେତୁ କୌଣସି କାର୍ଯ୍ୟ ହୋଇପାରୁନି। ଲୋକେ ବିଭିନ୍ନ କାର୍ଯ୍ୟରେ ଆସି ନିରାଶ ହୋଇ ଫେରୁଛନ୍ତି। ଏହି ସମସ୍ୟା ଯୋଗୁ ବିଭିନ୍ନ ଦରଖାସ୍ତ ଅନ୍‌ଲାଇନରେ ଆବେଦନ କରିବା, ପାଠ ପଢିବା, ବିଭିନ୍ନ ପାଠ୍ୟକ୍ରମ ପାଇଁ ଅନ୍‌ଲାଇନ ପଞ୍ଜୀକରଣ କରିବା, ମୋବାଇଲ ବ୍ୟାଙ୍କିଙ୍ଗ୍ କାରବାରରେ ବାଧା ଉପୁଜୁଛି। ଏଠାରେ ଥିବା ସରକାରୀ ଓ ବେସରକାରୀ କମ୍ପାନୀର ଟାୱାର ଟାୱାର ପ୍ରତିଷ୍ଠା ପରେ ଦାୟିତ୍ୱରେ ଥିବା କର୍ତ୍ତପକ୍ଷମାନେ ଅଞ୍ଚଳବାସୀ ନେଟ୍‌ୱର୍କ ସୁବିଧା ପାଇଲେ କି ନାହିଁ ଦେଖୁନାହାନ୍ତି। ସେମାନଙ୍କ ନିକଟରେ ଅଭିଯୋଗ କଲେ ମଧ ଶୁଣୁନାହାନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

### ଭାଗବତ ଜନ୍ମ ଉତ୍ସବ ପାଳିତ



ପାତ୍ରପୁର,୭।୯(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ୍ ଜରଡ଼ା ପଞ୍ଚାୟତ ଅନ୍ତର୍ଗତ ସୁବର୍ଣ୍ଣପୁର ଭାଗବତ ଟୁଙ୍ଗୀଠାରେ ଭାଦ୍ରବ ପୂର୍ଣ୍ଣିମା ଅବସରରେ ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଛି। ପ୍ରାତଃ ସମୟରେ ମଙ୍ଗଳ ଧନୀ, ପତାକା ସ୍ଥାପନ ପରେ ଗ୍ରାମର ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇଥିଲେ। ମହନ୍ତ ଅନନ୍ତ ଚରଣ ରାମାନୁଜ ଦାସ ପ୍ରଦୀପ ପ୍ରଜ୍ୱଳନ କରି ମହାଦୀପ ଲଗାଇଥିବା ବେଳେ ପୁରୋହିତ ରାମାନୁଜ ଆଚାର୍ଯ୍ୟ ଘୃତ ଯଜ୍ଞ ପରିଚାଳନା କରିଥିଲେ। ପଢ଼ିଆରୀ ବାପୁଜୀ ବିଷୋୟୀ କର୍ତ୍ତା ସାଜିଥିବା ବେଳେ ପୂଜାରୀ ବିଶ୍ୱନାଥ ବାଡତ୍ୟା ଓ ସୁରେସ ବାଡତ୍ୟା ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମର ସଙ୍କୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ଅଧିକାରୀ ପ୍ରଫୁଲ୍ଲ ପାତ୍ର, ଦୁଆରୀ ଅଭିମନ୍ୟୁ ପ୍ରଧାନ ଟହଲ, ମୋହନ ପ୍ରଧାନ, ସୁମନ୍ତ ପ୍ରଧାନ ପରିଚ୍ଛା ଶୁକଦେବ ପ୍ରଧାନ କର୍ମୀ ସନ୍ତୋଷ ପାତ୍ର, ବାବୁଲା ନାୟକଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ୩୭ ଲକ୍ଷ ପେନ୍‌ସନଧାରୀଙ୍କୁ ମାସକୁ ହଜାରେ ଟଙ୍କା

ଭଞ୍ଜନଗର,୭।୯(ବାବୁଲା ପ୍ରଧାନ)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ନିଗମରୁ ଅବସର ନେଇଥିବା କର୍ମଚାରୀଙ୍କ ପ୍ରତି ସରକାର ଅବହେଳା କରୁଛନ୍ତି। ଫଳରେ ଦେଶରେ ୮୨ ଲକ୍ଷ ଇପିଏଫ ପେନସନଧାରୀ ସାମାଜିକ ସୁରକ୍ଷାରୁ ବଞ୍ଚିତ ହୋଇଛନ୍ତି। ଏନେଇ ରବିବାର ଗଞ୍ଜାମ ଜିଲା ଭଞ୍ଜନଗର ବେଲେଶ୍ୱର ପୀଠରେ ହୋଇଥିବା ଅଲ୍ ଓଡ଼ିଶା ଇପିଏଫ ପେନ୍‌ସନର୍ସ ଆସୋସିଏଶନ ପକ୍ଷରୁ ସାଧାରଣ ବୈଠକରେ ଅଭିଯୋଗ ହୋଇଛି । ଦେଶରେ ୮୨ ଲକ୍ଷ ଇପିଏଫ ପେନସନଧାରୀ ଅଛନ୍ତି। ସେଥିମଧ୍ୟରୁ ୩୭ ଲକ୍ଷ ପେନସନଧାରୀଙ୍କୁ ମାସକୁ ହଜାରେ ଟଙ୍କା ଲେଖାଏ ପେନସନ ସରକାର ଦେଉଛନ୍ତି। କେନ୍ଦ୍ର ଓ ରାଜ୍ୟ ଉଭୟ ସରକାର ଆମ ଦାବି ନ ଶୁଣିଲେ ଆଗାମୀ ଦିନରେ ଦାବି ହାସଲ ପାଇଁ ଇପିଏଫ କାର୍ଯ୍ୟାଳୟକୁ ଧସେଇ ପସିବୁ ବୋଲି ଅଲ ଓଡ଼ିଶା ଇପିଏଫ ପେନସନରସ ଆସୋସିଏଶନ ସାଧାରଣ ସମ୍ପାଦକ ତଥା କେନ୍ଦ୍ର ଉପ ସଭାପତି ଭାଗ୍ୟଧର ବ୍ରହ୍ମା କହିଛନ୍ତି ।

ସର୍ବନିମ୍ନ ପେନ୍‌ସନ ୯ ହଜାର ଟଙ୍କା କରିବା, ମହଙ୍ଗା ଭତ୍ତା ପ୍ରଦାନ ଓ ସ୍ୱାସ୍ଥ୍ୟ ବୀମା ପ୍ରଦାନ ସଂଘର ଦାବି ରହିଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ଇପିଏଫ ଆକାଉଣ୍ଟରେ ୬୭ ଲକ୍ଷ କୋଟି ଟଙ୍କା ଗଚ୍ଛିତ ଅଛି। ଏହି ଟଙ୍କାକୁ ଫିକ୍ସଡ ଡିପୋଜିଟ କରି ଯଦି ପେନସନ ପ୍ରଦାନ କରାଯିବ ତେବେ ପେନସନଧାରୀମାନେ ବହୁତ ଟଙ୍କା ପାଇବେ। ମାତ୍ର ସରକାର ତାହା କରାଇ ଦେଉନାହାନ୍ତି ବୋଲି ଆସୋସିଏଶନ ଉପଦେଷ୍ଟା ନଟବର ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି।



ବୈଠକରେ ଉପସ୍ଥିତ ଅତିଥିମାନେ।

- ଦାବି ନ ଶୁଣିଲେ ଇପିଏଫ କାର୍ଯ୍ୟାଳୟରେ ପଶିବୁ
- ୮୨ ଲକ୍ଷ ଇପିଏଫ ପେନସନଧାରୀ ସାମାଜିକ ସୁରକ୍ଷାରୁ ବଞ୍ଚିତ
- ସର୍ବନିମ୍ନ ପେନ୍‌ସନ ୯ ହଜାର ଟଙ୍କା କରିବାକୁ ଦାବି

୧୯୯୫ ପୂର୍ବରୁ ନିଗମ କର୍ମଚାରୀଙ୍କ ପାଇଁ ପେନସନ ବ୍ୟବସ୍ଥା ନ ଥିଲା। ୧୬।୧୧।୧୯୯୫ରେ ତତ୍କାଳୀନ କେନ୍ଦ୍ର ସରକାର ନିଗମ କର୍ମଚାରୀଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା କରିଥିଲେ। କର୍ମଚାରୀଙ୍କ ଦରମାରୁ ଇପିଏଫ ବାବଦକୁ କଟୁଥିବା ଟଙ୍କାକୁ ଆଧାର କରି ପେନ୍‌ସନ ବ୍ୟବସ୍ଥା ହୋଇଥିଲା। ଏହିଭଳି ପେନ୍‌ସନଧାରୀମାନେ ବହୁତ କମ୍ ଟଙ୍କା ପାଉଥିଲେ। ୨୦୧୪ରେ ସର୍ବନିମ୍ନ ପେନ୍‌ସନ ୧ ହଜାର ଟଙ୍କା କରାଯାଇଥିଲା। ୨୦୧୪ ପରଠାରୁ ଆଉ ପେନ୍‌ସନ ଟଙ୍କା ବୃଦ୍ଧି ପାଇନାହିଁ। ଚାକିରି କାଳରେ କର୍ମଚାରୀଙ୍କୁ ବକେୟା ରହିଥିବା ବିଭିନ୍ନ ସୁବିଧା ପ୍ରଦାନ କରିବା, ରାଜ୍ୟରେ ରାଉରକେଲା, ବ୍ରହ୍ମପୁର, ଭୁବନେଶ୍ୱର ଓ କେନ୍ଦୁଝରଠାରେ ଇପିଏଫ୍ କାର୍ଯ୍ୟାଳୟ ରହିଛି। ଅଥଚ ବ୍ରହ୍ମପୁର କାର୍ଯ୍ୟାଳୟ ପକ୍ଷରୁ ଅବସରପ୍ରାପ୍ତ କର୍ମଚାରୀଙ୍କୁ ହଇରାଣ କରାଯାଉଛି । କୋର୍ଟ ନିର୍ଦ୍ଦେଶ ଅନୁସାରେ ସଂଶୋଧିତ ପେନ୍‌ସନ ପ୍ରଦାନ କରାଯାଉନାହିଁ ବୋଲି ବୈଠକରେ ବକ୍ତାମାନେ ଅଭିଯୋଗ କରିଥିଲେ। ରାଜ୍ୟରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଏହିଭଳି କର୍ମଚାରୀ ରହିଛନ୍ତି । ବନ ନିଗମରେ ୨୦୦୬ ରୁ ୨୦୧୦ ମଧ୍ୟରେ ଷଷ୍ଠ ବେତନ କମିଶନର ବର୍ଦ୍ଧିତ ବକେୟା ଟଙ୍କା ଏ ପର୍ଯ୍ୟନ୍ତ ମିଳି ନ ଥିବା ବୈଠକରେ ଆଲୋଚନା ବେଳେ କର୍ମଚାରୀ ପ୍ରକାଶ କରିଥିଲେ। ରାଜ୍ୟ ସଭାପତି ବିଜୟ ଜେନା, ନିଗମ ମହାସଂଘର ରାଜ୍ୟ ସଭାପତି ସରୋଜକାନ୍ତ ମଲ୍ଲିକ, ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଦାସ, ପ୍ରକାଶ ପଟ୍ଟନାୟକ, ଓଡ଼ିଶା ବନ ନିଗମ କର୍ମଚାରୀ ସଂଘ ଉପଦେଷ୍ଟା ଅକ୍ଷୟ ବିଶ୍ୱାଳ, ରାଜ୍ୟ ସଡ଼କ ପରିବହନ ନିଗମର ପ୍ରଶାନ୍ତ ରାଉତ, ମତ୍ସ୍ୟ ଓ ପଶୁପାଳନ ବିକାଶ, ଜୀବନ ବୀମା ନିଗମର କର୍ମକର୍ତ୍ତାମାନେ ବୈଠକର ଆଲୋଚନାରେ ଭାଗ ନେଇଥିଲେ।

# କ୍ଷେତ୍ର ସ୍ତରରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ ସ୍ୱପ୍ନିକା

## ଓଡ଼ିଶା ସ୍ତରର ପ୍ରାନ୍ତସ୍ତରୀୟ ବିଜ୍ଞାନ ମେଳା



ପୁରସ୍କୃତ ହେଉଛନ୍ତି ସ୍ୱପ୍ନିକା।

ଧରାକୋଟ,୭।୯(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଶିକ୍ଷା ବିକାଶ ସମିତି ଓଡ଼ିଶା ପକ୍ଷରୁ କଟକ ଗତିରାଉତପାଟଣା କେଶବ ଧାମ ସରସ୍ୱତୀ ଶିଶୁ ମନ୍ଦିରରେ ଓଡ଼ିଶା ସ୍ତରର ପ୍ରାନ୍ତସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶାର ସବୁ ସରସତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ଆସିକା ସଙ୍କୁଳ ତଥା ଦକ୍ଷିଣ ପୂର୍ବ ସଂଭାଗ ଅନ୍ତର୍ଗତ ମୁଣ୍ଡମରାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ସ୍ୱପ୍ନିକା ପ୍ରିୟଦର୍ଶିନୀ ଅଂଶଗ୍ରହଣ କରି ଜୀବାଷ୍ମ ଇନ୍ଧନ ଉପରେ ଆଧାରିତ ପ୍ରକଳ୍ପ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କୁ ବିଜ୍ଞାନ ଭାରତୀ ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ଅରୁଣ ସାହୁ ପୁରସ୍କୃତ କରିଥିଲେ। ଆସନ୍ତା ଅକ୍ଟୋବର ୬ ଓ ୭ ତାରିଖରେ ପଶ୍ଚିମବଙ୍ଗରେ ହେବାକୁ ଥିବା କ୍ଷେତ୍ର ସ୍ତରର ଜ୍ଞାନବିଜ୍ଞାନ ମେଳାରେ ଓଡ଼ିଶା ପକ୍ଷରୁ ସ୍ୱପ୍ନକା ପ୍ରତିନିଧିତ୍ୱ କରିବେ। ସପ୍ନିକାଙ୍କ ବାପା ଡାକ୍ତର ସଚ୍ଚିଦାନନ୍ଦ ବିଷୋୟୀ ଧରାକୋଟ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରରେ ଚିକିତ୍ସକ ଭାବେ କାର୍ଯ୍ୟରତ ଥିବା ବେଳେ ତାଙ୍କର ମା' ଶୁଭଶ୍ରୀ ବିଷୋୟୀ ଜଣେ ସୁଗୃହିଣୀ। ଏହି ସଫଳତା ପାଇଁ ଶିଶୁ ମନ୍ଦିରର ଛାତ୍ରୀଛାତ୍ର,ଅଭିଭାବକ,ଗୁରୁମା ଗୁରୁଜୀ, ପରିଚାଳନା କମିଟି ପକ୍ଷରୁ ସ୍ୱପ୍ନିକାଙ୍କୁ ପ୍ରଶଂସା କରାଯାଇଛି।

# ସାର ପାଇଁ ଚାଷୀଙ୍କ ଭିଡ଼




ସାରପାଇଁ ଲଣ୍ଡାବାଉଁଶ ପ୍ୟାକସଠାରେ ଚାଷୀ ଲଗାଇଥିବା ଭିଡ।

ଛତ୍ରପୁର,୭।୯ (ଦିଲ୍ଲୀପ ସାମଲ)

ସାର ପାଇଁ ଚାଷୀଙ୍କୁ ନାହିଁ ନ ଥିବା ଅବସ୍ଥା ଭୋଗିବାକୁ ପଡୁଛି। ରବିବାର ସାର ନେବାକୁ ଚାଷୀ ବର୍ଷାରେ ଭିଜି ଭିଜି ପ୍ୟାକସ ତଥା ଯୋଗାଣ କେନ୍ଦ୍ର ସମ୍ମୁଖରେ ଲମ୍ବାଲାଇନ ଲଗାଇଥିବା ଦେଖିବାକୁ ମିଳିଛି। ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଲଣ୍ଡାବାଉଁଶ ପ୍ୟାକସରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ଆବଶ୍ୟକ ଅନୁଯାୟୀ ସାର ବସ୍ତା ନ ଥିବା ବେଳେ ଶତାଧିକ ଚାଷୀ ସାରପାଇଁ ଲାଇନ ଲଗାଇଥିଲେ। ତେବେ ଯାହାରୁ ଫସଲ ପାଇଁ ୭ ବସ୍ତା ସାର ଆବଶ୍ୟକ ତାଙ୍କୁ ୧ବସ୍ତା ମିଳିଛି। ପ୍ୟାକସକୁ ୧୦୦୦ ବସ୍ତା ସାର ଆବଶ୍ୟକ ଥିବା ବେଳେ ମାତ୍ର ୨୨୫ ବସ୍ତା ଆସିଥିବା ଦାୟିତ୍ୱରେ ଥିବା ଜଣେ ଅଧିକାରୀ କହିଛନ୍ତି। ତେବେ ସମବାୟ ଓ କୃଷି ବିଭାଗ ଅଧିକାରୀ ସାର ମହଜୁଦ ଥିବା କହୁଥିଲେ ମଧ ଏହା ଚାଷୀଙ୍କୁ କାହିଁକି ଆବଶ୍ୟକ ମୁତାବକ ମିଳୁନି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।ସାର ବିତରଣ ସୁଗମ କରିବାକୁ ଗୁରୁତ୍ୱ ଦେଉ ନ ଥିବା ବିଭାଗୀୟ ଅଧିକାରୀମାନେ ନିଜ ଉପରୁ ଦୋଷ ଖସାଇବାକୁ କେବେକେବେ ଗୋଦାମ ଏବଂ ବିଭିନ୍ନ ଯୋଗାଣ କେନ୍ଦ୍ର ଉପରେ ଚଢ଼ାଉ କରି ଯାଞ୍ଚ କରି ନୀରବ ରହୁଛନ୍ତି। ଏନେଇ ଋଷିକୁଲ୍ୟା ରୟତ ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ କହିଛନ୍ତି, ସରକାର ସାର ପ୍ରଦାନରେ ସୋସାଇଟିକୁ ଗୁରୁତ୍ୱ ନ ଦେଇ ଘରୋଇ ଡିଲରଙ୍କୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଯାର ଫଳ ସ୍ୱରୂପ ସାର ନ ପାଇ ଚାଷୀ ହନ୍ତସନ୍ତ ହେଉଛନ୍ତି। ଅଧିକ ଦରରେ ସାର କିଣିବାକୁ ବାଧ ହେଉଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଚାଷୀଙ୍କୁ ଅବଶ୍ୟକତା ଅନୁସାରେ ସାର ନ ମିଳିଲେ ନଚେତ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସିପିଆଇ ଜିଲା ସହ ସମ୍ପାଦକ ନୀଳକଣ୍ଠ ଦାଶ କହିଥିବା ବେଳେ ସାର ଭଳି ଚାଷପାଇଁ ଆବଶ୍ୟକ ସାମଗ୍ରୀ ସୁବିଧାରେ ଯୋଗାଇ ଦେବାକ ଚାଷୀ ନେତା ମଥୁରା ଚରଣ ସୁବୁଦ୍ଧି ଦାବି କରିଛନ୍ତି।

**ଜିଲା ପ୍ରଶାସନ ଦୃଷ୍ଟି ନ ଦେଲେ ଆନ୍ଦୋଳନ: ସିପିଆଇ**

### ଶିକ୍ଷା ଶିକ୍ଷକ ସମ୍ପର୍କ କାର୍ଯ୍ୟକ୍ରମ

ପୁରୁଷୋତ୍ତମପୁର,୭।୯(ସିମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍‌ଡି ହାଇସ୍କୁଲର ୧୯୮୪ ମାଟ୍ରିକ ବ୍ୟାଚ ଛାତ୍ରଙ୍କ ପକ୍ଷରୁ ପବିତ୍ର ଭାଗବତ ଜନ୍ମ ଓ ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା ଅବସରରେ ରବିବାର ଶିକ୍ଷାଶିକ୍ଷକ ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହାକୁ ଡା. ମାନସରଞ୍ଜନ ବେହେରା ଏହକା ସଂଯୋଜନା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ବର୍ଷିଆନ ଶିକ୍ଷକ ଏ.ରାଜୁଗୋପାଳ ରାଓ, ସୂର୍ଯ୍ୟ ନାରାୟଣ ରଥ, ହୟଗ୍ରିବ ତ୍ରିପାଠୀ ଓ ଶରତ ଚନ୍ଦ୍ର ଦାଶ ଯୋଗଦେଇ ଗୁରୁ ବିନା କୌଣସି କାର୍ଯ୍ୟ ଅସମ୍ଭବ ବୋଲି କହି କେବଳ ପାଠପଢାରେ ନୁହେଁ ଯିଏ ଯାହାଠାରୁ ଯେଉଁ ଶିକ୍ଷା ହାସଲ କରିଥାଏ ସିଏ ତାଙ୍କର ଗୁରୁ, ମା'ବାପା ହିଁ ଆମର ପ୍ରଥମ ଗୁରୁ ଅଟନ୍ତି ସେମାନଙ୍କୁ ସର୍ବଦା ଭକ୍ତି କରିବାକୁ ପରାମର୍ଶ ଦେଇଥିଲେ। ଏହାସହ ଶିକ୍ଷକମାନେ ପାରିଶ୍ରମିକ ପଛରେ ନପଡି ପିଲାଙ୍କୁ ସ୍ନେହଦେଇ ତାଙ୍କର ଭବିଷ୍ୟତ ପ୍ରତି ଗୁରୁତ୍ୱ ଦେବାକୁ ଆଜିର ଶିକ୍ଷକ ସମାଜକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଛାତ୍ରମାନେ ମଧ ନିଜର ଗୁରୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାକୁ ପ୍ରାକ୍ତନ ଛାତ୍ର ଅନୁପ ପାଢୀ, କିଶୋର ସାହୁ, ରଜନିକାନ୍ତ ଦାଶ, ପ୍ରହଲ୍ଲାଦ ନାୟକ, ନରେନ୍ଦ୍ର ସେନାପତି, ବଳରାମ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଏଚ୍‌ଆଇଭି ସଂକ୍ରମିତଙ୍କୁ ପୋଷଣ ଖାଦ୍ୟ ଆବଶ୍ୟକ




ଫୁଲବାଣୀ, ୭।୯(ରାକେଶ କୁମାର ରାଉତ)

ଏବେ ଚାଲିଛି ରାଷ୍ଟ୍ରୀୟ ପୋଷଣ ସପ୍ତାହ । ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ପକ୍ଷରୁ ମା'ଗୃହ କଟ୍ରିଙ୍ଗିଆ, ବାଲନ୍ଦାପଡା, ଟିକାବାଲି, ଫିରିଙ୍ଗିଆ, ଫୁଲବାଣୀ ବ୍ଲକ୍‌ରେ ସଚେତନତା ସଭା ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଟିକାବାଲି ସମନ୍ୱିତ ଶିଶୁ ବିକାଶ ଅଧିକାରୀ ପାନମଣି ହାଁସଦା ଯୋଗଦେଇ ପୋଷଣ ସପ୍ତାହ ପାଳନର ଗୁରୁତ୍ୱ, ୬ ମାସ ପର୍ଯ୍ୟନ୍ତ କେବଳ ମା କ୍ଷୀର , ୬ ମାସ ପରେ ପରିପୂରକ ଖାଦ୍ୟ ଯାହାକି ଶିଶୁ କୁ ମାନସିକ, ଶାରିରିକ ଓ ବୌଦ୍ଧିକ କ୍ଷେତ୍ର ରେ ଏକସଙ୍ଗ ରେ ବିକାଶ କରିଥାଏ ବୋଲି କହିଥିଲେ । ଅନୁଷ୍ଠାନର ବରିଷ୍ଠ କର୍ମୀ ବିଶ୍ୱରଞ୍ଜନ କର କାର୍ଯ୍ୟକ୍ରମ ଗୁଡିକରେ ଉପସ୍ଥିତ ରହି ଏଚ୍.ଆଇ.ଭି. ସଂକ୍ରମଣ ବିଷୟରେ ଅବଗତ କରାଇବା ସହିତ କିପରି ଜଣେ ସଂକ୍ରମିତ ବ୍ୟକ୍ତି ଙ୍କ ପାଇଁ ପୋଷଣ ଯୁକ୍ତ ଖାଦ୍ୟର ଆବଶ୍ୟକତା ରହିଛି ତାହା ଗୁରୁତ୍ୱ ଦେଇଥିଲେ । ଯାହା ସବୁଜ ପନିପରିବା ସ୍ଥାନୀୟ ଅଂଚଳରେ ମିଳୁଥିବା ପାଚିଲା ଫଳ ଓ ଶ୍ୱେତସାର ଜାତୀୟ ଖାଦ୍ୟ ଖାଇବା ଉପରେ ଗୁରୁତ୍ୱ ଦେଇଥିଲେ । ମା' ଗୃହ ରେ ମଧ୍ୟ ମା' ମାନେ ଅବସ୍ଥାପିତ ସମୟ ରେ ଏ ଦିଗରେ ଅଧିକ ସଚେତନତା କରିବା ଆବଶ୍ୟକତା ଅଛି ବୋଲି ଅନୁଷ୍ଠାନ ର ସଂପାଦକ ହରି ଶଙ୍କର ରାଉତ ମତ ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା ରେ ନିରୁପମା କହଁର, ପୁଷ୍ପିତା ସାହୁ, ରାମେସ୍ୱରୀ ଦିଗାଲ, ଗିତାଂଜଳୀ ମୁଖୀ, ସୁନେମିୟା ଦିଗାଲ, ସ୍ନେହଲତା ପ୍ରଧାନ, ସାମନ୍ତି ଦିଗାଲ, ସସ୍ମିତା ବେହେରା, ଗିତାଞ୍ଜଳୀ କହଁର, ମାଣିକ ବେହେରା, ଶିବାନୀ ଜାନୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହେଯାଗ କରିଥିଲେ।

# ପାରଳା ବନଖଣ୍ଡ ପରିଦର୍ଶନ କଲେ ପିସିସିଏଫ୍

ପାରଳାଖେମୁଣ୍ଡି, ୭।୯(ଗିରିଧାରୀ ପରିଚ୍ଛା)

ଓଡ଼ିଶା ସରକାରଙ୍କ ପ୍ରଧାନ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ (ପିସିସିଏଫ୍) ସୁରେଶ ପନ୍ଥ ପାରଳାଖେମୁଣ୍ଡି ବନଖଣ୍ଡକୁ ଦୁଇଦିନିଆ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ସେ ଏହି ଉପଖଣ୍ଡ ଅଧୀନରେ ଥିବା ବିଭିନ୍ନ ଚାରାରୋପଣ କ୍ଷେତ୍ର ପରିଦର୍ଶନ କରିଛନ୍ତି। କିଛିବର୍ଷ ହେଲା ପାରଳାଖେମୁଣ୍ଡି ବନଖଣ୍ଡ ଅଧୀନରେ ଥିବା ବିଭିନ୍ନ ଲଣ୍ଡା ପାହାଡ଼ରେ ଚାରାରୋପଣ କାର୍ଯ୍ୟ ଜାରି ରହିଛି। ଏହି ଚାରାଗୁଡ଼ିକର ଠିକ୍ ରକ୍ଷଣାବେକ୍ଷଣ କରାଯାଉଛି କି ନାହିଁ ପିସିସିଏଫ୍ ପନ୍ଥ ଅନୁଧ୍ୟାନ କରିଥିଲେ। ଐତିହାସିକ ମହେନ୍ଦ୍ରଗିରି ପର୍ବତ ପରିଦର୍ଶନ କରି ସେଠାରେ ଦୁଇଟି ରୁଦ୍ରାକ୍ଷ ଚାରାରୋପଣ କରି ପନ୍ଥ ଚାରାରୋପଣର ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ କେ. ନାଗରାଜୁ, ସହକାରୀ ବନ ସଂରକ୍ଷକ ଅରୁଣ ସାହୁ, ସାଇନଶ୍ରୀ ଦାସ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।



ବନଖଣ୍ଡ ପରିଦର୍ଶନ କରୁଛନ୍ତି ପିସିସିଏଫ୍ ସୁରେଶ ପନ୍ଥ।

# ସିମନବାଡ଼ି-ବୁଡ଼ାଗୁଡ଼ା ଯାତାୟାତ ବାଧାପ୍ରାପ୍ତ

## ଲଗାଣ ବର୍ଷା, ବଢ଼ିଲା ଗୁମାଡ଼ି ନଦୀ

ଦାରିଙ୍ଗବାଡ଼ି, ୭।୯ (ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ୍ ଅଞ୍ଚଳରେ ଗତ କିଛି ଦିନ ହେଲା ବର୍ଷା ଲାଗିରହିଛି। ଫଳରେ ଉକ୍ତ ବ୍ଲକ୍ ତିଲୋରୀ ପଞ୍ଚାୟତ ଦେଇ ଯାଉଥିବା ଗୁମାଡି ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଡାଇଭର୍ଶନ ଅସ୍ଥାୟୀ ପୋଲ ଉପରେ ପ୍ରାୟ ୨ ଫୁଟ ଉଚ୍ଚତାରେ ନଦୀ ଜଳ ପ୍ରବାହିତ ହେଉଛି। ଫଳରେ ସିମନବାଡ଼ିଠାରୁ ତିଲୋରୀ, ବୁଡ଼ାଗୁଡ଼ା, ବାଲିଗୁଡ଼ା, ପକାରୀ, ଗୁମିକିଆ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଗୁମାଡି ନଦୀ ଉପରେ ଏକ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ବର୍ଷା କାରଣରୁ ଏହା ଅଧପାନ୍ତରିଆ ହୋଇ ରହିଛି। ସ୍ଲାବ୍ କାର୍ଯ୍ୟ ଓ ସଂଯୋଗିକରଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ଫଳରେ ଡାଇଭର୍ଶନ ରାସ୍ତା ଧୋଇହୋଇ ଯାଇଛି। ଅଞ୍ଚଳବାସୀ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛନ୍ତି।



ଡାଇଭର୍ଶନ ଅସ୍ଥାୟୀ ପୋଲ ଉପରେ ପାଣି।

# କାଦୁଅରେ ଭର୍ତ୍ତି ସଭର୍ସ ପଏଣ୍ଟ ରାସ୍ତା

## ଅଧାବାଟରୁ ଫେରୁଛନ୍ତି ପର୍ଯ୍ୟଟକ

ଦାରିଙ୍ଗବାଡ଼ି, ୭।୯ (ଅରୁଣ ସାହୁ)

ଦାରିଙ୍ଗବାଡ଼ିକୁ ବର୍ଷା ଦିନରେ ମଧ ଦୈନିକ ଶହଶହ ପର୍ଯ୍ୟଟକ ବୁଲିବାକୁ ଆସୁଛନ୍ତି। ତେବେ କିଛି ପର୍ଯ୍ୟଟନକ୍ଷେତ୍ରକୁ ଯାତାୟାତ ରାସ୍ତାର ଦୁରବସ୍ଥା ଯୋଗୁ ପର୍ଯ୍ୟଟକମାନେ ଅସୁବିଧାରେ ପଡୁଛନ୍ତି। କିରିକୁଟି ପଞ୍ଚାୟତରେ ଥିବା ଲଭର୍ସ ପଏଣ୍ଟକୁ ପର୍ଯ୍ୟଟକମାନେ ଆସିଥାନ୍ତି। ସେହିଭଳି ପ୍ରମୁଖ ପର୍ଯ୍ୟଟନସ୍ଥଳୀକୁ ଯିବାପାଇଁ ୫୯ ନଂ ଜାତୀୟ ରାଜପଥର ଆଦିବାସୀ ଗ୍ରାମ ଠାରୁ ପ୍ରାୟ ୮ ଶହ ମିଟର ଦୂରରେ ମାଟି ରାସ୍ତା ରହିଛି। ବର୍ଷା ଦିନ ଆସିଲେ ଉକ୍ତ ରାସ୍ତା କାଦୁଅରେ ଭର୍ତ୍ତି ହେଇଯାଉଛି। ଲଭରପଏଣ୍ଟ ସ୍ଥଳରେ ପହଞ୍ଚିବାକୁ ପର୍ଯ୍ୟଟକ ୪ଚକିଆ ଗାଡ଼ିରେ ଭିତରକୁ ଯାଇପାରୁନାହାନ୍ତି। ଫଳରେ ନିରାଶ ହୋଇ ଫେରୁଛନ୍ତି। ଉକ୍ତ ପର୍ଯ୍ୟଟନ କ୍ଷେତ୍ରକୁ ପକ୍କା ରାସ୍ତା କରାଯିବା ପାଇଁ ଦାବି ଉଠୁଛି। କିଛି ପର୍ଯ୍ୟଟକ ଚାଲି ଚାଲି ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ବିଶେଷ କରି ବରିଷ୍ଠ ନାଗରିକ ଓ ଶିଶୁ ପର୍ଯ୍ୟଟକ ବହୁ ହଇରାଣ ହେଉଛନ୍ତି।



# ପ୍ରାଣୀସମ୍ପଦ ରୋଗଗ୍ରସ୍ତ , ଆସୁନାହାନ୍ତି ଏଲ୍‌ଆଇ

ଖଜୁରିପଡ଼ା, ୭।୯( ବିଦୁର ବେହେରା)

କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ଦୁତିପଡ଼ା ଏବଂ ଶୀତଳପାଣି ଗ୍ରାମରେ ଏବେ ଛେଳି, ଗୋରୁ ଗାଈ ରୋଗଗ୍ରସ୍ତ ହୋଇ ପଡିଛନ୍ତି। ଦୂତିପଡ଼ା ଗ୍ରାମର ବିନତି କହଁର ଏବଂ ଶୀତଳପାଣି ଗ୍ରାମର ବଜେନ୍ଦ୍ର କହଁର, ଶଙ୍କର କହଁର, ନବୀନ କହଁର, ନରେନ୍ଦ୍ର କହଁରଙ୍କ ଛେଳିଙ୍କୁ ଚର୍ମ ରୋଗ ଓ ପିପିଆର୍ ରୋଗ ହୋଇଛି। ଦୂତିପଡ଼ାଠାରେ ଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ରର ଚିକିତ୍ସକ ପ୍ରାଣୀଧନ ନିରୀକ୍ଷକ (ଏଲ.ଆଇ)ଙ୍କୁ ଡାକିବାକୁ ଗଲେ ତାଙ୍କର ଦେଖା ମିଳୁ ନ ଥିବା ଗ୍ରାମବାସୀ କହିଛନ୍ତି। ଫଳରେ ବେସରକାରୀ ଚିକିତ୍ସକ ଅଚ୍ୟୁତାନନ୍ଦ ସେଠୀଙ୍କୁ ଡାକି ଗ୍ରାମବାସୀ ସେମାନଙ୍କ ଛେଳି, ଗୋରୁ ଗାଈର ଚିକିତ୍ସା କରାଉଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଦୁତିପଡାରେ କିଏ ପ୍ରାଣୀଧନ ନିରୀକ୍ଷକ ଅଛନ୍ତି, କେଉଁକେଉଁ ଅଞ୍ଚଳରେ ସେ ଗୋରୁ ଗାଈର ଚିକିତ୍ସା କରଛନ୍ତି, କେବେ କେବେ ଅଫିସ ଆସୁଛନ୍ତି ଗ୍ରାମବାସୀ ଜାଣନ୍ତି ନାହିଁ। ଆମ ଅଞ୍ଚଳରେ ଗୋରୁ ଗାଈ, ଛେଳି ମେଣ୍ଢାଙ୍କ ଚିକିତ୍ସା ଅଭାବରୁ ମୃତ୍ୟୁ ଘଟୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ଜଣେ ଭଲ ପ୍ରାଣୀଧନ ନୀରିକ୍ଷକ ଅଞ୍ଚଳକୁ ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ଏନେଇ ଦାୟିତ୍ୱରେ ଥିବା ପ୍ରାଣୀଧନ ନୀରିକ୍ଷକ ମୃତ୍ୟୁଞ୍ଜୟ ସାହାଣୀଙ୍କୁ ପଚାରିବାକୁ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇନାହିଁ। ବିଭିଓ ଦେବାଶିଷ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଗ୍ରାମଗୁଡିକରେ ଆକ୍ରାନ୍ତ ହୋଇଥିବା ଛେଳିଗୁଡିକର ଚିକିତ୍ସା କରାଯିବ। ଏଲ୍‌ଆଇ ନାମରେ ଲିଖିତ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ଜଣେ ବେସରକାରୀ ଚିକିତ୍ସକ ଅଚ୍ୟୁତାନନ୍ଦ ସେଠୀ ଛେଳିକୁ ଇଞ୍ଜେକ୍ସନ ଦେଉଛନ୍ତି ।

# ଜନ୍ମଦିନ ପାଳନ ବେଳେ ଯୁବତୀଙ୍କୁ ଗଣବଳାତ୍କାର

କୋଲକାତା, ୭।୯



ଅଭିଯୁକ୍ତ ଚନ୍ଦନ ମଲ୍ଲିକ ଏବଂ ଦୀପ ବିଶ୍ୱାସ

ପଶ୍ଚିମବଙ୍ଗର ହରିଦେବପୁରରେ ଶୁକ୍ରବାର ଜଣେ ୨୦ ବର୍ଷୀୟା ଯୁବତୀ ନିଜ ଜନ୍ମଦିନ ଉତ୍ସବ ପାଳନ କରୁଥିବାବେଳେ ୨ ଜଣ ପରିଚିତ ବନ୍ଧୁଙ୍କ ଦ୍ୱାରା ଗଣବଳାତ୍କାରର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ଚନ୍ଦନ ମଲ୍ଲିକ ଏବଂ ଦୀପ ବିଶ୍ୱାସ ଫେରାର ହୋଇଯାଇଥିବାବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ଯୁବତୀ ଜଣକ କିଛି ମାସ ପୂର୍ବରୁ ଚନ୍ଦନଙ୍କୁ ଭେଟିଥିଲେ। ଚନ୍ଦନ ନିଜକୁ ଦକ୍ଷିଣ କୋଲକାତା ପୂଜା କମିଟିର ମୁଖ୍ୟ ବୋଲି ପରିଚୟ ଦେବା ସହ ପରେ ଯୁବତୀଙ୍କୁ ଦୀପଙ୍କ ସହ ପରିଚିତ କରାଇଥିଲେ। ଉଭୟେ ଯୁବତୀଙ୍କୁ କମିଟିରେ ସାମିଲ କରାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନେକ ସମୟରେ ୩ ଜଣ ପରସ୍ପର ସହ କଥା ହେଉଥିଲେ। ଶୁକ୍ରବାର ରାତିରେ ଅଭିଯୁକ୍ତମାନେ ଯୁବତୀଙ୍କୁ ରେଗେଣ୍ଟ ପାର୍କ ଅଞ୍ଚଳରେ ଥିବା ଏକ ଫ୍ଲାଟ୍‌କୁ ନେଇ ଏକାଠି ଥିଲେ। ଯୁବତୀ ଜଣକ ସେଠାରୁ ବାହାରିବାକୁ ଉଦ୍ୟମ କଲାବେଳେ ଅଭିଯୁକ୍ତମାନେ ତୋଡ଼କୁ ଲକ୍ କରିଦେଇ ତାଙ୍କୁ ମାଡ଼ ମାରିବା ସହ ବଳାତ୍କାର କରିଥିଲେ। ପରଦିନ ସକାଳେ ଯୁବତୀ କୌଣସି ପ୍ରକାରେ ସେଠାରୁ ଖସି ପଳାଇଆସି ହରିଦେବପୁର ଥାନାରେ ଏତଲା ଦେଇଥିଲେ।

# କାର୍ ଭିତରେ ନାବାଳିକାଙ୍କୁ ବଳାତ୍କାର

ଦାରିଙ୍ଗବାଡ଼ି, ୭।୯ (ଅରୁଣ ସାହୁ)

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଜଣେ ନାବାଳିକା(୧୫)ଙ୍କୁ ବଳାତ୍କାର କରାଯାଇଥିବା ନେଇ ପରିବାର ଲୋକେ ଶନିବାର ଅଭିଯୋଗ କରିଛନ୍ତି। ନାବାଳିକା ଅଗଷ୍ଟ ୩୧ରେ ନିଜ ବଡ଼ ଭଉଣୀଙ୍କ ଘରକୁ ବୁଲିବାକୁ ଯାଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ଭଉଣୀଙ୍କ ଘରଠାରୁ କିଛି ଦୂରରେ ଗଣେଶ ମୂର୍ତ୍ତି ଭସାଣିପାଇଁ ହେଉଥିବା ଶୋଭାଯାତ୍ରା ଦେଖିବାକୁ ନାବାଳିକା ଯାଇଥିଲେ। ଭସାଣି ବେଳେ ସେ ତାଙ୍କ ଡ୍ରେସ୍ ଜ୍ୟାକେଟ୍ ସମ୍ପର୍କୀୟଙ୍କ ଘରେ ରଖିଥିଲେ। ବଣ୍ଟନ ହେଉଥିବା ପ୍ରସାଦ ଖାଇସାରି ସେଠାକୁ ଯାଇ ଜ୍ୟାକେଟ ଧରି ଫେରୁଥିବା ବେଳେ ଜଣେ ଯୁବକ କାରରେ ଆସି ନାବାଳିକାଙ୍କୁ ବଳପୂର୍ବକ ଉଠାଇ ନେଇଥିଲେ। ଦାରିଙ୍ଗବାଡ଼ି ସହର ବାହାରକୁ ନେଇ କାର୍ ଭିତରେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ପରିବାର ଲୋକେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ନାବାଳିକା ସେଠାରୁ ଖସି ଆସିବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ ବୋଲି କହିଛନ୍ତି। ତେବେ ଏ କଥା କାହାକୁ କହିଲେ ଜୀବନରେ ମାରିଦେବାକୁ ସମ୍ପୃକ୍ତ ଯୁବକ ତାଙ୍କୁ ଧମକ ଦେଇଛନ୍ତି। ଏନେଇ ୧୮୨/୨୫ ନଂରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଏହି ଘଟଣା ଦାରିଙ୍ଗବାଡ଼ି ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି। ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିହାରୀ ସାଇବର ଠକଙ୍କୁ ଅପହରଣ କରି ୨୫ ଲକ୍ଷ ମୁଣ୍ଡଜାମିନ

ଭୁବନେଶ୍ୱର,୭।୯ (ସତ୍ୟଜିତ୍ ରାଉତ)

- ଅପହର୍ତ୍ତା ମହିଳାଙ୍କ ସମେତ ୪ ଗିରଫ
- ବିହାରୀ ସାଇବର ଠକ ମଧ ଗିରଫ ହେଲେ

ବିହାର ସାଇବର ଠକଙ୍କୁ ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ଦେଇ କମିଶନ ପାଉଥିଲେ ଭୁବନେଶ୍ୱରର ମହିଳା। ଅଧିକ ଟଙ୍କା ଲୋଭରେ ସମ୍ପୃକ୍ତ ଠକଙ୍କୁ ଡାକି ଅପହରଣ କରିବା ପରେ ମୁଣ୍ଡ ଜାମିନ ରଖି ୨୫ ଲକ୍ଷ ଟଙ୍କା ଦାବି କରିଥିଲେ। ଏନେଇ ଅଭିଯୋଗ ପରେ ଚନ୍ଦକା ଥାନା ପୋଲିସ ଅପହୃତଙ୍କୁ ଉଦ୍ଧାର କରି ଅପହର୍ତ୍ତାମାନଙ୍କୁ ଧରିବା ପରେ ବଡ଼ଧରଣର ଠକେଇ ର୍‍ୟାକେଟ ପଦାକୁ ଆସିଛି। ଅପହର୍ତ୍ତାକାରୀ ମହିଳା ଓ ତାଙ୍କ ପୁଅ, ଝିଅଙ୍କ ସମେତ ୪ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଚନ୍ଦକା ଥାନା ସଂଘର୍ଷ ବିହାରର ଅମିତାରାଣୀ ରାଉତ (୫୦), ତାଙ୍କ ପୁଅ ଚିରଞ୍ଜୀବ ରାଉତ (୨୧), ଝିଅ ଆକାଂକ୍ଷା ରାଉତ (୨୧) ଏବଂ ସହଯୋଗୀ ମୈତ୍ରୀ ବିହାର ଥାନା ବିଡିଏ କଲୋନୀର ଭଗବାନ ସାହୁ (୨୧)। ଅପରପକ୍ଷରେ ଅପହୃତ ବିହାରୀ ସାଇବର ଠକଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ସେ ହେଲେ ବିହାର ନାଳନ୍ଦା ଜିଲ୍ଲା ବିହାର ସରିଫ୍ ଥାନା ଅଞ୍ଚଳର ସମିର କୁମାର ଭୁଭେ (୩୫)। ଏହି ଘଟଣାରେ ଚନ୍ଦକା ଥାନା ପକ୍ଷରୁ ଏକ ମାମଲା (ନଂ.୩୫୬/୨୦୨୫) ରୁଜୁ କରାଯାଇ ସମସ୍ତଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ସେମାନଙ୍କୁ ରବିବାର କୋର୍ଟଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ବିହାରୀ ଠକ ସମିରଙ୍କ ପକ୍ଷରୁ ଅପହରଣ ନେଇ ଅଭିଯୋଗ ପରେ ଥାନା ପକ୍ଷରୁ ମାମଲା (ନଂ.୩୫୫/୨୦୨୫)ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯାଇ ଠକେଇ ନେଟୱର୍କର ଅଧିକ ଖୋଳତାଡ କରାଯିବ ବୋଲି ଡିସିପି ଜଗମୋହନ ମୀନା କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ସମୀରଙ୍କ ସହ ଅମିତାରାଣୀ ଉତ୍ତରପ୍ରଦେଶ ପ୍ରୟାଗରାଜରେ ଭେଟ ହୋଇଥିଲେ। ଏହାପରେ ସମୀର ୪ ମାସ ତଳେ ଓଡ଼ିଶା ଆସି ଅମିତାରାଣୀଙ୍କୁ ନେଇ ଭୁବନେଶ୍ୱରର ଆକ୍ସିସ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା ଓ ସୂର୍ଯ୍ୟୋଦୟ ବ୍ୟାଙ୍କରେ ତାଙ୍କ ନାମରେ ୩ଟି ଆକାଉଣ୍ଟ ଖୋଲିଥିଲେ। ସମୀର ଆକାଉଣ୍ଟଗୁଡ଼ିକର ଚେକବୁକ୍, ବ୍ୟାଙ୍କିଙ୍ଗ୍ ଆଇଡି, ପାସ୍‌ୱାର୍ଡ ଓ ଲିଙ୍କ୍ ସିମକାର୍ଡକୁ ନେଇଯାଇଥିଲେ। ପ୍ରତି ଟ୍ରାଞ୍ଜାକ୍ସନ ପିଛା ୧.୪ କମିଶନରେ ସମୀର ତାଙ୍କୁ ଟଙ୍କା ଦେଉଥିଲେ। ତେବେ ଆକାଉଣ୍ଟଗୁଡିକରେ କୋଟି କୋଟି ଟଙ୍କାର ସାଇବର ଠକେଇ ହୋଇଥିବାରୁ ବିଭିନ୍ନ ତଦନ୍ତ ଏଜେନ୍ସି ଦ୍ୱାରା ଫ୍ରିଜ୍ କରାଯାଇଥିଲା। ଆକ୍ସିସ୍ ବ୍ୟାଙ୍କ ଆକାଉଣ୍ଟରେ ୧.୫ କୋଟି ଟଙ୍କା କାରବାର ହୋଇଥିବା ବେଳେ ୧୫ ଲକ୍ଷ ଫ୍ରିଜ୍ ହୋଇଥିଲା। ସୂର୍ଯ୍ୟୋଦୟ ଆକାଉଣ୍ଟରେ ୩ କୋଟି କାରବାର ହୋଇଥିବା ବେଳେ ୧୦ ଲକ୍ଷ ଫ୍ରିଜ୍ ଏବଂ ବ୍ୟାଙ୍କ ଅଫ ବରୋଦା ଆକାଉଣ୍ଟରେ ୫ କୋଟି ଟ୍ରାଞ୍ଜାକ୍ସନ ହୋଇଥିବା ବେଳେ ୬ ଲକ୍ଷ ଫ୍ରିଜ୍ ହୋଇଥିଲା। ସନ୍ଦେହଜନକ କାରବାର ହେଉଥିବାରୁ ବ୍ୟାଙ୍କଗୁଡ଼ିକରୁ ଅମିତାରାଣୀଙ୍କୁ ଡକାଯାଇ ସତର୍କ କରାଯାଇଥିଲା। ଏହାସତ୍ତ୍ୱେ ସେ ଅଧିକ ଟଙ୍କା ପାଇବା ଲୋଭରେ ପଡିଥିଲେ। ସେ ଆଉ ବ୍ୟାଙ୍କ ଆକାଉଣ୍ଟ ଖୋଲିବେ କହି ସମୀରଙ୍କୁ କଲ୍ କରି ଭୁବନେଶ୍ୱର ଡାକିଥିଲେ। ସମୀର ଶୁକ୍ରବାର ରାତିରେ ଭୁବନେଶ୍ୱରରେ ପହଞ୍ଚି ହୋଟେଲରେ ରହିବା ସହ ପଥରଗାଡିଆରେ ଅଭିଯୁକ୍ତମାନଙ୍କୁ ଭେଟିବାକୁ ଯାଇଥିବାବେଳେ ସେମାନେ ତାଙ୍କୁ ଅଟକ ରଖି ୨୫ ଲକ୍ଷ ଟଙ୍କା ମାଗିଥିଲେ।

# ରେଲୱେ କଲୋନିରେ ଘର ଉପରକୁ ଗୁଳିମାଡ଼

ଝାରସୁଗୁଡ଼ା, ୭।୯ (ଆଶିଷ ରଞ୍ଜନ ଦାଶ)



ଝାରସୁଗୁଡ଼ା ସହରସ୍ଥିତ ରେଲୱେ କଲୋନିରେ ଏକ ଘର ଉପରକୁ ଶନିବାର ରାତିରେ ଗୁଳିମାଡ଼ ହୋଇଛି। ହେଲେ ଏଥିରେ କାହାରି ଜୀବନ ହାନି ଘଟି ନାହିଁ। ରବିବାର ସକାଳେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଘଟଣାସ୍ଥଳରେ ପହଞ୍ଚି ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ଶନିବାର ରାତିରେ ରେଲୱେ କଲୋନିରେ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ଶୋଭାଯାତ୍ରା ଚାଲିଥିଲା। ଏହି ସମୟରେ ଉକ୍ତ କଲୋନିରେ ରହୁଥିବା ସୋହନ ସୁନା, ସୁଶାନ୍ତ ସୁନାଙ୍କ ସହିତ ନିକଟସ୍ଥ ଡବଲିଙ୍ଗ କଲୋନିର କେତେଜଣ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାକୁ କେନ୍ଦ୍ରକରି ରାତି ପ୍ରାୟ ୩ଟାରେ ଡବଲିଙ୍ଗ କଲୋନିର କେତେଜଣ ଯୁବକ ରେଲୱେ କଲୋନିରେ ପହଞ୍ଚି ସୋହନ ଓ ସୁଶାନ୍ତ ରହୁଥିବା ଘରର କବାଟ ବାଡ଼େଇଥିଲେ। ସୋହନଙ୍କ ମା' କବାଟ ଖୋଲିବା ପରେ ଘରେ କେହି ନ ଥିବା ଦେଖିବାକୁ ପାଇଥିଲେ। ପରେ ଦୁର୍ବୃତ୍ତମାନେ ଉତ୍ତ୍ୟକ୍ତ ହୋଇ ତାଙ୍କ ଘର ଉପରକୁ ୮ ରାଉଣ୍ଡ ଗୁଳି ଚାଳନା କରି ଫେରାର ହୋଇଯାଇଛନ୍ତି। ଗୁଳିଗୁଡ଼ିକ ସୋହନଙ୍କ ଘରର କବାଟ ଭେଦକରି ଭିତରେ ଥିବା କୁଲର ଓ କାନ୍ଥରେ ମାଡ଼ ହୋଇଛି। ସକାଳେ ଏସ୍‌ପି ରାଘବେନ୍ଦ୍ର, ଏସ୍‌ଡିପିଓ ଉମାଶଙ୍କର ସିଂ ପହଞ୍ଚି ତଦନ୍ତ କରିଥିଲେ। ଘଟଣା ରେଲୱେ କଲୋନିରେ ଘଟିଥିବାରୁ ଜିଆର୍‌ପି ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି। ଏନେଇ ସୋହନଙ୍କ ବାପା ଦାଶରଥି ସୁନା ଅଭିଯୋଗ କରିବା ପରେ ଜିଆର୍‌ପିରେ ଏକ ମାମଲା ରୁଜୁ ହୋଇଛି।

# ପୁଅ ମାଡ଼ରେ ମା' ମୃତ

ସୁନ୍ଦରଗଡ଼/ ହେମଗିରି, ୭।୯ (ଜୟ ନାରାୟଣ ମେଣ୍ଡୁଲି/ ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଥାନା ଅନ୍ତର୍ଗତ ଡୁଡୁକାସ୍ଥିତ ବନ୍ଧପାଲି ଗ୍ରାମରେ ରବିବାର ସକାଳେ ଘରୋଇ କଳିକୁ କେନ୍ଦ୍ରକରି ପୁଅର ମୁଥମାଡ଼ରେ ମା'ର ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଶୈଳ ଧୁରୁଆ(୬୦)। ଏନେଇ ହେମଗିରି ପୋଲିସ ଥାନାରେ ଏକ ହତ୍ୟା ମାମଲା (ନଂ. ୪୧୬/୨୫) ରୁଜୁ କରି ଅଭିଯୁକ୍ତ ପୁଅ ବଳିନ୍ଦ୍ର ଧୁରୁଆ(୪୨)ଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁସାରେ, ଘରୋଇ କଳହକୁ ନେଇ ଶୈଳ ଏବଂ ପୁଅ ବଳିନ୍ଦ୍ରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ବଳିନ୍ଦ୍ର ମୁଥ ମାରିଥିଲେ। ଶୈଳ ତଳେ ପଡ଼ିଯିବାରୁ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ବଳିନ୍ଦ୍ର ତୁରନ୍ତ ତାଙ୍କୁ ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ସୀମାନ୍ତରେ ପୋଲିସ-ମାଓବାଦୀ ଗୁଳି ବିନିମୟ: ମାଓବାଦୀ ଜୋନାଲ କମାଣ୍ଡର ନିହତ

ରାଉରକେଲା,୭।୯(ସଙ୍ଗୀତା ଜେନା)

ଓଡ଼ିଶା ଓ ଝାଡ଼ଖଣ୍ଡ ସୀମାନ୍ତରେ ମାଓବାଦୀ ଦମନ ଅଭିଯାନ ଜାରି ରହିଛି। ଏହି କ୍ରମରେ ରବିବାର ସକାଳ ୮ଟାରେ ଚାଇଁବାସା ପୋଲିସ ଏବଂ ସିଆର୍‌ପିଏଫ୍ କୋବ୍ରା ବାଟାଲିୟନ୍‌ର ଯବାନମାନେ କୋମ୍ବିଂ ଅପରେଶନ କରୁଥିବା ବେଳେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ମାଓବାଦୀ ଜୋନାଲ କମାଣ୍ଡର ଅମିତ ହାଂସଦାଙ୍କ ମୃତ୍ୟୁ ହୋଇଛି। ଘଟଣାସ୍ଥଳରୁ ଅତ୍ୟାଧୁନିକ ମାରଣାସ୍ତ୍ର ଏସ୍‌ଏଲ୍‌ଆର୍, କାଡ୍ରିଜ୍ ଏବଂ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଜବତ ହୋଇଛି। ପୂର୍ବରୁ ଅମିତଙ୍କ ମୁଣ୍ଡ ଉପରେ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିଲା। ଏ ନେଇ ପଶ୍ଚିମ ସିଂଭୂମ ଚାଇଁବାସା ଏସ୍‌ପି ରାକେଶ ରଞ୍ଜନ ସୂଚନା ଦେଇଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ଓଡ଼ିଶା ସଂଲଗ୍ନ ଝାଡ଼ଖଣ୍ଡର ଗୋଇଲକେରା ଥାନା ଅଧୀନ ପାଞ୍ଚଲାତାବୁରୁ ଜଙ୍ଗଲ ସନ୍ନିକଟ ଆରାହାସ ପଞ୍ଚାୟତର ରେଲାପାରଲ ଗ୍ରାମ ବୁର୍ଜୁଆ ପାହାଡ଼ ନିକଟରେ ରବିବାର ସକାଳ ୮ଟାରେ ସୁରକ୍ଷାବଳ ଓ ମାଓବାଦୀଙ୍କ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଥିଲା।

# ଜମି ବିବାଦରୁ ଫୁଟିଲା ଗୁଳି

ରାସଗୋବିନ୍ଦପୁର (ସତ୍ୟବାଦୀ ପରିଡ଼ା)/ମୋରଡ଼ା (ସ୍ମାରକ ମାଝୀ),୭।୯

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ମାଣିକପୁର ଗ୍ରାମରେ ଜମି ବିବାଦରୁ ଗୁଳି ଫୁଟିଛି। ଶନିବାର ରାତି ୧୦ଟା ୩୦ରେ ଦିଲୀପ କୁମାର ଗିରି(କାଳିଆ)ଙ୍କ ଘର ଉପରକୁ ସେହି ଗ୍ରାମର ବେଣୁଧର ଗିରିଙ୍କ ପୁଅ ଦୀପା ୩ ସହଯୋଗୀଙ୍କ ସହିତ ବାଇକ୍ ଯୋଗେ ଆସି ଗୁଳିମାଡ଼ କରିଥିବା ଅଭିଯୋଗ ହୋଇଛି। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରୁ ପୋଲିସ ଏକ ଅଫୁଟା ଗୁଳି ଓ ଖୋକା ଜବତ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୩୫୦/୨୫) ରୁଜୁ ହୋଇଛି। ଘଟଣାରେ କାହାର କିଛି କ୍ଷତି ହୋଇ ନ ଥିବା ବେଳେ ଦୀପାଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି।

# ୪୬.୫୦ଗ୍ରାମ୍ ବ୍ରାଉନସୁଗାର, ୧.୧୧୪ କିଗ୍ରା ଗଞ୍ଜେଇ ଜବତ

**ମହିଳାଙ୍କ ସମେତ ୪ ବେପାରୀ ଗିରଫ**

ବାଲେଶ୍ୱର, ୭।୯(ବାଞ୍ଛାନିଧି ଦେ)

ନିଶା କାରବାର ରୋକିବା ପାଇଁ ବାଲେଶ୍ୱର ଜିଲା ପୋଲିସ ପକ୍ଷରୁ 'ପ୍ରହାର' ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି। ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶକ୍ରମେ ଶନିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବ୍ରାଉନସୁଗାର ଓ ଗଞ୍ଜେଇ ବେପାର କରୁଥିବା ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୪୬.୫୦ଗ୍ରାମ୍ ଓଜନର ବ୍ରାଉନସୁଗାର ଓ ୧.୧୧୪ କିଲୋଗ୍ରାମ ଗଞ୍ଜେଇ, ନଗଦ ୧୧ହଜାର ୭୬୫ଟଙ୍କା, ୧୨ଟି ଚିଲମ, ୨ଟି ମୋବାଇଲ ଫୋନ୍, ଗୋଟିଏ ବାଇକ୍ ଜବତ ହୋଇଛି। ଜବତ ବ୍ରାଉନସୁଗାର ମୂଲ୍ୟ ୪ଲକ୍ଷ ୬୫ହଜାର ଟଙ୍କା ଓ ଗଞ୍ଜେଇର ମୂଲ୍ୟ ୧୧ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସହଦେବଖୁଣ୍ଟା ଥାନା ଅଧୀନ ଅରଡ଼ବଜାର ମସଜିଦ୍ ଗଳିରୁ ମହିଳା ବେପାରୀ ରଜିନା ବିବିଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୧୬.୫୦ଗ୍ରାମ୍ ବ୍ରାଉନସୁଗାର ଓ ନଗଦ ୯ହଜାର ୫ଶହ ଟଙ୍କା ଜବତ ହୋଇଛି। ଏନେଇ ୨୯୮/୨୫ ନଂ. ମାମଲା ରୁଜୁ ହୋଇଛି। ବସ୍ତା ଥାନା ଅଧୀନ ଉପରତାପଣ୍ଡା ଗ୍ରାମର ବିନୋଦ କୁମାର ବେହେରାଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୩୦ ଗ୍ରାମ୍ ଓଜନର ବ୍ରାଉନସୁଗାର, ଗୋଟିଏ ବାଇକ୍, ଗୋଟିଏ ମୋବାଇଲ୍ ଫୋନ୍ ଜବତ ହୋଇଛି। ଏନେଇ ୩୨୧/୨୫ ନଂ. ମାମଲା ରୁଜୁ ହୋଇଛି। ସଦର ଥାନା ଅଧୀନ ସିନ୍ଦୂରୀ ଗ୍ରାମର ସୁକାନ୍ତ ଦାସଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୫୦୪ଗ୍ରାମ୍ ଓଜନର ଗଞ୍ଜେଇ, ୧୨ଟି ଚିଲମ, ଗୋଟିଏ ମୋବାଇଲ ଫୋନ ଓ ନଗଦ ୧୬୫ଟଙ୍କା ଜବତ କରାଯାଇଛି। ଏନେଇ ୩୫୫/୨୫ ନଂ. ମାମଲା ରୁଜୁ ହୋଇଛି। ସେହିପରି ଚାନ୍ଦିପୁର ଥାନା ମୁଲାନଗର ଅଞ୍ଚଳର ବଳରାମ ବେହେରାଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୬୧୦ଗ୍ରାମ୍ ଗଞ୍ଜେଇ ଓ ନଗଦ ୨୧ଶହ ଟଙ୍କା ଜବତ ହୋଇଛି। ଏନେଇ ୧୨୭/୨୫ ନଂ. ମାମଲା ରୁଜୁ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।


**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE : KEONJHAR** No.O-697

email : se_nerwkjr@rediffmail.com

eProcurement Notice for Road Works under PM-JANMAN Batch-I

Identification No. NCB-16 / RWCKJR / 2025-26

No. 3417 / Date : 01.09.2025

1. Name of the work : **Construction of road works under PM-JANMAN Batch-I in the District of Keonjhar.** 2. No. of work : **02 (Two) Nos.** 3. Estimated cost : As per Annexure in NIT. 4. Class of Contractor (Eligible) : As per Annexure in NIT. 5. Period of Completion : As per Annexure in NIT. 6. Other details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-16 / RWCKJR / 2025-26 | Dt.08.09.25 at 11.00 A.M. | Dt.22.09.25 up to 5.00 P.M. | Dt.20.09.25 up to 5.00 P.M. | Dt.23.09.25 at 11.00 A.M. | Will be intimated later |

• Further details can be seen from the website : www.pmgsytenders.gov.in

Sd./- Chief Construction Engineer R.W. Circle, Keonjhar

OIPR-25177/11/0092/2526



**GOVERNMENT OF ODISHA** No.A-593
**DEPARTMENT OF WATER RESOURCES**
**OFFICE OF THE CHIEF CONSTRUCTION ENGINEER, DEO IRRIGATION PROJECT, KARANJIA**

AT/PO : KARANJIA, DIST. : MAYURBHANJ-757037, Tel : 06796-296144, e-mail : cce.dip.dowr@gmail.com

"e" Procurement Notice

Bid Identification No. : 03/CCEDIP of 2025-26

Name of Work : As per Detailed Tender Call Notice, Total No. of Packages : 01 (One) No. of Individual Work, Estimated cost of Package : 165.16 Lakhs, Period of Completion : 06 (Six) Months, Class of Contractor : "B" & "A" Class Contractor, Other Details : Mentioned in DTCN

| Procurement Officer | Bid Identification No. | Availability of tender on-line for biding | |
|---|---|---|---|
| | | From | To |
| Chief Construction Engineer, Deo Irrigation Project, Karanjia | 03/CCEDIP of 2025-26 | **11.09.2025** at 10.00 A.M. | **26.09.2025** up to 05.30 P.M. |

Further details can be seen from the Govt. website www.tendersodisha.gov.in.
Any addendum/corrigendum/cancellation of tender can also be seen in the said Website.

Sd./- Chief Construction Engineer, Deo Irrigation Project, Karanjia

OIPR-32337/11/0008/2526



See Career Appointment on every Wednesday & Saturday



**ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼**
**OFFICE OF THE MUNICIPAL COUNCIL, TITILAGARH**
(Deptt. of Housing & Urban Development, Govt. of Odisha)
At/PO. PS. : Titilagarh, Dist : Balangir - 767033
e-mail : titilagarhmunicipality@gmail.com

e-tender notice details

BID IDENTIFICATION NO. : TIG-MPL-16-2025

DTCN No.2479/03.09.2025

**No.C-1013** : Bid Documents consisting of work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **https://tendersodisha.gov.in**

1. Name of the Work : Civil Construction works as mentioned in website.
2. No. of works : **5 nos. of Civil Projects**
3. Tender Cost : **As per DTCN**
4. Period of Completion : 30 Days
5. Date & Time of availability of Bid Documents in the Portal : **From 08.09.2025, 12:00 A.M. to 16.09.2025, 5.00 P.M.**
6. Last date & time for receipt of bids in the portal : **On 16.09.2025 at 5.00 P.M.**
7. Last date & time for deposit of Fees & Documents (in sealed envelope) at Office tender box : **On 18.09.2025 at 5.00 P.M.**
8. Bids received online & Offline will be opened on : **On 19.09.2025 at 11.00 A.M.**
9. Name and address of the officer inviting Bid : Executive Officer, Titilagarh Municipality

Further details can be seen from the procurement portal i.e. **https://tendersodisha.gov.in**

Sd./- Executive Officer, Titilagarh, Municipality

OIPR-13095/11/0032/2526



**GOVT. OF ODISHA**
**DEPARTMENT OF WATER RESOURCES**
**O/o THE SUPERINTENDING ENGINEER, PRACHI DIVISION, BHUBANESWAR - 12**
E-mail : prachi.division@yahoo.co.in, eeprachidivision@gmail.com

No. 6452 Dt. 02.09.2025

e-PROCUREMENT NOTICE NO. - SEPRD - 11/2025-26

**No.A-580** : Bid Documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tendersorissa.gov.in complete online process only.

| | | |
|---|---|---|
| 01. | Nature of work | Civil works (Canal / V.R. Bridge / River embankment) |
| 02. | No. of Works | **31 (Thirty One) Nos.** |
| 03. | Bid Identification No. | SEPRD - 11/2025-26 |
| 04. | Estimated Cost (in Rupees) | Rs. 6.00 Lakhs to Rs. 43.00 Lakhs |
| 05. | Earnest Money Deposit | Referred to DTCN |
| 06. | Cost of Tender Paper | Referred to DTCN |
| 07. | Period of Completion | Referred to DTCN |
| 08. | Date & time of availability of bid documents in the Portal | From 08.09.2025 (10.00 A.M.) to 17.09.2025 (5.30 P.M.) |
| 09. | Date and time of Opening of Tender Documents & online bids | 18.09.2025 at 10.30 A.M. |
| 10. | Date of Lottery (In case of situation arises) | 25.09.2025 at 11.30 A.M. |
| 11. | Name and Address of the Officer Inviting Bid | Superintending Engineer, Prachi Division, Bhubaneswar-12, E-mail : prachi.division@yahoo.co.in, eeprachidivision@gmail.com |

Further details (corrigendum, addendum, cancellation) can be seen from the State Govt. Portal www.tendersorissa.gov.in.

Sd./-Superintending Engineer Prachi Division, Bhubaneswar

OIPR-32096/11/0011/2526



No.B-473

GOVT. OF ODISHA

**Government of Odisha "e" Procurement Notice**

Bid Identification No. PWDK - 13/2025-26

No. G2/7989 Dt. 30.08.2025

e-mail : eepwdkeonjhar@yahoo.com

1. No. of the work : 1 No. of Road Work.
2. Estimated cost : **Rs. 68.35 Lakh**
3. Period of completion : **03 (Three)** Calendar Months
4. Date and Time of availability of Bid document in the portal : From 10.00 Hr **08.09.2025** to 17.00 Hr of **23.09.2025**
5. Last date / Time for receipt of bids in the portal : 17.00 Hr of **23.09.2025**
6. Date of opening of Bid from Portal : 10.30 Hr of **24.09.2025**
7. Name and address of the officer inviting Bid : Superintending Engineer, Keonjhar (R&B) Division, Keonjhar

Further details can be seen from the e-procurement portal "**http://tendersodisha.gov.in**".

Sd./- Superintending Engineer, Keonjhar (R&B) Division

OIPR-34004/11/0036/2526



**OFFICE OF THE ROURKELA MUNICIPAL CORPORATION, ROURKELA**

**INVITATION FOR BID**

No. 10645 Dated: 04.09.2025

Bid Identification No. MC/RMC/35/2025

No. C-1021: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Single Cover on online mode. Bid Identification No. MC/RMC/35/2025 for 01 No. Electrical work with value of Rs.31.05 lakh.

1. Bid documents will be available in website **www.tendersorissa.gov.in** from 06.09.2025.
2. Bids must be submitted on "Online" on or before 15.09.2025 by 17.00 hours.
3. Bids shall be opened at 11.00 hours on 16.09.2025 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

Sd./- Municipal Commissioner Rourkela Municipal Corporation

OIPR-13131/11/0165/2526



**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751 007, Tel : 2545586/2545852, email- serifedodisha@gmail.com, website - www.serifedodisha.in

TENDER CALL NOTICE

BID IDENTIFICATION NO:- VI-10(08)/SERIFED/2025-26/1115/ Dt.06.09.2025

**No.CAD-1685** : The MANAGING DIRECTOR (SERIFED), Odisha, Bhubaneswar invites sealed tenders in single cover bids from the registered contractors for 01 no. of work in Khordha District. The bid documents such as DTCN/BOQ etc. can be seen/downloaded from the website : www.sidacodisha.org.in. during the period dt. 10.09.2025 to 5.00 P.M. up to 16.09.2025. Tender shall be received till 5.00 P.M. on 16.09.2025 & shall be opened at 11.30 A.M. on 17.09.2025. Any addendum / corrigendum / cancellation of tender can also be seen in the said website.

OIPR-31005/11/0015/2526 Sd./- MANAGING DIRECTOR



**NOTIFIED AREA COUNCIL, KESINGA**
KALAHANDI (ODISHA), PIN-766012
email : kesinganac@gmail.com

"e" PROCUREMENT NOTICE

Bid Identification No. 2379/NAC(K) Dt.04.09.2025

**No.C-1014** : Bid document consisting of work, estimated cost, cost of tender paper, EMD and time of completion, Class of contractors and set of terms and conditions of contract and other necessary documents can be seen in Govt. website i.e. **www.tendersodisha.gov.in**

| | | |
|---|---|---|
| Name of the work (Tender Id - 2025_ORULB_117678_1) | : | Preparation of Comprehensive Drainage Master Plan and DPR for Storm Water Drainage System of NAC Kesinga in the district of Kalahandi, Odisha |
| Total No. of work | : | 1 (One) |
| Tender Reference No. | : | KSNG-NAC-03/2025-26 |
| Approx. value of work | : | |
| Period of completion | : | As per DTCN |
| Period of availability of tender for online Bidding | : | From 06.09.2025 at 10.00 A.M. to 06.10.2025 up to 05.00 P.M. |
| Date & Time of opening | : | 14.10.2025 at 11.00 A.M. |
| Name and address of the officer inviting Bid | : | Executive officer, NAC Kesinga |

Further details can be seen from the website : **www.tendersodisha.gov.in**

Sd./- Executive officer N.A.C., Kesinga

OIPR-13109/11/0042/2526



**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ଆନନ୍ଦପୁର**
**OFFICE OF THE SUPERINTENDING ENGINEER, M.I. DIVISION, ANANDAPUR**
At/P.O.: Salapada, Dist.: Keonjhar, PIN Code - 758020
E-mail ID: mianandapur@yahoo.co.in, eemidanandapur@gmail.com

e-Procurement Notice

Bid Identification No. 08/MIDA/2025-26

e-mail ID: mianandapur@yahoo.co.in

No. A-579: The Superintending Engineer, Minor Irrigation Division, Anandapur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the Work | : | Construction of New Check Dam under Ghatagaon Block under MATY Scheme |
| No. of works | : | 02 (Two) Nos. only |
| Estimated Cost | : | Varies from 40.87 lakhs to 45.40 lakh (Approximately) |
| Cost of Tender Paper | : | 6000/- (Non-refundable) |
| Period of Completion | : | 06 (Six) Calendar Months |
| Availability of bid documents for sale and receipt through Online | : | From Dt.09.09.2025, 10.00 A.M. to Dt.18.09.2025 upto 5.00 P.M. |
| Last date / time of receipt of bids in the portal | : | 18.09.2025 (5.00 P.M.) |
| Date of Technical bid opening through online | : | On Dt.19.09.2025 at 10.00 A.M. in the Office of the S.E., M.I. Division, Anandapur |
| Mode of payment of Bid Cost | : | Online |
| Digital Signature Certificate of Bidder | : | The bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website: **http:/dowrorissa.gov.in** | | |
| Name & Address of the OIT | : | Superintending Engineer, Minor Irrigation Division, Anandapur, At/P.O./ District: Keonjhar Email ID: **mianandapur@yahoo.co.in** |
| Further details can be seen from the e-Procurement market place **http://tendersorissa.gov.in** | | |

Sd./- Superintending Engineer M.I. Division, Anandapur

OIPR-32108/11/0034/2526



No.KK-216

Skilled in ODISHA

WSC

**World Skill Center**
**Bhubaneswar**
Tower 2010, Block B, Sector A, Mancheswar Industrial Estate, Bhubaneswar, Odisha 751007

**Admission open for One Year Advanced Skill Development Courses for Session Sept. 2025-2026**
**Last Date of Online Application- 20th September 2025**

| Course | Eligibility Criteria | Course Fee |
|---|---|---|
| Precision Engineering (PEG) | 2 years ITI or 3 years Diploma in Engineering Both Male and Female Candidates are eligible Minimum age required 17 years Maximum age is 30 years | **For Odisha Domicile Candidates:** 20,000/- in two equal Installments, Hostel,Mess and other fees as required for study will be borne by WSC |
| Vertical Transportation (VT) | | |
| Air Conditioning & Refrigeration (ACR) | | |
| Mechanical & Electrical Services (MES) | | |
| Electrical Technology (ET) | | |
| Mechatronics (MCE) | | **For Non-Odisha Domicile Candidates:** 50,000/- in two equal Installments, Hostel,Mess and other fees as required for study will be paid extra by the student |
| Beauty & Wellness (B&W) | Diploma or +2 in any Stream/ITI in relevant trade Both Male and Female Candidates are eligible Minimum age required 17 years Maximum age is 35 years | |

For more information, Please contact
Our tollfree number: 1800 266 6002 or +91-6742580079 (all working days)
Email: admissions@worldskillcenter.org or visit our website www.worldskillcenter.org

OIPR-44009/11/0069/2526 Scan to Apply

# ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରତିଷ୍ଠା ଦିବସ ପାଳିତ

ଭଞ୍ଜନଗର,୭।୯(ବାବୁଲା ପ୍ରଧାନ)

ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୨୦ ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଛି। ସେହିପରି ଗଞ୍ଜାମ ଜିଲା ଭଞ୍ଜନଗର ଶାଖାର ମଧ୍ୟ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଭଞ୍ଜନଗର ଶାଖା ପରିଚାଳକ ଏସ. ମୋହିତ ରଞ୍ଜନ ପାତ୍ର ବ୍ୟାଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ କହିବା ସହ ବ୍ୟାଙ୍କ ସର୍ବଦା ତା'ର ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଇଦେବାକୁ ଉଦ୍ୟମ ଜାରି ରଖିଛି ବୋଲି କହିଥିଲେ। ପ୍ରତିଷ୍ଠା ଦିବସ ଅବସରରେ ୧ କୋଟି ୨୦ ଲକ୍ଷ ଟଙ୍କାର ବିଭିନ୍ନ ଋଣ ଗ୍ରାହକଙ୍କୁ ପ୍ରଦାନ କରାଯାଇଥିଲା । ସହ ଶାଖା ପରିଚାଳକ ସୁପ୍ରିୟା ବାଗେ, କର୍ମଚାରୀ ସୁଶାନ୍ତ ନାୟକ, ପ୍ରିୟମ୍ବଦା ଆଚାର୍ଯ୍ୟ, ଶୈଳଜା ପଟ୍ଟନାୟକ, ବସନ୍ତ ଦାସ, ଗୌରହରି ନାଇକ, ଅରୁଣ ଜେନା, ଦୁର୍ଗା ମାଧବ ଆଚାରୀ, ବିନୋଦ ଗୌଡ଼ ଏହି ଅବସରରେ ଉପସ୍ଥିତ ଥିଲେ।



ଉତ୍ସବରେ ଉପସ୍ଥିତ ବ୍ୟାଙ୍କ କର୍ମଚାରୀ।

# ଆଗେଇବ ସ୍ମାର୍ଟ ସିଟି, ମେଟ୍ରୋ ପ୍ରକଳ୍ପ

- ନିର୍ମାଣ ସାମଗ୍ରୀ ଉପରେ ଜିଏସ୍‌ଟି ହାର ହ୍ରାସ
- ଅର୍ଦ୍ଧସହରୀ, ଗ୍ରାମାଞ୍ଚଳରେ ଅଧିକ ନିଯୁକ୍ତି ସମ୍ଭାବନା
- ଏମ୍‌ଏସ୍‌ଏମ୍‌ଇରେ କମିବ ପୁଞ୍ଜି ଆବଶ୍ୟକତା

ଭୁବନେଶ୍ୱର,୭।୯(ଅନୁରାଧା ମହାରଣା)

ପ୍ରମୁଖ ନିର୍ମାଣ ସାମଗ୍ରୀ ଉପରେ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ହାର ହ୍ରାସ ପାଇଛି। ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଓଏଚ୍‌ୟୁଏ) ଏନେଇ କହିଛି ଯେ, ଏହି ପଦକ୍ଷେପ ସରକାରଙ୍କର ସମସ୍ତଙ୍କ ପାଇଁ ଗୃହ ମିଶନ ସହିତ ସମ୍ପୂର୍ଣ୍ଣ ସମନ୍ୱିତ ଏବଂ ସ୍ମାର୍ଟ ସିଟି, ମେଟ୍ରୋ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ସହରାଞ୍ଚଳ ଭିତ୍ତିଭୂମି ବିକାଶ ପଦକ୍ଷେପକୁ ମଧ୍ୟ ସମର୍ଥନ କରିବ। ସିମେଣ୍ଟ ଉପରେ ଜିଏସ୍‌ଟି ୨୮% ରୁ ୧୮% କୁ ହ୍ରାସ କରାଯାଇଛି। ନିର୍ମାଣ କ୍ଷେତ୍ରରେ ସିମେଣ୍ଟ ବାବଦରେ ହେଉଥିବା ଖର୍ଚ୍ଚ ନିର୍ମାଣ ଖର୍ଚ୍ଚର ୧୫-୨୦% ଏବଂ ମୋଟ ପ୍ରକଳ୍ପ ଖର୍ଚ୍ଚର ପ୍ରାୟ ୧୧% ଅଟେ। ଏହି ହ୍ରାସ ଦ୍ୱାରା ସରକାରୀ ଏବଂ ବେସରକାରୀ ପ୍ରକଳ୍ପର ମୂଲ୍ୟ ହ୍ରାସ ପାଇବ, ସରକାରୀ ଖର୍ଚ୍ଚର ଦକ୍ଷତା ବୃଦ୍ଧି ହେବ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ଭଳି ସୁଲଭ ଗୃହ ଯୋଜନାକୁ ପ୍ରୋତ୍ସାହନ ମିଳିବ। ସିମେଣ୍ଟ ଶିଳ୍ପ ଖଣି, ଲଜିଷ୍ଟିକ୍ସ, ଉତ୍ପାଦନ ଏବଂ ବଣ୍ଟନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଅନ୍ୟପଟେ ସିମେଣ୍ଟ-ବଣ୍ଡେଡ ପାର୍ଟିକିଲ ବୋର୍ଡ, ଝୋଟ ପାର୍ଟିକିଲ ବୋର୍ଡ ଏବଂ ଅନ୍ୟାନ୍ୟ ଏପରି ସାମଗ୍ରୀ ଉପରେ ଜିଏସଟି ୧୨% ରୁ ୫%କୁ ହ୍ରାସ କରାଯାଇଛି। ଗୃହ, ପ୍ରିଫାବ ଗଠନ ଏବଂ ଫର୍ନିଚରରେ ବ୍ୟାପକ ଭାବରେ ବ୍ୟବହୃତ, ପାର୍ଟିକିଲ ବୋର୍ଡ କମ୍ ମୂଲ୍ୟର ନିର୍ମାଣ ପାଇଁ ଅତ୍ୟାବଶ୍ୟକ। ଏହା ଗ୍ରାମୀଣ ଏବଂ ସହରାଞ୍ଚଳ ଗୃହ ପ୍ରକଳ୍ପର ଖର୍ଚ୍ଚ ହ୍ରାସ କରିବ ବୋଲି ଆଶା କରାଯାଉଛି। ଅଧିକାଂଶ ଶିଳ୍ପ ଏମ୍‌ଏସ୍‌ଏମ୍‌ଇ ଚାଳିତ ଏବଂ ଟିକସ ହ୍ରାସ ଅର୍ଦ୍ଧ ସହରୀ ତଥା ଗ୍ରାମାଞ୍ଚଳରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସେହିପରି ମାର୍ବଲ ଏବଂ ଗ୍ରାନାଇଟ ବ୍ଲକ ଉପରେ ଜିଏସଟି ୧୨%ରୁ ୫% କୁ ହ୍ରାସ କରାଯାଇଛି। ଏହା ଫ୍ଲୋରିଂ ଏବଂ ଟାଇଲିଂ ଖର୍ଚ୍ଚ ହ୍ରାସ କରିବ। ରାଜସ୍ଥାନ, ଗୁଜରାଟ, କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶରେ ଲକ୍ଷ ଲକ୍ଷ ଶ୍ରମିକଙ୍କୁ ନିଯୁକ୍ତି ଦେଉଥିବା ପ୍ରାକୃତିକ ପଥର କ୍ଷେତ୍ରରେ ଆମଦାନୀ ନିର୍ଭରଶୀଳତା ହ୍ରାସ ଦ୍ୱାରା ଉପକୃତ ହେବାର ଆଶା କରାଯାଉଛି। ବାଲି-ଲାଇମ ଇଟା ଏବଂ ଇଟା ନିର୍ମାଣ ସହିତ ଜଡିତ କାର୍ଯ୍ୟ ଉପରେ ଜିଏସଟି ୧୨%ରୁ ୫% କୁ ହ୍ରାସ କରାଯାଇଛି। ଇଟାଭାଟିଗୁଡ଼ିକ ମୁଖ୍ୟତଃ ଏମ୍‌ଏସ୍‌ଏମ୍‌ଇ ଦ୍ୱାରା ପରିଚାଳିତ ହେଉଥିବାରୁ ଏହା ପୁଞ୍ଜି ଆବଶ୍ୟକତାକୁ ହ୍ରାସ କରିବ। ଗୃହ ନିର୍ମାଣ ବ୍ୟତୀତ ସରକାର କମନ ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ (ସିଇଟିପି) ଦ୍ୱାରା ସେବା ଉପରେ ଜିଏସ୍‌ଟି ୧୨%ରୁ ୫%କୁ ହ୍ରାସ କରିଛନ୍ତି। ଏହା ଶିଳ୍ପ ଏବଂ ପୌରପାଳିକାକୁ କେନ୍ଦ୍ରୀକୃତ ବର୍ଜ୍ୟବସ୍ତୁ ପରିଚାଳନା, ପ୍ରଦୂଷଣ ହ୍ରାସ ଏବଂ ସ୍ଥାୟୀ ସହରାଞ୍ଚଳ ବିକାଶକୁ ପ୍ରୋତ୍ସାହିତ କରି ପ୍ଲାଣ୍ଟ ପରିଚାଳନା, ବର୍ଜ୍ୟବସ୍ତୁ ପୃଥକୀକରଣ ଏବଂ ରକ୍ଷଣାବେକ୍ଷଣରେ 'ସବୁଜ ଚାକିରି' ସୃଷ୍ଟି କରିବ।

**ନିର୍ମାଣ ସାମଗ୍ରୀ ଜିଏସଟି ହ୍ରାସ ମଧ୍ୟବିତ୍ତଙ୍କ ପାଇଁ ଖୁବ୍ ସହାୟକ ହେବ। ଏହା ଆଗାମୀ ଦିନରେ ଦେଶର ଅର୍ଥନୀତି ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପୂର୍ବରୁ ଦେଖାଯାଇଛି କେତେକ ନିର୍ମାଣ ସାମଗ୍ରୀ ବ୍ୟବସାୟୀ ଟିକସ ଫାଙ୍କୁଥିଲେ ସେମାନେ ଟିକସ ଫାଙ୍କିବେନି ବରଂ ସାଧୁତା ଉପାୟରେ ବ୍ୟବସାୟ କରିବେ। ରିଅଲ ଇଷ୍ଟେଟ ଡେଭେଲପରମାନେ ଜିଏସଟି ହାର ହ୍ରାସ ଦ୍ୱାରା ଗୃହ ମୂଲ୍ୟ କିପରି କମୁଛି ତାହା ପ୍ରଚାର କରି ଗ୍ରାହକଙ୍କ ଆସ୍ଥା ବଢ଼ାଇବା ପାଇଁ ସକାରାତ୍ମକ ବିପଣନ ଅଭିଯାନ ଆରମ୍ଭ କରିବା ଦରକାର। ଘର କିଣିବା ସମୟରେ ଗ୍ରାହକମାନେ ମଧ୍ୟ ସତର୍କତା ସହ କିଣିବା ଉଚିତ। ଗୃହ କିଣିବା ପୂର୍ବରୁ ଏହା ରେରା ପଞ୍ଜୀକୃତ କି ନୁହେଁ ଯାଞ୍ଚ କରିବା ଉଚିତ।**



ଅସିତ୍ କୁମାର ମହାପାତ୍ର, ଚେୟାରମ୍ୟାନ, ଓରେରା

# ମୋବାଇଲ ଆପ୍‌ରେ ଆଇଟିଆର୍ ଦାଖଲ

ଭୁବନେଶ୍ୱର,୭।୯(ଅନୁରାଧା ମହାରଣା)

ଆୟକର ରିଟର୍ନ(ଆଇଟିଆର୍) ଦାଖଲ କରିବାର ଅନ୍ତିମ ତାରିଖ ନିକଟତର ହେଉଛି। ସେପ୍ଟେମ୍ବର ୧୫ ସୁଦ୍ଧା ଆଇଟିଆର୍ ଦାଖଲ କରିବାକୁ ହେବ। ଏହି ସମୟରେ ଆୟକର ବିଭାଗ କରଦାତାଙ୍କ ସୁବିଧା ପାଇଁ ଦୁଇଟି ମୋବାଇଲ ଆପ୍ ଜାରି କରିଛି। ଏହା ସାହାଯ୍ୟରେ କରଦାତା ସହଜ ଓ ନିରାପଦରେ ନିଜର ରିଟର୍ନ ଦାଖଲ କରିପାରିବେ। ଏହି ଆପ୍‌ଗୁଡ଼ିକ ହେଉଛି 'ଏଆଇଏସ୍ ଫର୍ ଟ୍ୟାକ୍ସ ପେୟର୍' ଏବଂ 'ଇନକମ୍ ଟ୍ୟାକ୍ସ ଡିପାର୍ଟମେଣ୍ଟ'। ଏହା ଆଣ୍ଡ୍ରଏଡ ଓ ଆଇଓଏସ ପ୍ଲାଟଫର୍ମରେ ଉପଲବ୍ଧ ରହିଛି। ବିଶେଷକରି ବେତନଭୋଗୀ ବ୍ୟକ୍ତି, ପେନ୍‌ସନଭୋଗୀ ଏବଂ ସରଳ ଆୟ ପ୍ରୋଫାଇଲ ଥିବା ସ୍ୱଳ୍ପ କରଦାତାଙ୍କ ପାଇଁ ଏହି ଆପ୍ ଗୁଡ଼ିକୁ ଡିଜାଇନ କରାଯାଇଛି। ରିଟର୍ନ ଦାଖଲ ପାଇଁ କରଦାତା ଏହି ଆପ୍‌ରେ ନିଜର ପ୍ୟାନ, ଆଧାର କିମ୍ବା ରେଜିଷ୍ଟର୍ଡ ବ୍ୟବହାରକାରୀ ଆଇଡି ଓ ପାସୱାର୍ଡ ଦ୍ୱାରା ଲଗ୍‌ଇନ୍ କରିପାରିବେ। ଲଗ୍‌ଇନ୍ ପରେ କରଦାତାଙ୍କୁ ବାର୍ଷିକ ତଥ୍ୟ ରିପୋର୍ଟ (ଏଆଇଏସ୍) ଓ କରଦାତା ତଥ୍ୟ ସାରାଂଶ (ଟିଆଇଏସ) ମିଳିବ। ଏଥିରେ କମ୍ପାନୀ, ବ୍ୟାଙ୍କ, ମ୍ୟୁଚୁଆଲ ଫଣ୍ଡ ଆଦିରୁ ପୂର୍ବରୁ ତଥ୍ୟ ପୂରଣ ହୋଇଥାଏ, ତେଣୁ କରଦାତାଙ୍କୁ ସୂଚନା ପୂରଣ କରିବାକୁ ପଡ଼ିବ ନାହିଁ। ଏହି ଆପ୍ ବେତନ, ପେନସନ, ପୁଞ୍ଜି ଲାଭ କିମ୍ବା ଅନ୍ୟ ଆୟର ଆଧାରରେ ଉପଯୁକ୍ତ ଆଇଟିଆର ଫର୍ମ ବାଛିବାରେ ସାହାଯ୍ୟ କରିଥାଏ।

# ପାର୍ବଣ ଋତୁରେ ସୁନା ଦର ଉପରେ ନଜର

ଭୁବନେଶ୍ୱର,୭।୯(ଅନୁରାଧା ମହାରଣା): ପାର୍ବଣରେ ଗହଣା କିଣିବାକୁ ଭାରତୀୟ ଆଗ୍ରହ ଦେଖାଉଥିବାବେଳେ ସୁନା ଓ ରୁପା ଦର ଉପରେ ନଜର ରହିଛି। ରବିବାର ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୮,୪୯୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୯୯,୪୫୦ ଟଙ୍କା ଛୁଇଁଛି । ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୦୮,୪୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୯୯,୪୫୦ ଟଙ୍କାକୁ ପହଞ୍ଚିଛି । ଅନ୍ୟପଟେ ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୦୮,୪୯୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୯୮ ହଜାର ୬୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୦୮,୬୨୦ ଟଙ୍କା ଓ ୨୨ କ୍ୟାରେଟ ୯୯,୬୦୦ ଟଙ୍କା ରହିଛି । ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୦୯,୧୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୦୦,୦୫୦ ଟଙ୍କା ରହିଛି କୋଲକାତାରେ ୨୪ କ୍ୟାରେଟ ୧, ୦୮,୪୯୦ ଓ ୨୨ କ୍ୟାରେଟ ୯୯, ୪୫୦ ଟଙ୍କା ରହିଛି ।

VIKRAMA SIMHAPURI UNIVERSITY, Andra Pradesh
YOGI VEMANA UNIVERSITY, Andra Pradesh
Equivalent to Utkal & FM University
B.Ed. Regular (2025-27)
₹80,000/- Total Course Fee
Counselling Centre - Odisha
Khan Nagar, Badambadi, Cuttack-12
7749063161
9439857522

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପ୍ରଫୁଲ୍ଲ କୁମାର ରାଉତ
ତିଳପଦା, ଢେଙ୍କାନାଳ
ଆବିର୍ଭାବ-୦୫।୦୯।୧୯୪୩
ତିରୋଧାନ- ୨୯।୦୮।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-ଶୋକସନ୍ତପ୍ତ-
ପ୍ରକାଶ, ପ୍ରବୀଣ, ପ୍ରଶାନ୍ତ, ନମିତା, ଜ୍ୟୋତିର୍ମୟୀ, ଆନନ୍ଦିତା, ରିନା, ଝୁମୁକି,ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୮୯୯

ତୃତୀୟ ଶ୍ରାଦ୍ଧବାର୍ଷିକୀ



୰ନମିତା ମଲିକ
ଭାଟପଡ଼ା, କଣାସ, ପୁରୀ
ଆବିର୍ଭାବ: ୧୦।୦୪।୧୯୭୬
ତିରୋଧାନ: ୦୮।୦୯।୨୦୨୨
ଚାହୁଁ ଚାହୁଁ ୩ ବର୍ଷ ବିତିଗଲାଣି, ଏ ଜୀବନ ଯାତ୍ରାରେ ତୁମ ବିନା ଆମେ ଯେ କେତେ କଷ୍ଟ ପାଉଛୁ, କେତେ ଅସହାୟ ଅନୁଭବ କରୁଛୁ ତାହା ଆମେ ଶବ୍ଦରେ ପ୍ରକାଶ କରିପାରୁନାହୁଁ। ଆମେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ।
ଧ-୧୮୯୮



REAL ESTATE
SALE

Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338. D-1803

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 9692276835, 7077632085. D-1698

ସିନ୍ଧିଆ High School ନିକଟ ଆଙ୍ଗୁଳାରେ Farmhouse, Cultivation, Business ପାଇଁ ଉପଯୁକ୍ତ land ସୁଲଭ ମୂଲ୍ୟରେ ଉପଲବ୍ଧ, ଯାହା ବାଲେଶ୍ୱର Railway Station ଠାରୁ 10 K.M. Direct owner. Contact- 7978551614, 9439049194. D-1873

2047sqft. commercial (NH-57) boundarywall land sale at Pitapalli, Bhubaneswar- 7008634668. D-1877

ଉତ୍ତରା ନିକଟ ଗୁଡ଼ିଆପୋଖରୀ ଛକ ଠାରୁ 1.5KM ଓ 2.5.KM ଦୂରତାରେ 1750sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। 1460/- ଓ 1660/- . 7978551614. D-1872

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, 2BHK/3BHK Flat/ Duplex ଅଛି। 8327785834. D-1781

## LOST

By the virtue of affidavit at Bhubaneswar, No.- 576425 on dated- 04.09.2025 and Delanga P.S. Diary No.-13/25 dtd - 06.09.25. I, Biswaranjan Pani S/o Chandra Sekhar Pani, resident of Deypur, Deypursasan, Delanga, Puri, 752046, lost sale deed document No. - 631/1992 dtd- 08.04.1992, somewhere in between Maunimatha to Delanga while travelling. If anyone find can contact 9583085079. D-1897

# Classified Everyday

0674-2580101, 9692975378

## LEGAL NOTICE

Letter No.- 1481
Dt- 30.07.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪
ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା,
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା,
ଓ.ଏସ.ଏସ.କେଶ ନମ୍ବର **୭୧୯/୨୦୨୨**
(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ଜଗଦୀଶ ପ୍ରଶାଦ ସାମନ୍ତରାୟ .....ବାଦୀ/ଦରଖାସ୍ତକାରୀ
ବନାମ
ତ୍ରାହି ଜଗନ୍ନାଥ କନଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ଼, ମାର୍ଫତ- ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଓ ଅନ୍ୟମାନେ
.....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ ୩.- ସୁକାନ୍ତ କୁମାର ପଟ୍ଟନାୟକ, ପିତା- ସ୍ୱର୍ଗତ ନିମାଇଁଚରଣ ପଟ୍ଟନାୟକ, ଗ୍ରାମ- ଗ୍ରାମଡ଼ିହି, ପୋ- ଗଙ୍ଗପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍- ୭୫୨୦୫୪

ଏତଦ୍ଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜାଲସରେ ଆସନ୍ତା ତା- ୧୩।୧୦।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣିକରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଚନ୍ଦକା, ଥାନା ନଂ ୧୭, ମୌଜା- ଗ୍ରାମଡ଼ିହି
ସାବକ
ଖାତା ନମ୍ବର-୧୨୮, ପ୍ଲଟ୍ ନମ୍ବର- ୨୬୨, କିସମ- ଶାରଦ-୨, ରକବା- ମୋଟ ଏ ୬.୦୨୧ ଡେସିମିଲ ରୁ ଏ ୧.୨୦୪.୨ ଡେସିମିଲ ରୁ ଏ ୦.୩୬୦ ଡେସିମିଲ ରୁ ଏ ୦.୦୯୧.୮୨ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ।
ହାଲ
ଖାତା ନମ୍ବର-୯୬,ପ୍ଲଟ୍ ନମ୍ବର-୬୭୪, କିସମ- ଶାରଦ ଅଣ ଜଳ ସେଚିତ- ୨, ରକବା- ମୋଟ ଏ ୩.୮୪୭ ଡେସିମିଲରୁ ଏ ୦.୦୯୧.୮୨ ଡେସିମିଲ , ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ତା: ୩୦।୦୭।୨୫
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
କୋର୍ଟ ଅଫିସର
ଧ-୧୯୦୦

Letter No.- 1482
Dt- 30.07.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪
ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା,
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା,
ଓ.ଏସ.ଏସ.କେଶ ନମ୍ବର **୭୧୭/୨୦୨୨**
(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ଅସିତ ନନ୍ଦ .....ବାଦୀ/ଦରଖାସ୍ତକାରୀ
ବନାମ
ତ୍ରାହି ଜଗନ୍ନାଥ କନଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ଼, ମାର୍ଫତ- ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଓ ଅନ୍ୟମାନେ
.....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ ୩.- ସୁକାନ୍ତ କୁମାର ପଟ୍ଟନାୟକ, ପିତା- ସ୍ୱର୍ଗତ ନିମାଇଁଚରଣ ପଟ୍ଟନାୟକ, ଗ୍ରାମ- ଗ୍ରାମଡ଼ିହି, ପୋ- ଗଙ୍ଗପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍- ୭୫୨୦୫୪

ଏତଦ୍ଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜାଲସରେ ଆସନ୍ତା ତା- ୧୩।୧୦।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣିକରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଚନ୍ଦକା, ଥାନା ନଂ ୧୭, ମୌଜା- ଗ୍ରାମଡ଼ିହି
ସାବକ
ଖାତା ନମ୍ବର-୧୨୮, ପ୍ଲଟ୍ ନମ୍ବର- ୨୬୨, କିସମ- ଶାରଦ-୨, ରକବା- ମୋଟ ଏ ୬.୦୨୧ ଡେସିମିଲ ରୁ ଏ ୩.୬୧୨ ଡେସିମିଲ ରୁ ଏ ୧.୨୦୦ ଡେସିମିଲ ରୁ , ଏ ୦.୦୬୮.୮୭ ଡେସିମିଲ ,ସ୍ୱତ୍ୱ- ସ୍ଥିତିବାନ।
ହାଲ
ଖାତା ନମ୍ବର-୯୬,ପ୍ଲଟ୍ ନମ୍ବର-୬୭୪, କିସମ- ଶାରଦ ଅଣ ଜଳ ସେଚିତ- ୨, ରକବା- ମୋଟ ଏ ୩.୮୪୭ ଡେସିମିଲରୁ ଏ ୦.୦୬୮.୮୭ ଡେସିମିଲ , ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ତା: ୩୦।୦୭।୨୫
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
କୋର୍ଟ ଅଫିସର
ଧ-୧୯୦୧

Letter No.- 1483
Dt- 30.07.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪
ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା,
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା,
ଓ.ଏସ.ଏସ.କେଶ ନମ୍ବର **୭୧୮/୨୦୨୨**
(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ଅସିତ ନନ୍ଦ .....ବାଦୀ/ଦରଖାସ୍ତକାରୀ
ବନାମ
ତ୍ରାହି ଜଗନ୍ନାଥ କନଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ଼, ମାର୍ଫତ- ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଓ ଅନ୍ୟମାନେ
.....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ ୩.- ସୁକାନ୍ତ କୁମାର ପଟ୍ଟନାୟକ, ପିତା- ସ୍ୱର୍ଗତ ନିମାଇଁଚରଣ ପଟ୍ଟନାୟକ, ଗ୍ରାମ- ଗ୍ରାମଡ଼ିହି, ପୋ- ଗଙ୍ଗପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍- ୭୫୨୦୫୪

ଏତଦ୍ଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜାଲସରେ ଆସନ୍ତା ତା- ୧୩।୧୦।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣିକରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଚନ୍ଦକା, ଥାନା ନଂ ୧୭, ମୌଜା- ଗ୍ରାମଡ଼ିହି
ସାବକ
ଖାତା ନମ୍ବର-୧୨୮, ପ୍ଲଟ୍ ନମ୍ବର- ୨୬୨, କିସମ- ଶାରଦ-୨, ରକବା- ମୋଟ ଏ ୬.୦୨୧ ଡେସିମିଲ ରୁ ଏ ୧.୨୦୪.୨ ଡେସିମିଲ ରୁ ଏ ୦.୩୬୦ ଡେସିମିଲ ରୁ , ଏ ୦.୦୯୧.୮୨ ଡେସିମିଲ ,ସ୍ୱତ୍ୱ- ସ୍ଥିତିବାନ।
ହାଲ
ଖାତା ନମ୍ବର-୯୬,ପ୍ଲଟ୍ ନମ୍ବର-୬୭୪, କିସମ- ଶାରଦ ଅଣ ଜଳ ସେଚିତ- ୨, ରକବା- ମୋଟ ଏ ୩.୮୪୭ ଡେସିମିଲରୁ ଏ ୦.୦୯୧.୮୨ ଡେସିମିଲ , ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ତା: ୩୦।୦୭।୨୫
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
କୋର୍ଟ ଅଫିସର
ଧ-୧୯୦୨

# ଚାଲିବା ଓ ଦୀର୍ଘାୟୁ ଜୀବନ


ଡା. ବସନ୍ତ କୁମାର ଷଡ଼ଙ୍ଗୀ

''ଦୈନିକ ସକାଳେ ଓ ସନ୍ଧ୍ୟାରେ ଚାଲିବା ସହ ଖାଦ୍ୟ ଖାଇବା ପରେ ଚାଲିବା ନେଇ ଭାରତୀୟ ଚିକିତ୍ସା ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି। ଉପରୋକ୍ତ ବିଷୟକୁ ନେଇ ସଦ୍ୟତମ ତଥ୍ୟ ଭାବେ ଆମ ଦେଶର ଆଧୁନିକ ଚିକିତ୍ସା ବିଜ୍ଞାନ ବିଭାଗର ୨୦୦ ଜଣ ସ୍ୱାସ୍ଥ୍ୟ ବିଶେଷଜ୍ଞ ଟିମ୍ ପ୍ରାୟ ୯୫୦୦୦ ଲୋକଙ୍କୁ ନେଇ ପରୀକ୍ଷା ଓ ଗବେଷଣା କରିଥିଲେ। ବହୁ ବର୍ଷ ପୂର୍ବରୁ ଆମ ଭାରତୀୟ ପାରମ୍ପରିକ ମୌଳିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ସ୍ୱାସ୍ଥ୍ୟ ପାଇଁ ଯେଉଁସବୁ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧୀୟ ତଥ୍ୟ ଉଲ୍ଲେଖ ରହିଛି, ବର୍ତ୍ତମାନ ଆଧୁନିକ ଚିକିତ୍ସା ବିଜ୍ଞାନ ବହୁ ପରୀକ୍ଷା ନିରୀକ୍ଷା କରି ଏହା ଠିକ୍ ବୋଲି ପ୍ରମାଣିତ କରିଛି।''



ଆମ ଭାରତୀୟ ଐତିହ୍ୟ ଓ ପରମ୍ପରା ଅତି ମହାନ। ଆମର ପୂର୍ବ ପିଢ଼ିମାନେ ଜୀବନକୁ ସୁସ୍ଥ ସତେଜ ତଥା ନୀରୋଗ ରଖିବା ପାଇଁ ଦୈନନ୍ଦିନ ଜୀବନଶୈଳୀ ଏବଂ ଖାଦ୍ୟପେୟ ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ। ହେଲେ ଆଜିର ଯୁବପିଢ଼ିଙ୍କ ଜୀବନଶୈଳୀ ସମ୍ପୂର୍ଣ୍ଣ ଅଲଗା କହିଲେ ଆଦୌ ଭୁଲ ହେବ ନାହିଁ। ଆମରି ପୂର୍ବଜମାନେ ସକାଳୁ ବ୍ରହ୍ମ ମୁହୂର୍ତ୍ତରୁ ଉଠି ନିତ୍ୟକର୍ମ ସାରି ନିଜର ଭିନ୍ନ ଭିନ୍ନ କର୍ମସ୍ଥଳୀ ହେଉ କିମ୍ବା କ୍ଷେତକୁ ଯାଇ ନିଜର କାମରେ ଲାଗିପଡୁଥିଲେ। କିଛି ଲୋକ ଭୋର ସକାଳୁ ଉଠି କ୍ଷେତକୁ ଚାଲି ଚାଲି ଯାଇ ନିଜର କର୍ମ କରୁଥିଲେ। ଅପରାହ୍ନରେ ମଧ କ୍ଷେତରେ କାମ କରି ସନ୍ଧ୍ୟାରେ ଘରକୁ ଫେରୁଥିଲେ। ଏହାଦ୍ୱାରା ଶାରୀରିକ ପରିଶ୍ରମ ହେଉଥିଲା। ରାତ୍ରରେ ଭଲ ନିଦ ହେବା ହେତୁ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରାୟ ନୀରୋଗ ରହୁଥିଲା। ସେମାନଙ୍କର ଏଭଳି ଜୀବନଶୈଳୀ ପାଇଁ କେତେକେ ଦୀର୍ଘାୟୁ ଜୀବନ କଟାଉଥିଲେ। ସେମାନଙ୍କୁ ଡାଇବେଟିସ୍ ବା ମଧୁମେହ, ଉଚ୍ଚ ରକ୍ତଚାପ, କ୍ୟାନ୍ସର ଭଳି ମାରାତ୍ମକ ରୋଗ ପ୍ରାୟ ପାଖ ମାଡ଼ିପାରୁନଥିଲା। ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ଉଲ୍ଲେଖ ରହିଛି ଯେ ଆମେ ଖାଦ୍ୟ ଖାଇବା ଅଳ୍ପ କିଛି ସମୟ ପରେ ଅତିକମ୍‌ରେ ୧୦୦ପାଦ ଚାଲିବା ଉଚିତ। ଏହାଦ୍ୱାରା ଶରୀରରେ ଜମୁଥିବା ଚର୍ବିର ମାତ୍ରା କେତେକାଂଶରେ କମିଯାଇଥାଏ। ମୋଟାପଣ ହ୍ରାସ ପାଏ। ମଧୁମେହ ଓ ଉଚ୍ଚରକ୍ତଚାପ ସନ୍ତୁଳିତ ରହିଥାଏ।

ଖାଇବା ପ୍ରକ୍ରିୟାକୁ ନେଇ ଆମ ସାମାଜିକ ପ୍ରଥାରେ ଗୋଟିଏ ଢଗ ରହିଛି, 'ଖାଇ ଚାଲିଲେ ବଢ଼ଇ ଆୟୁ, ଖାଇ ବସିଲେ ବଢ଼ଇ ବାୟୁ, ଖାଇ ଶୋଇଲେ ବଢ଼ଇ ପେଟ, ଖାଇ ଖାଇଲେ ଯମର ଭେଟ'। ଅର୍ଥାତ ଆମେ ଖାଦ୍ୟ ଖାଇବାର ଅଳ୍ପ କିଛି ସମୟ ପରେ ପ୍ରାୟତଃ ୧ରୁ ୧୦ମିନିଟ୍ ଠିକ୍ ସମୟ ଠିକ୍ ପ୍ରକାରେ ଚାଲିବା ଆମ ସ୍ୱାସ୍ଥ୍ୟ ପାଇଁ ବହୁତ ହିତକର। ତା'ସହ ଉଚ୍ଚ ରକ୍ତଚାପ, ମଧୁମେହ, ବାହ୍ୟ ଚର୍ମର କୁଞ୍ଚନ ଦୂର ହେବା ସହ କ୍ୟାନ୍ସର ଭଳି ମାରାତ୍ମକ ରୋଗକୁ ପ୍ରତିରୋଧ କରିବା ସାମର୍ଥ୍ୟ ଶରୀରରେ ସୃଷ୍ଟି ହୋଇଥାଏ। ଆମ ସ୍ୱାସ୍ଥ୍ୟର ବହୁତ ସମସ୍ୟାର ସମାଧାନ ହୋଇ ଯାଇଥାଏ। ଆଧୁନିକ ସ୍ୱାସ୍ଥ୍ୟ ବିଜ୍ଞାନ ବହୁ ପରୀକ୍ଷା କରି ଏଥିରେ ସହମତି ପ୍ରକାଶ କରିଛନ୍ତି। ଖାଇବା ପରେ ପରେ ଖଟ କିମ୍ବା ଚୌକିରେ ବସି ରହିବା ଦ୍ୱାରା ଶରୀର ସ୍ଥୂଳତା ଆସିବା ସହ ଖାଦ୍ୟ ଠିକ ଭାବରେ ପରିପକ୍ୱ ହୋଇପାରି ନ ଥାଏ। ଏହାଦ୍ୱାରା ପେଟରେ ଅମ୍ଳ ଓ ବାୟୁ ସୃଷ୍ଟି ହୋଇଥାଏ, ଯାହାଫଳରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ଖାଇବା ପରେ ପରେ ଖଟ କିମ୍ବା ଆରାମ ଚେୟାରରେ ଶୋଇପଡିବା ଦ୍ୱାରା ପେଟରେ ଚର୍ବି ବଢ଼ିବା ସହ, ପେଟ ବାହାରିବା, ଶରୀରରେ ସ୍ଥୂଳତା ଆସିଥାଏ। ଶରୀରରେ ଓଜନ ବୃଦ୍ଧି ହୋଇଥାଏ। ଶରୀରର ଆକୃତି ଅସ୍ୱାଭାବିକ ବୃଦ୍ଧି ହୋଇଥାଏ। ଖାଦ୍ୟ ଖାଇ ଅଳ୍ପ ସମୟ ପରେ ପୁଣି ଖାଦ୍ୟ ଖାଇବା ଦ୍ୱାରା ପେଟରେ ଖାଦ୍ୟ ଠିକ୍ ଭାବେ ଜୀର୍ଣ୍ଣ ହୋଇ ନ ଥାଏ। ଫଳରେ ଖାଇଥିବା ଏହି ଖାଦ୍ୟ ବିଷାକ୍ତ ହୋଇ ଝାଡ଼ାବାନ୍ତି ସମସ୍ୟା ସୃଷ୍ଟି କରିଥାଏ।

ଦୈନିକ ସକାଳେ ଓ ସନ୍ଧ୍ୟାରେ ଚାଲିବା ସହ ଖାଦ୍ୟ ଖାଇବା ପରେ ଚାଲିବା ନେଇ ଭାରତୀୟ ଚିକିତ୍ସା ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି। ଉପରୋକ୍ତ ବିଷୟ ଉପରେ ସଦ୍ୟତମ ତଥ୍ୟ ଭାବେ ଆମ ଦେଶର ଆଧୁନିକ ଚିକିତ୍ସା ବିଜ୍ଞାନ ବିଭାଗର ୨୦୦ ଜଣ ସ୍ୱାସ୍ଥ୍ୟ ବିଶେଷଜ୍ଞ ଟିମ୍ ପକ୍ଷରୁ ପ୍ରାୟ ୯୫୦୦୦ ଲୋକଙ୍କୁ ନେଇ ପରୀକ୍ଷା ଓ ଗବେଷଣା କରିଥିଲେ। ବହୁ ବର୍ଷ ପୂର୍ବରୁ ଆମ ଭାରତୀୟ ପାରମ୍ପରିକ ମୌଳିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ସ୍ୱାସ୍ଥ୍ୟ ପାଇଁ ଯେଉଁସବୁ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧୀୟ ତଥ୍ୟ ଉଲ୍ଲେଖ ରହିଛି, ବର୍ତ୍ତମାନ ଆଧୁନିକ ଚିକିତ୍ସା ବିଜ୍ଞାନ ବହୁ ପରୀକ୍ଷା ନିରୀକ୍ଷା କରି ଏହା ଠିକ୍ ବୋଲି ପ୍ରମାଣିତ କରିଛି। ଏସବୁ ତଥ୍ୟକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନକୁ ପଠାଯାଇଥିଲା। ଉକ୍ତ ସଂଗଠନ ଏଥିରେ ସହମତି ମଧ ପ୍ରକାଶ କରିଛି। ଏହା ଆମ ପାଇଁ ନିଶ୍ଚୟ ଏକ ସୁଖଦ ବାର୍ତ୍ତା।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଖାଦ୍ୟ ଖାଇବାର ଅଳ୍ପ କିଛି ସମୟ ପରେ ୧-୧୦ ମିନିଟ ଚାଲିବା ଦ୍ୱାରା ଶରୀର ସୁସ୍ଥ ରହିଥାଏ। ତା'ସହ ଜୀବନଶୈଳୀ ପରିବର୍ତ୍ତନ ଆସିଥାଏ। ବିଶେଷଭାବରେ ରାତ୍ରଭୋଜନ ପରେ ନିଜର ସକ୍ଷମ ଅନୁଯାୟୀ କିଛି ସମୟ ଚାଲିବା ଦ୍ୱାରା ଆମ ଶରୀରରେ ରକ୍ତ ସର୍କରା ସନ୍ତୁଳିତ ରହିଥାଏ। ପେଟରେ ଚର୍ବି ନ ଜମି ଏହା ଶକ୍ତିରେ ପରିଣତ ହୋଇଥାଏ। ଉଚ୍ଚ ରକ୍ତଚାପକୁ ସନ୍ତୁଳିତ ରଖିବା ସହ କେତେକ ଜଟିଳ ରୋଗକୁ ନିୟନ୍ତ୍ରିତ ରଖିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥାଏ। ସକାଳେ ଓ ରାତ୍ର ବେଳା ଖାଦ୍ୟ ଖାଇବାର ଅଳ୍ପ ସମୟ ପରେ ଯଦି ୧ରୁ ୧୦ ମିନିଟ ଆମେ ଚାଲି ଚାଲି ଆସି ଅଳ୍ପ ସମୟ ବିଶ୍ରାମ ନେବା ଏହାଦ୍ୱାରା ମନ ଖୁସି ରହିବା ସହ ମାନସିକ ଚାପ କେତେକାଂଶରେ କମିଥାଏ। ଚିଡ଼ିଚିଡ଼ା ସ୍ୱଭାବ ହ୍ରାସ ପାଇବା ସହ ଭଲ ନିଦ ହୋଇଥାଏ। ତା' ସହ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ରକ୍ତଚାପ, ମଧୁମେହ, କର୍କଟ ଭଳି ରୋଗ ମଧ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ।

ସଦ୍ୟତମ ଗବେଷଣାରୁ ଜଣାଯାଇଛି ଯେ, ଉପରୋକ୍ତ ତଥ୍ୟ ଆମ ଶରୀର ଉପରେ ଶତପ୍ରତିଶତ ଅନୁକୂଳ ପ୍ରଭାବ ପକାଇଥାଏ। ଯେଉଁମାନେ ଖାଇସାରିବା ପରେ କିଛି ସମୟ ଚାଲିଥାନ୍ତି ତାଙ୍କ ସ୍ୱାସ୍ଥ୍ୟ ଅନେକାଂଶରେ ଫିଟ୍ ରହିବା ସହ ବର୍ଷ ବର୍ଷ ଧରି ଜ୍ୱର ଓ ଥଣ୍ଡା ଭଳି ରୋଗ ହୋଇନଥାଏ। ଆମ ଭାରତୀୟ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ଓ ଆଧୁନିକ ଚିକିତ୍ସା ବିଜ୍ଞାନର ଖାଦ୍ୟ ଖାଇବା ପରେ କିଛି ସମୟ ଚାଲିବା ଦ୍ୱାରା ବହୁ ଜଟିଳ ରୋଗ ନିୟନ୍ତ୍ରିତ ହେଉଥିବା ଗବେଷଣା ତଥ୍ୟରୁ ଜଣାପଡିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏଥିରେ ସହମତି ପ୍ରକାଶ କରିଥିବା ହେତୁ, ସଦ୍ୟତମ ଏହି ସ୍ୱାସ୍ଥ୍ୟ ବାର୍ତ୍ତା ଆମ ମନୁଷ୍ୟ ସମାଜ ପାଇଁ ବହୁ ହିତକର ହୋଇପାରିବ।

ଉପରୋକ୍ତ ସମସ୍ତ ତଥ୍ୟକୁ ଆମେ ଅନୁଶୀଳନ କରି ପ୍ରତିଦିନ ଖାଦ୍ୟ ଖାଇବା ପରେ କିଛି ସମୟ ଚାଲିବା ଆବଶ୍ୟକ। ଏହାଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ବହୁ ଜଟିଳ ରୋଗକୁ ପ୍ରତିରୋଧ କରିବା ସମ୍ଭବ ହୋଇଥାଏ। ତା' ସହ ଆମେ ଅନେକାଂଶରେ ନୀରୋଗ ରହିବା ସହ ଦୀର୍ଘାୟୁ ଭାବେ ବଞ୍ଚି ରହିପାରିବା।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ : ୭୮୯୪୧୧୨୪୮୭

## ପ୍ଲାଷ୍ଟିକ ସାମଗ୍ରୀ ଓ ଜଳ ପ୍ରଦୂଷଣ



ଜଳ ପ୍ରଦୂଷଣର ଅନ୍ୟତମ କାରଣ ହେଉଛି ପ୍ଲାଷ୍ଟିକ ସାମଗ୍ରୀ। ଏଗୁଡ଼ିକୁ ବ୍ୟବହାର କରାଯିବା ପରେ ଯେତେବେଳେ ଫିଙ୍ଗି ଦିଆଯାଉଛି ତାହା ପରିବେଶକୁ ପ୍ରଦୂଷଣ କରୁଛି। ଜଳରେ ମିଶିବା ପରେ ମଧ ନଦୀ, ସମୁଦ୍ର, ହ୍ରଦ ଆଦିର ଜଳ ବିଷାକ୍ତ ହେଉଛି। ଏକ ହିସାବରୁ ଜଣାଯାଏ ଯେ, ପ୍ରତି ବର୍ଷ ପ୍ରାୟ ୮୮ ଲକ୍ଷ ଟନ୍ ପ୍ଲାଷ୍ଟିକ ସାମଗ୍ରୀ ସମୁଦ୍ର ତଟବର୍ତ୍ତୀ ଅଧିବାସୀଙ୍କ ବ୍ୟବହାର ଯୋଗୁ ସମୁଦ୍ରରେ ଆବର୍ଜନା ରୂପେ ମିଶିଥାଏ। ଅର୍ଥାତ ସମୁଦ୍ରରେ ପ୍ରତି ମିନିଟରେ ପ୍ରାୟ ୧ ଟନ୍ ପ୍ଲାଷ୍ଟିକ ଆବର୍ଜନା ମିଶୁଛି, ଯାହା ଏକ ଟ୍ରକ ଭର୍ତ୍ତି ଆବର୍ଜନା ସଙ୍ଗେ ସମାନ। ଏହି ପ୍ଲାଷ୍ଟିକ ଆବର୍ଜନା ସମୟକ୍ରମେ ଭାଙ୍ଗି କ୍ଷୁଦ୍ର କ୍ଷୁଦ୍ର କଣିକାରେ ପରିଣତ ହୁଏ, ଯାହାକୁ 'ମାଇକ୍ରୋପ୍ଲାଷ୍ଟିକ' କହନ୍ତି। ଏହା ଘଟଣାକ୍ରମେ ସାମୁଦ୍ରିକ ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରି ବିଭିନ୍ନ ଜଳଚର ଜୀବ ଯଥା ମାଛ, କଇଁଛ,ଡଲଫିନ୍, ତିମି, ସାମୁଦ୍ରିକ ପକ୍ଷୀଙ୍କ ଶରୀରକୁ ସଂଚାରିତ ହୁଏ। ଏହା ସେମାନଙ୍କ ପାକସ୍ଥଳୀରେ ଭରିଯିବା ହେତୁ ସେମାନଙ୍କ ଖାଦ୍ୟ ଗ୍ରହଣ କ୍ଷମତା ଗୁରୁତର ହ୍ରାସ ପାଇ ପରିଶେଷରେ ସମାନଙ୍କ ମୃତ୍ୟୁ ଘଟେ। ପ୍ଲାଷ୍ଟିକ ଜାତ କିଛି ପଦାର୍ଥ (ଯଥା ମାଛ ଧରିବା ପାଇଁ ସମୁଦ୍ରରେ ବିଛା ଯାଉଥିବା ଜାଲ) ସାମୁଦ୍ରିକ ଜୀବଙ୍କ ଶରୀରରେ ଗୁଡ଼ାଇ ହୋଇଯିବା ଦ୍ୱାରା ସେମାନଙ୍କ ଚଳପ୍ରଚଳ କ୍ଷମତା ଓ ଗତିଶୀଳତା ଯଥେଷ୍ଟ ହ୍ରାସ ପାଇ ପରିଶେଷରେ ସେମାନେ ଶିକାରୀ ଜୀବ ଦ୍ୱାରା ଶିକାର ହୋଇଥାନ୍ତି। ଏକ ହିସାବରୁ ଜଣାଯାଏ ଯେ, ସମୁଦ୍ରରେ ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ପ୍ରତି ବର୍ଷ ପ୍ରାୟ ୧ ଲକ୍ଷ ସାମୁଦ୍ରିକ ପକ୍ଷୀଙ୍କ ମୃତ୍ୟୁ ଘଟୁଛି। ଏକ ଆକଳନରୁ ଜଣାଯାଏ ଯେ, ଏହି ଧାରା ଅବ୍ୟାହତ ରହିଲେ ଆଗାମୀ ୨୦୫୦ ମସିହା ବେଳକୁ ସମୁଦ୍ରରେ ବିସର୍ଜିତ ମୋଟ ପ୍ଲାଷ୍ଟିକର ଓଜନ ସମୁଦାୟ ମାଛଙ୍କ ଓଜନକୁ ମଧ ଟପିଯିବ।

## ଜୀବନଶୈଳୀ ଅସନ୍ତୁଳିତ ରହିଲେ...




ଆଜିକାଲି ନିଜ ଜୀବନଶୈଳୀକୁ ସନ୍ତୁଳିତ ରଖିବା ଏକ ସହଜ କଥା ନୁହେଁ। ଏହାର ପ୍ରଭାବ ଆମ ଶରୀର ଉପରେ ପଡିଥାଏ। ତେଣୁ ଜଣେ ବ୍ୟକ୍ତି ଏ ନେଇ ସଚେତନ ରହିବା ନିହାତି ଦରକାର। ନିକଟରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ ଯଦି ଜଣେ ବ୍ୟକ୍ତିଙ୍କର ଜୀବନଶୈଳୀ ଦୀର୍ଘ ମାସ ଧରି ଅସନ୍ତୁଳିତ ରହିଲା ତେବେ ତାହା ଡାଇବେଟିସ୍ ବା ମଧୁମେହର କାରଣ ସାଜିବାର ଯଥେଷ୍ଟ ଆଶଙ୍କା ରହିଛି। ଅନ୍ୟପକ୍ଷରେ ଡାଇବେଟିସ୍ ଯଦି ଜଟିଳ ଆକାର ଧାରଣ କରେ ଏବଂ ରକ୍ତରେ ସୁଗାର ପରିମାଣ ଅଧିକାଂଶ ସମୟ ଅସନ୍ତୁଳିତ ରହେ, ତେବେ ଏହାର ପ୍ରଭାବ ହାର୍ଟ, କିଡ୍‌ନୀ ଏପରି କି ଦୃଷ୍ଟି ଶକ୍ତି ଉପରେ ପଡ଼ିଥାଏ। ଜୀବନଶୈଳୀକୁ ସନ୍ତୁଳିତ ରଖିବା ଲାଗି ଏକ ରୁଟିନ୍ ପ୍ରସ୍ତୁତ କରନ୍ତୁ। ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ରାତିରେ ଅତିକମ୍‌ରେ ୭-୮ଘଣ୍ଟା ଶୁଅନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଜକୁ ଟେନସନ୍ ଠାରୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ । ପ୍ରତିଦିନ କିଛି ସମୟ ବ୍ୟାୟାମ କରନ୍ତୁ। ଏହାଦ୍ୱାରା ଶରୀର ଅନେକାଂଶରେ ସୁସ୍ଥ ରହେ ଏବଂ ଏହାର ଭଲ ପ୍ରଭାବ ମାନସିକତା ଉପରେ ପଡିଥାଏ।

## ସ୍କିଜୋଫ୍ରେନିୟା: କିଛି କଥା



ସ୍କିଜୋଫ୍ରେନିୟା ରୋଗ ମୁଖ୍ୟତଃ ୧୫-୩୫ ବର୍ଷ ଭିତରେ ଆରମ୍ଭ ହୋଇଥାଏ। ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଏହା ଅଧିକ ଦେଖାଯାଇଥାଏ। ମସ୍ତିଷ୍କରେ ମୁଖ୍ୟତଃ ଡୋପାମିନ ନାମକ ରାସାୟନିକ ପଦାର୍ଥ (ନ୍ୟୁରୋଟ୍ରାନ୍ସମିଟର)ର ମାତ୍ରା ବୃଦ୍ଧି ଯୋଗୁ ଏହି ରୋଗ ହୋଇଥାଏ। ଏହା ଜିନ୍‌ଗତ କାରଣ କିମ୍ବା ପାରିପାର୍ଶ୍ୱିକ ଚାପ କାରଣରୁ ହୋଇପାରେ। ଏହି ରୋଗ ଅନେକାଂଶରେ ବଂଶାନୁଗତିକ ହୋଇଥାଏ। ଅନୁସନ୍ଧାନରୁ ଜଣାପଡିଛି ଯଦି ପରିବାରରେ ମାତାପିତାଙ୍କ ମଧ୍ୟରୁ ଜଣେ କାହାକୁ ସ୍କିଜୋଫ୍ରେନିୟା ହୋଇ ଥାଏ, ତେବେ ତାଙ୍କ ପିଲାଙ୍କୁ ଏହି ରୋଗ ହେବାର ପ୍ରାୟତଃ ୧୦ ପ୍ରତିଶତ ଆଶଙ୍କା ଥାଏ। ଏହି ରୋଗ ଦ୍ୱାରା ବ୍ୟକ୍ତିର ବ୍ୟବହାର, ଭାବନା, ଆବେଗ ଓ କାର୍ଯ୍ୟଦକ୍ଷତା ବିଶେଷ ଭାବରେ ପ୍ରଭାବିତ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ। ଅନ୍ୟମାନଙ୍କ ସହ ମିଳାମିଶା କରେ ନାହିଁ। ନିଜର ଦୈନନ୍ଦିନ କାର୍ଯ୍ୟକୁ ଠିକ୍ ଭାବେ କରିପାରେ ନାହିଁ ଏବଂ ନିଦ କମିଯାଏ। ରୋଗୀ କିଛି କାରଣ ନ ଥାଇ କଥା ଶୁଣାଯାଉଛି ଓ ଶୂନ୍ୟବାଣୀ ହେଉଛି ବୋଲି କହିଥାଏ। କେତେକ ରୋଗୀ ନ ଥିବା ବସ୍ତୁ ବା ବ୍ୟକ୍ତିମାନଙ୍କୁ ଦେଖି ପାରୁଛନ୍ତି ବୋଲି ମଧ କହିଥାନ୍ତି। ରୋଗୀମାନେ ବେଳେ ବେଳେ ଏ ସବୁ ଅନୁଭବ ପ୍ରତି ପ୍ରତିକ୍ରିୟା ପ୍ରକାଶ କରନ୍ତି। ଏହି ପ୍ରତିକ୍ରିୟାରେ ସେମାନେ ନିଜେ ମନେ ମନେ କଥା ହୁଅନ୍ତି। ଛୋଟ ଛୋଟ କଥାରେ ଚିଡ଼ିଚିଡ଼ା ଓ ଉତ୍ତେଜିତ ହୋଇପଡ଼ନ୍ତି। ସେମାନେ ଘରୋଇ ଦାୟିତ୍ୱ ନେବା, କର୍ମ କ୍ଷେତ୍ରରେ କାର୍ଯ୍ୟ ଭାର ନେବା ଓ ବିଭିନ୍ନ ସାମାଜିକ ପରିସ୍ଥିତିରେ ନିଜକୁ ଖାପ ଖୁଆଇ ଚଳାଇବାରେ ଅସମର୍ଥ ହୁଅନ୍ତି। କିଛି ରୋଗୀ ଆତ୍ମହତ୍ୟା କରିବାକୁ ଉଦ୍ୟମ ମଧ କରିଥାନ୍ତି। ସ୍କିଜୋଫ୍ରେନିୟା ଏକ ଜଟିଳ ରୋଗ ହେଲେ ମଧ ଏହାର ଚିକିତ୍ସା ଅତି ସହଜରେ କରିହେବ। ଏଭଳି ସ୍ୱାସ୍ଥ୍ୟ ସମସ୍ୟାର ଲକ୍ଷଣ ଦେଖାଯିବା ମାତ୍ରେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ ନିହାତି ଜରୁରୀ।

## ସ୍ମରଣ ଶକ୍ତି ବୃଦ୍ଧି ଅନ୍ତରାଳେ...



ସ୍ମରଣ ଶକ୍ତିକୁ ବୃଦ୍ଧି କରିବାକୁ ଚାହୁଁଛନ୍ତି କି? ଯଦି ହଁ, ତେବେ ଏହାର କେତୋଟି ସରଳ ତଥା ସହଜ ଉପାୟ ହାତ ପାଆନ୍ତାରେ ରହିଛି। ପ୍ରଥମ କଥା ହେଲା ସକାରାତ୍ମକ ମାନସିକତା। ଏହଦ୍ୱାରା ଜଣେ ନିଜ ସ୍ମରଣ ଶକ୍ତିକୁ ପୂର୍ବାପେକ୍ଷା ବୃଦ୍ଧି କରିପାରିବ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ଦେଇଛନ୍ତି। ତା'ସହ ସଙ୍ଗୀତ ମାଧ୍ୟମରେ ଜଣେ ନିଜର ସ୍ମରଣ ଶକ୍ତି ବଢ଼ାଇପାରେ। ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ, ଜଦି ଜଣେ ନିଜର ମନ ପସନ୍ଦର ଗୀତକୁ ଶୁଣନ୍ତି ତେବେ ଏହା ତାଙ୍କର ସ୍ମରଣ ଶକ୍ତି ବୃଦ୍ଧି କରିବାରେ କେତେକାଂଶରେ ସହାୟକ ହୋଇଥାଏ। ନିଜର ପ୍ରିୟ ଗୀତକୁ ବାରମ୍ବାର ଶୁଣିବା ଦ୍ୱାରା ଆମ ସ୍ନାୟୁ କୋଷଗୁଡ଼ିକୁ ପୂର୍ବାପେକ୍ଷା ସକ୍ରିୟ ରହିଥାଆନ୍ତି। ତା'ସହ ଏହାଦ୍ୱାରା ମସ୍ତିଷ୍କର କାର୍ଯ୍ୟଧାରା ଆହୁରି ସକ୍ରିୟ ହୋଇଥାଏ। କେବଳ ସେତିକି ନୁହେଁ, ଏହାଦ୍ୱାରା ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବା ସହ ମନ ପ୍ରଫୁଲ୍ଲିତ ରୁହେ। ଯେ କୌଣସି କାର୍ଯ୍ୟ କରିବା ପାଇଁ ଆଗ୍ରହ ସୃଷ୍ଟି ହୁଏ ଏବଂ ନିଷ୍ପତ୍ତି ନେବାର କ୍ଷମତାକୁ ବି ବଢ଼ାଏ।

## ସ୍ୱାସ୍ଥ୍ୟ ସୂଚନା

➔ଖାଇ ସାରିବା ପରେ ପରେ ଚା', କଫି କିମ୍ବା ମୃଦୁ ଥଣ୍ଡା ପାନୀୟ ପିଇବା ଅଭ୍ୟାସ ଥିଲେ ତାହାକୁ ବର୍ଜନ କରନ୍ତୁ। କାରଣ ଏହାର ପ୍ରଭାବ ପାଚନକ୍ରିୟା ଉପରେ ପଡ଼ିଥାଏ। ଏପରିକି ଏହାଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ପ୍ରଭାବିତ ହେବାର ଆଶଙ୍କା ରହିଛି।

➔ମେଦ ବୃଦ୍ଧିର ଏକ କାରଣ ବିଷୟରେ ଆପଣ ଜାଣନ୍ତି ? କେତେକଙ୍କର ଅଭ୍ୟାସ ଥାଏ ଯେ ସେମାନେ ଖାଇବା ସମୟରେ ହେଉ ଅବା ଠିକ୍ ଖାଇ ସାରିବା ପରେ ପରେ ପାଣି ପିଇଥାଆନ୍ତି। ଏହାଦ୍ୱାରା ଓଜନ ବଢ଼ିଥାଏ। ତେଣୁ ଖାଇବାର ଅତିକମ୍‌ରେ ଅଧ ଘଣ୍ଟାଏ ପୂର୍ବରୁ କିମ୍ବା ପରେ ପାଣି ପିଅନ୍ତୁ।

➔ଦାନ୍ତମୂଳ ଯେପରି ପରିଷ୍କାର ରହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। କାରଣ ଖାଦ୍ୟର ଅବଶିଷ୍ଟାଂଶ ଦାନ୍ତ ମୂଳରେ ରହିଗଲେ ତାହା ଦାନ୍ତଜନିତ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଖାଇ ସାରିବା ପରେ ଭଲ ଭାବରେ କୁଳି କରନ୍ତୁ। କେବଳ ସକାଳେ ନୁହେଁ, ରାତ୍ରଭୋଜନ ପରେ ଭଲ ଭାବରେ ଦାନ୍ତ ଘଷନ୍ତୁ।



➔ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍‌ର ଭଲ ପ୍ରଭାବ ଶରୀର ଉପରେ ପଡ଼ିଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ ଏହାଦ୍ୱାରା ପାଚନ କ୍ରିୟା ଆହୁରି ସକ୍ରିୟ ହୋଇଥାଏ। ତା' ସହ ଅଣ୍ଟାଜନିତ ଯନ୍ତ୍ରଣାରୁ କେତେକାଂଶରେ ଉପଶମ ମିଳିଥାଏ।

➔ବୟସ ୫୦ ଟପିଥିଲେ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ଏହି ସମୟରେ ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହୁଅନ୍ତୁ। ତା' ସହ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

➔ଆଖୁ ରସରେ ଭିଟାମିନ୍-ସି ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ବାହ୍ୟ ଜୀବାଣୁ ଆକ୍ରମଣରୁ ମଧ ରକ୍ଷା କରିଥାଏ।

➔ରକ୍ତହୀନତା ଭୋଗୁଥିବା ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ପ୍ରତିଦିନ ନିଜ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରି ପାରିବେ।

## ବାଦଲ ଫଟା ବର୍ଷା

(ଶେଷ ଭାଗ)

ତେବେ ପ୍ରଶ୍ନ ଉଠେ ଯେ ଆମର ହିମାଳୟ ଅଞ୍ଚଳ ଏତେ ବାଦଲଫଟା ପ୍ରବଣ କାହିଁକି? ପ୍ରକୃତରେ ହିମାଳୟ ପର୍ବତମାଳାରେ ସମୁଦ୍ର ପତ୍ତନଠାରୁ ବହୁ ଉର୍ଦ୍ଧ୍ୱରେ ଅବସ୍ଥିତ। କିଛି ଅଞ୍ଚଳ ଯଥା ବଦ୍ରିନାଥ, କେଦାରନାଥଠାରେ ଅଧିକାଂଶ ବାଦଲ ଫାଟିବା ଘଟଣା ଦେଖିବାକୁ ମିଳିଥାଏ। ବଦ୍ରିନାଥ ଓ କେଦାରନାଥର ସମୁଦ୍ର ପତ୍ତନଠାରୁ ଉଚ୍ଚତା ଯଥାକ୍ରମେ ୩୩୦୦ ଓ ୩୫୮୩ ମିଟର। ଏଠାକାର ଉତ୍ତୁଙ୍ଗ ପର୍ବତମାଳାରେ ବାଧାପାଇ ଜଳୀୟବାଷ୍ପ ଭରା ମୌସୁମୀବାୟୁ ଆକାଶରେ ବିପୁଳ ମାତ୍ରାରେ ଜମା ହେବାକୁ ଲାଗେ ଏବଂ ବାଦଲ ଫାଟିବା ପାଇଁ ଅନୁକୂଳ ପରିସ୍ଥିତି ସଷ୍ଟି କରେ।

ବାଦଲଫଟା ଓ ପ୍ରବଳ ବର୍ଷା ମଧ୍ୟରେ ସାମାନ୍ୟ ପାର୍ଥକ୍ୟ ରହିଛି। କୌଣସି ସ୍ଥାନରେ ବୃଷ୍ଟିପାତ ପରିମାଣକୁ ସାଧାରଣତଃ ମିଲିମିଟର (ମି.ମି.) ଏକକରେ ପ୍ରକାଶ କରାଯାଏ। ଏହି ଏକକରେ, ବୃଷ୍ଟିପାତ ସମୟରେ ୧ ବର୍ଗ ମିଟର ଅଞ୍ଚଳ ଉପରେ ୧ ଲିଟର ବର୍ଷାଜଳ ସଂଗୃହୀତ ହେଲେ ତାହାକୁ ୧ ମି.ମି. ବୃଷ୍ଟିପାତ ବୋଲି ଧରାଯାଏ। ଘଣ୍ଟାକୁ ବୃଷ୍ଟିପାତ ପରିମାଣ ୨.୫ ମି.ମି. କିମ୍ବା ତା'ଠାରୁ କମ୍ ହେଲେ ତାହାକୁ ସ୍ୱଳ୍ପ ବର୍ଷା, ୨.୫ ମି.ମି. ରୁ ୧୦ ମି.ମି. ମଧ୍ୟରେ ସୀମିତ ରହିଲେ ମଧ୍ୟମ ବର୍ଷା, ୧୦ ମି.ମି.ରୁ ୫୦ ମି.ମି. ମଧ୍ୟରେ ରହିଲେ ଭାରି ବର୍ଷା ଏବଂ ୫୦ ମି.ମି.ରୁ ଅଧିକ ହେଲେ ପ୍ରବଳ ବର୍ଷା ବୋଲି କୁହାଯାଏ। ମାତ୍ର କୌଣସି ସ୍ଥାନରେ ଏକ ଘଣ୍ଟା ସମୟ ମଧ୍ୟରେ ୧୦୦ ମି.ମି. କିମ୍ବା ତା'ଠାରୁ ଅଧିକ ପରିମାଣର ବର୍ଷା ହୋଇଗଲେ ତାହାକୁ ପାଣିପାଗ ବିଜ୍ଞାନର ପରିଭାଷା ଅନୁଯାୟୀ 'ବାଦଲ ଫାଟିବା' ବୋଲି କୁହାଯିବ। ଅର୍ଥାତ କୌଣସି ସ୍ଥାନରେ ବୃଷ୍ଟିପାତକୁ 'ବାଦଲ ଫାଟିବା' କୁହାଯିବା ପାଇଁ ହେଲେ ପ୍ରବଳ ବର୍ଷା ପରିସ୍ଥିତି ସମୟରେ ହେଉଥିବା ବୃଷ୍ଟିପାତ ପରିମାଣର ଦ୍ୱିଗୁଣ କିମ୍ବା ତା'ଠାରୁ ଅଧିକ ବର୍ଷା ହେଉଥିବା ଆବଶ୍ୟକ। ଏଭଳି ଅଚାନକ ଓ ପ୍ରବଳ ବୃଷ୍ଟିପାତ କାରଣରୁ କୌଣସି ସୀମିତ ଓ ଆବଦ୍ଧ ସ୍ଥାନରେ ଜଳର ନିଷ୍କାସନ ଘଟି ନ ପାରି ବନ୍ୟା ଆସିବା ସ୍ୱାଭାବିକ।



ଏବେ ବିଶ୍ୱରେ ବାଦଲ ଫାଟିବା ଘଟଣାର ପ୍ରବଳତା ତଥା ବାରମ୍ବାରତା ବୃଦ୍ଧି ପାଉଥିବାର ପରିଲକ୍ଷିତ ହେଉଛି। ପ୍ରକୃତିର ଏହି ବିଗିଡା ମିଜାଜକୁ ମନୁଷ୍ୟକୃତ କାର୍ଯ୍ୟକଳାପ ଦ୍ୱାରା ସୃଷ୍ଟ ବିଶ୍ୱ ତାପନ ପ୍ରକ୍ରିୟା ସହିତ ସଂଶ୍ଳିଷ୍ଟ କରାଯାଉଛି। ବାୟୁମଣ୍ଡଳ ଓ ସମୁଦ୍ରପୃଷ୍ଠର ତାପମାତ୍ରା ବୃଦ୍ଧି ଯୋଗୁ ଜଳର ବାଷ୍ପିଭବନ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଛି ଏବଂ ବାୟୁମଣ୍ଡଳରେ ଅଧିକ ଜଳୀୟବାଷ୍ପ ଜମାହୋଇ ବାଦଲ ଫାଟିବା ଘଟଣାର କାରଣ ହେଉଛି।

ପାଣିପାଗ ବିଜ୍ଞାନର ଏବେକାର ଜ୍ଞାନକୌଶଳରେ ବନ୍ୟା, ବାତ୍ୟା ଭଳି ବାଦଲ ଫାଟିବା ଘଟଣାର ପୂର୍ବାନୁମାନ କରାଯାଇପାରିବ ନାହିଁ ଏବଂ ଏଥି ନିମନ୍ତେ କୌଣସି ଆଗୁଆ ସୂଚନା ଜାରି କରିବା ସମ୍ଭବ ନୁହେଁ। କେବଳ ବାଦଲ ଫାଟିବା ପ୍ରବଣ ସ୍ଥାନଠାରୁ ଦୂରେଇ ରହିବା ଏବଂ ବ୍ୟକ୍ତିଗତ ସତର୍କତା ଅବଲମ୍ବନ ହିଁ ଏକମାତ୍ର ପ୍ରତିକାର ବ୍ୟବସ୍ଥା। ସରକାରଙ୍କ ତରଫରୁ ବାଦଲଫଟା ପ୍ରବଣ ସ୍ଥାନଗୁଡିକରେ ଉପଯୁକ୍ତ ଜଳ ନିଷ୍କାସନର ବ୍ୟବସ୍ଥା କରାଗଲେ ଏହି ବିପର୍ଯ୍ୟୟର ତୀବ୍ରତା ଓ ପ୍ରକୋପତାକୁ ପ୍ରଶମନ କରାଯାଇ ପାରିବ।

-ନିକୁଞ୍ଜ ବିହାରୀ ସାହୁ,
ଏଜୁକେଶନ ଅଫିସର,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର
ମୋ : ୮୦୧୮୭୦୮୮୫୮

# ଭାରତକୁ ବିଶ୍ୱକପ୍ ଯୋଗ୍ୟତା



ଗୋଲ୍ ସ୍କୋର କରିବା ପରେ ଖୁସି ମୁହୂର୍ତ୍ତରେ ଭାରତୀୟ ଦଳର ଖେଳାଳି।

## ହକି ଏସିଆ କପ୍
### ଭାରତର ଚତୁର୍ଥ ଟାଇଟଲ

**ରାଜଗିର(ବିହାର),୭।୯**

ରାଜଗିର ହକି ଷ୍ଟାଡିୟମରେ ଚାଲିଥିବା ହକି ଏସିଆ କପ୍‌ର ୧୨ତମ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ରହିଥିବା ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତ ୪-୧ ଗୋଲରେ ଡିଫେଣ୍ଡିଂ ଚାମ୍ପିୟନ କୋରିଆକୁ ହରାଇ ଚାମ୍ପିୟନ ହୋଇଛି। ଭାରତୀୟ ଦଳ ଚତୁର୍ଥ ଥର ପାଇଁ ଏହି ଟ୍ରଫି ଉଠାଇଛି। ଏହି ବିଜୟ ସହ ଭାରତୀୟ ଦଳ ଆସନ୍ତାବର୍ଷ ହେବାକୁ ଥିବା ହକି ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିଛି। ତେବେ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୫ ଥର ଟାଇଟଲ ଜିତିବାର ରେକର୍ଡ କୋରିଆ ନାମରେ ରହିଛି। ସର୍ବାଧିକ ଥର ଟାଇଟଲ ଜିତିବାରେ କୋରିଆ ପଛକୁ ୪ ଟାଇଟଲ ସହ ଭାରତ ଦ୍ୱିତୀୟ ସ୍ଥାନରେ ଓ ପାକିସ୍ତାନ ୩ ଟାଇଟଲ ସହ ତୃତୀୟ ସ୍ଥାନରେ ରହିଛି। ଅନ୍ତିମ ଥର ଭାରତ ୨୦୧୭ରେ ଢାକାରେ ଅନୁଷ୍ଠିତ ସଂସ୍କରଣରେ ଟ୍ରଫି ଉଠାଇଥିଲା।

ମ୍ୟାଚ୍ ଆରମ୍ଭରୁ ଭାରତୀୟ ଦଳ ଆକ୍ରମଣାତ୍ମକ ରଣନୀତି ଆପଣେଇଥିଲା। ଫଳରେ ପ୍ରଥମ ମିନିଟ୍‌ରେ ହରମନପ୍ରୀତ ସିଂଙ୍କଠାରୁ ପାଇଥିବା ପାସ୍‌କୁ ସୁଖଜିତ ସିଂ ଗୋଲରେ ପରିଣତ କରିଥିଲେ। ପ୍ରଥମ କ୍ୱାର୍ଟରରେ ଭାରତକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ହେଲେ ଜୁଗରାଜ ସିଂ ଏହାକୁ ଗୋଲ୍‌ରେ ପରିଣତ କରିପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଦିଲପ୍ରୀତ ସିଂ ଚମତ୍କାର ଢଙ୍ଗରେ ଏକ ଫିଲ୍ଡ ଗୋଲ୍ କରିଥିଲେ। ଏଥିଯୋଗୁ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଭାରତୀୟ ଦଳ ୨-୦ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରରେ ଦିଲପ୍ରୀତ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଭାରତୀୟ ଦଳର ଅଗ୍ରଣୀ ବ୍ୟବଧାନକୁ ୩-୦ରେ ପହଞ୍ଚାଇଥିଲେ। ଚତୁର୍ଥ କ୍ୱାର୍ଟରରେ ଭାରତକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଓଡ଼ିଶାର ଅମିତ ରୋହିଦାଶ ଗୋଲରେ ପରିଣତ କରିଥିଲେ। ଏହାର ଏକ ମିନିଟ୍ ପରେ କୋରିଆକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା, ଯାହାକୁ ସୋନ ଡେନ ଗୋଲରେ ପରିଣତ କରି ଏକମାତ୍ର ଗୋଲ ପରିଶୋଧ କରିଥିଲେ।



ଭୁବନେଶ୍ୱର: ଦୁଇ ଥର ବିଶ୍ୱ କରାଟେ ସେନସେଇ ଅମିର ମେହଦି ଜେଦେ ରବିବାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ କଳିଙ୍ଗ ଷ୍ଟାଡିୟମଠାରେ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ନିକଟରେ ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି ଓ ରାଜ୍ୟ କରାଟେ ସଂଘର ସଭାପତି ଡ. ହରି ପ୍ରସାଦ ପଟ୍ଟନାୟକ ଉପସ୍ଥିତ ଅଛନ୍ତି।

# ନେମାରଙ୍କ ପାଇଁ ଛାଡ଼ିଗଲେ ୧୦ ହଜାର କୋଟି

**ବ୍ରାସିଲ,୭।୯**

ନିକଟରେ ପ୍ରାଣ ହରାଇଥିବା ବ୍ରାଜିଲର ଜଣେ ଧନୀ ବ୍ୟକ୍ତି ଫୁଟବଲ ସୁପରଷ୍ଟାର ନେମାରଙ୍କ ଲାଗି ୧୦ ହଜାରରୁ ଅଧିକ କୋଟି ଟଙ୍କା ଛାଡ଼ି ଯାଇଛନ୍ତି। ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ମୁତାବକ, ବ୍ରାଜିଲର ଜଣେ କୋଟିପତି ତାଙ୍କ ୱିଲ୍‌ରେ ନେମାରଙ୍କ ଲାଗି ୮୪୬ ମିଲିଅନ୍ ପାଉଣ୍ଡ ବା ୧୦,୦୭୭ କୋଟି ଟଙ୍କା ଛାଡ଼ି ଯାଇଛନ୍ତି। ନେମାରଙ୍କ ଭଳି ଉକ୍ତ କୋଟିପତିଙ୍କ ଦେଶ ବ୍ରାଜିଲ ହୋଇଥିଲେ ବି ଦୁହେଁ କଦାପି ପରସ୍ପରକୁ ଭେଟି ନ ଥିଲେ। ଉକ୍ତ ଅଜ୍ଞାତ କୋଟିପତିଙ୍କ ପତ୍ନୀ କିମ୍ବା କୌଣସି ଛୁଆ ନ ଥିଲେ। ତାଙ୍କର ୱିଲ ପୋର୍ଟୋ ଆଲେଗ୍ରେ କାର୍ଯ୍ୟାଳୟରେ ଚୂଡ଼ାନ୍ତ ହୋଇଛି ଏବଂ ସେଥିରେ ଜୁନ ୧୨ ତାରିଖରେ ଦୁଇ ସାକ୍ଷୀଙ୍କ ହସ୍ତାକ୍ଷର ରହିଛି। ତେବେ ଏ ସଂକ୍ରାନ୍ତରେ ନେମାର କୌଣସି ପ୍ରତିକ୍ରିୟା ରଖି ନାହାନ୍ତି।

# ଜଷ୍ଟିସ ରାଓଙ୍କ ନେତୃତ୍ୱରେ ୩ ଜଣିଆ କମିଟି ଗଠିତ

**ନୂଆଦିଲ୍ଲୀ,୭।୯(ପି.ଟି.):** ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ନୂଆ କମର୍ସିଆଲ ପାର୍ଟନର ଖୋଜିବା ପାଇଁ ପୂରା ଟେଣ୍ଡର ପ୍ରକ୍ରିୟାର ତଦାରଖ ଲାଗି ଅଲ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପୂର୍ବତନ ଜଷ୍ଟିସ ଏଲ୍ ନାଗେଶ୍ୱର ରାଓଙ୍କ ନେତୃତ୍ୱରେ ଏକ ୩ ଜଣିଆ କମିଟି ଗଠନ କରିଛି। କମିଟିରେ ଅନ୍ୟ ଦୁଇ ସଦସ୍ୟ ହେଲେ ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ (ଏଏଫ୍‌ସି) ଅଡିଟ୍ ଓ କମ୍ପ୍ଲାଏନ୍ସ କମିଟି ସଦସ୍ୟ କେଶବରନ ମୁରୁଗାସୁ ଓ ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ଦ୍ୱିତୀୟ ରାଜ୍ୟ ସ୍କୁଲ୍ସ ଓପନ ଚେସ୍: ସତ୍ୟମ୍ ସ୍ୱରୂପ ଚାମ୍ପିୟନ

**ଭୁବନେଶ୍ୱର, ୭।୯ (ବିଜୟ ରଣା)**

ଡିଏଭି ସ୍କୁଲ ପୋଖରିପୁଟ୍ ଆନୁକୂଲ୍ୟରେ ଦ୍ୱିତୀୟ ରାଜ୍ୟ ସ୍କୁଲ୍ସ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଗୁରୁନାନକ ପବ୍ଲିକ ସ୍କୁଲ, କଟକର ସତ୍ୟମ୍ ସ୍ୱରୂପ ସାହୁ ୪.୫ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ-୧, ଭୁବନେଶ୍ୱରର ସ୍ୱସ୍ତିକ ତ୍ରିପାଠୀ ୪.୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ନାରାୟଣ -ଇ- ଟେକ୍ନୋ ସ୍କୁଲର ଆୟାବନ୍ତ ମହାନ୍ତି, ଆପିଜେ ସ୍କୁଲର ପ୍ରାଂଶୁ ଦାଶ ଓ ଡିଏଭି ପବ୍ଲିକ ସ୍କୁଲ ୟୁନିଟ୍-୮ର ଆକର୍ଷ ପ୍ରକାଶ ପ୍ରତ୍ୟେକ ୪ ପଏଣ୍ଟ ସହ ଯଥାକ୍ରମେ ୩ୟରୁ ୫ମ ସ୍ଥାନ ଅଧିକାର କରିଥିଲେ। ବାଳିକା ବିଭାଗରେ ଶ୍ରେୟାଂଶୀ ଛୋଟରାୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସ୍ଥିତପ୍ରଜ୍ଞା ପଟ୍ଟନାୟକ ଦ୍ୱିତୀୟ ହୋଇଥିଲେ। ୧୪ବର୍ଷରୁ କମ୍, ୧୨ବର୍ଷରୁ କମ୍, ୧୦ବର୍ଷରୁ କମ୍ ଓ ୮ ବର୍ଷରୁ କମ୍ ବିଭାଗରେ ମଧ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଡିଏଭି ପବ୍ଲିକ ସ୍କୁଲ, ପୋଖରିପୁଟ୍‌ର ପ୍ରିନ୍ସପାଲ ବିପିନ କୁମାର ସାହୁ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍କୁଲର ସିନିୟର ସୁପରଭାଇଜର ଶିତିକାନ୍ତ ପତି, ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ଦୀପକ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ।

# ଭର୍ଷ୍ଟାପେନ୍ ଜିତିଲେ ଇଟାଲିଆନ ଗ୍ରାଁ ପ୍ରି

**ମୋଞ୍ଜା (ଇଟାଲି), ୭।୯ (ଏପି)**

ରେଡବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଚମତ୍କାର ଡ୍ରାଇଭିଂ କରି ଟାଇଟଲ ଦାବିଦାର ମ୍ୟାକଲରେନର ଦୁଇ ଡ୍ରାଇଭର ଲାଣ୍ଡୋ ନୋରିସ ଓ ଓସ୍କାର ପିଆଷ୍ଟ୍ରିଙ୍କୁ ପଛରେ ପକାଇ ଏଠାରେ ରବିବାର ଅନୁଷ୍ଠିତ ଇଟାଲିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଚଳିତ ମେ ମାସ ପରେ ଏହା ତାଙ୍କର ପ୍ରଥମ ଏବଂ ସିଜନରେ ତୃତୀୟ ଟାଇଟଲ। ଏହି ୪ଥର ବିଶ୍ୱ ଚାମ୍ପିୟନ ଶନିବାର ଫର୍ମୁଲା-୧ ଇତିହାସରେ ଦ୍ରୁତତମ ଲାପ୍ ସହ ପୋଲ୍ ପୋଜିଶନ ହାସଲ କରିଥିଲେ। ରବିବାରର ଫଳାଫଳ ପରେ ଟାଇଟଲ ଦୌଡ଼ରେ ପ୍ରଥମ ସ୍ଥାନରେ ରହିଥିବା ପିଆଷ୍ଟ୍ରି ଏବଂ ଦ୍ୱିତୀୟ ସ୍ଥାନରେ ରହିଥିବା ତାଙ୍କ ଟିମ୍‌ମେଟ୍ ନୋରିସଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ୩୧କୁ ହ୍ରାସ ପାଇଛି। ରେସ୍ ଆରମ୍ଭ ପୂର୍ବରୁ ନୋରିସ ଅଷ୍ଟ୍ରେଲୀୟ ଡ୍ରାଇଭରଙ୍କଠାରୁ ୩୪ ପଏଣ୍ଟ ପଛରେ ଥିଲେ। ରେସ୍‌ରେ ୪ର୍ଥରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଚାର୍ଲ୍ସ ଲେକ୍‌ରେକ୍ (ଫେରାରି), ଜର୍ଜ ରସେଲ (ମର୍ସିଡିଜ୍), ଲୁଇସ୍ ହାମିଲଟନ (ଫେରାରି), ଆଲେକ୍‌ଜାଣ୍ଡର ଆଲବନ୍ (ୱିଲିୟମ୍ସ), ଗାବ୍ରିଏଲ୍ ବୋର୍ଟୋଲେଟୋ (ସୌବେର), କିମି ଆଣ୍ଟୋନେଲି (ମର୍ସିଡିଜ୍) ଓ ଆଇଜାକ୍ ହାଜାର।



ଟ୍ରଫି ସହ ମାକ୍ସ ଭର୍ଷ୍ଟାପେନ।




# ସାବାଲେଙ୍କାଙ୍କୁ ଚତୁର୍ଥ ଗ୍ରାଣ୍ଡସ୍ଲାମ



ଟ୍ରଫି ସହ ମହିଳା ସିଙ୍ଗଲ୍ସ ଚାମ୍ପିୟନ ଆରିନା ସାବାଲେଙ୍କା।

## ୟୁଏସ୍ ଓପନ

**ନ୍ୟୁୟର୍କ, ୭।୯**

ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ସଫଳତାର ସହ ତାଙ୍କର ୟୁଏସ୍ ଓପନ ଟାଇଟଲ ବଜାୟ ରଖିଛନ୍ତି। ଏଥିସହିତ ସେ ଟେନିସ ଲିଜେଣ୍ଡ ସେରେନା ୱିଲିଅମ୍ସଙ୍କ ପରେ ପ୍ରଥମ ମହିଳା ଖେଳାଳି ଭାବେ ସାବାଲେଙ୍କା ୟୁଏସ୍ ଓପନରେ ଟାଇଟଲ ବଜାୟ ରଖିଛନ୍ତି। ସେରେନା ୨୦୧୪ରେ ପ୍ରଥମ ମହିଳା ଭାବେ ୟୁଏସ୍ ଓପନରେ ଲଗାତର ଦୁଇ ଥର ଟାଇଟଲ ଜିତିଥିଲେ। ଚଳିତ ୟୁଏସ୍ ଓପନରେ ଟାଇଟଲ ଜିତିବା ପୂର୍ବରୁ ୨୭ ବର୍ଷୀୟ ସାବାଲେଙ୍କା ୱିମ୍ବଲଡନ ସେମିଫାଇନାଲରେ ଓ ଫ୍ରେଞ୍ଚ ଓପନ ଫାଇନାଲରେ ପରାସ୍ତ ହୋଇଥିଲେ। ଚଳିତ ସିଜନରେ ଏହା ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ। ଏହା ତାଙ୍କ କ୍ୟାରିୟରର ଚତୁର୍ଥ ଗ୍ରାଣ୍ଡସ୍ଲାମ ଓ ମୋଟ ଉପରେ ୨୧ତମ ଟାଇଟଲ। ଅନ୍ୟପକ୍ଷରେ ୨୪ ବର୍ଷୀୟା ଆନିସିମୋଭାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଅପେକ୍ଷା ଜାରି ରହିଛି। ସେ ଏଥିପୂର୍ବରୁ ୱିମ୍ବଲଡନ ଫାଇନାଲରେ ଇଗା ସ୍ୱିଟେକଙ୍କଠାରୁ ପରାସ୍ତ ହୋଇଥିଲେ। ପରାଜୟ ସତ୍ତ୍ୱେ ସେ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ରେ ଚତୁର୍ଥ ସ୍ଥାନକୁ ଉଠିବା ସ୍ପଷ୍ଟ ହୋଇଛି।

ରବିବାର ଅନୁଷ୍ଠିତ ଫାଇନାଲରେ ସାବାଲେଙ୍କା ୮ମ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କୁ ୬-୩, ୭-୬ (୭/୩) ସିଧାସଳଖ ସେଟ୍‌ରେ ପରାସ୍ତ କରିଛନ୍ତି। ଏକ ଘଣ୍ଟା ୩୪ ମିନିଟ୍ ଧରି ଚାଲିଥିବା ମୁକାବିଲାରେ ସାବାଲେଙ୍କା ପ୍ରଥମ ସେଟ୍‌କୁ ଅପେକ୍ଷାକୃତ ସହଜରେ ଜିତିଥିବା ବେଳେ ଦ୍ୱିତୀୟ ସେଟ୍‌ରେ ତାଙ୍କୁ କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏପରିକି ଦ୍ୱିତୀୟ ସେଟ୍‌ର ଫଳାଫଳ ପାଇଁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ହେଲେ ଏଥିରେ ବେଲାରୁଷର ସାବାଲେଙ୍କା ବାଜି ମାରି ନେଇଥିଲେ।

## ଗ୍ରାନୋଲର୍ସ-ଜେବାଲସଙ୍କୁ ପୁରୁଷ ଡବଲ୍ସ ଟାଇଟଲ

ପଞ୍ଚମ ସିଡ୍ ମାର୍ସେଲ ଗ୍ରାନୋଲର୍ସ ଓ ହୋରାସିଓ ଜେବାଲସ ୟୁଏସ୍ ଓପନ ପୁରୁଷ ଡବଲ୍ସ ଟାଇଟଲ ଜିତିଛନ୍ତି। ଚଳିତ ସିଜନରେ ଏହା ସେମାନଙ୍କର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ। ଏହି ସ୍ପାନିଶ-ଆର୍ଜେଣ୍ଟାଇନ ଯୋଡ଼ି ରବିବାର ଅନୁଷ୍ଠିତ ଫାଇନାଲରେ ୩-୬, ୭-୬ (୭/୪), ୭-୫ ସେଟ୍‌ରେ ବ୍ରିଟିଶ ଯୋଡ଼ି ଜୋ ସାଲିସବରୀ ଓ ନିଲ ସ୍କୁପସ୍କିଙ୍କୁ ପରାସ୍ତ କରିଛନ୍ତି। ଏହା ଗ୍ରାନୋଲର୍ସ ଓ ଜେବାଲ୍ସଙ୍କ ଦ୍ୱିତୀୟ ଡବଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ। ଏଥିପୂର୍ବରୁ ସେମାନେ ସମାନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଫାଇନାଲରେ ହରାଇ ଫ୍ରେଞ୍ଚ ଓପନ ଜିତିଥିଲେ। ଗ୍ରାନୋଲର୍ସ ଓ ଜେବାଲସ ୨୦୧୯ ୟୁଏସ୍ ଓପନ ଫାଇନାଲରେ ପରାସ୍ତ ହୋଇଥିଲେ।



ମାର୍ସେଲ ଗ୍ରାନୋଲର୍ସ ଓ ହୋରାସିଓ ଜେବାଲସ।

# ପୁରୁଷ କମ୍ପାଉଣ୍ଡ ଟିମ୍‌କୁ ସ୍ୱର୍ଣ୍ଣ ପଦକ

## ବିଶ୍ୱ ତୀରନ୍ଦାଜୀ ଚାମ୍ପିୟନଶିପ୍

**ଗ୍ୱାଙ୍ଗଜୁ, ୭।୯ (ପି.ଟି.)**

ବିଶ୍ୱ ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ଭାରତୀୟ ପୁରୁଷ ଦଳ କମ୍ପାଉଣ୍ଡ ଇଭେଣ୍ଟରେ ପ୍ରଥମ ଥର ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଭାରତୀୟ ମହିଳା ଦଳ ୮ବର୍ଷରେ ପ୍ରଥମ ଥର ପୋଡିୟମ ଫିନିଶ କରିପାରିନାହିଁ। ଭାରତର ଟପ୍ କ୍ୱାଲିଫାୟର ରିଷଭ ଯାଦବ ମଧ୍ୟ ଏକ ଡବଲ୍ ସହ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ଭେଟେରାନ ଜ୍ୟୋତି ସୁରେଖାଙ୍କ ସହ ମିକ୍ସଡ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିପାରିଛନ୍ତି। ୨୦୧୭ରୁ ସ୍ଥିର ପ୍ରଦର୍ଶନ କରି ପଦକ ଜିତିଆସୁଥିବା ମହିଳା ଦଳ କିନ୍ତୁ ଏଥର ପ୍ରି-କ୍ୱାର୍ଟରଫାଇନାଲରୁ ବିଦାୟ ନେଇଛି। ଦ୍ୱିତୀୟ ସିଡ୍ ଯାଦବ ବ୍ୟକ୍ତିଗତ କ୍ୱାଲିଫାୟର୍ସରେ ୮ମ ସ୍ଥାନ ଅଧିକାର କରିଥିଲେ। ତେବେ ଭାରତୀୟ ପୁରୁଷ ତ୍ରୟ ଯାଦବ, ଅମନ ସାଇନି ଓ ପ୍ରଥମେଶ ଫୁଗେ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ଫାଇନାଲରେ ଫ୍ରାନ୍ସ ଦଳକୁ ୨୩୫-୨୩୩ରେ ହରାଇ ଦେଇଥିଲେ। ଫ୍ରାନ୍ସ ତରଫରୁ ନିକୋଲାସ ଜିରାର୍ଡ, ଜିନ୍ ଫିଲିପ ବୋଲଚ ଓ ଫ୍ରାଙ୍କୋଇସ୍ ଡୁବୋଇସ୍ ପ୍ରତିନିଧିତ୍ୱ କରୁଥିଲେ। କିନ୍ତୁ ଭାରତୀୟ ୟୁନିଟ୍ ଚାପରେ ଥାଇ ଉଲ୍ଲେଖନୀୟ ପ୍ରତ୍ୟାବର୍ତ୍ତନ କରିଥିଲା। ଭାରତୀୟ ଦଳର ଏହି ବିଜୟ ପଛରେ ଅଧିକ ଶ୍ରେୟ ଫୁଗେଙ୍କୁ ଯିବ। କାରଣ ଭାରତ ସର୍ବନିମ୍ନ କ୍ୱାଲିଫାୟର ଭାବେ ୧୯ତମ ସ୍ଥାନରେ ରହିଥିଲା। ଦଳର ଆରମ୍ଭ ଦୁଇଟି ୯-ଏସ୍ ସହ ମଧ୍ୟ ଉତ୍ସାହଜନକ ନ ଥିଲା। ମାତ୍ର ଏହି ୨୨ ବର୍ଷୀୟଙ୍କ ଏକ ଡିସିସିଭ ଫାଇନାଲ ଆରୋ ସମେତ କ୍ରମାଗତ ସିକ୍ସ ୧୦ଏସ୍ ଯୋଗୁ ଭାରତ ଐତିହାସିକ ସ୍ୱର୍ଣ୍ଣ ଜିତିବାରେ ସମର୍ଥ ହୋଇଥିଲା। କେବଳ ଫୁଗେ ନୁହନ୍ତି ଏହି ୩ ତୀରନ୍ଦାଜଙ୍କ ମଧ୍ୟରୁ ପ୍ରତ୍ୟେକ ସଦସ୍ୟ ଚାପକୁ ଠିକଣା ରୂପେ ହାତେଇ ପାରିଥିଲେ ବୋଲି ଭାରତର ମୁଖ୍ୟ କମ୍ପାଉଣ୍ଡ କୋଚ୍ ଜୀବନଜ୍ୟୋତ ସିଂ ତେଜା ପ୍ରକାଶ କରିଛନ୍ତି।



ଅମନ ସଇନି, ରିଷଭ ଯାଦବ ଓ ପ୍ରଥମେଶ ଫୁଗେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ